


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-95 • SUNDAY • 28 SEPTEMBER 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୯୫ • ରବିବାର • ୨୮ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦ (ସିନ୍ଦୂରା ସହ)



# APTI PLUS
Academy for Civil Services Pvt. Ltd.

## Legacy Unstoppable.
## Congratulations to our toppers of
# OAS 2023

**280+ Selections**
4 selections in Top 10
12 selections in Top 20
76 selections in Top 100

Mirza Faiz Ahmed — Rank 4 — IGP
Antim Swain — Rank 6 — Mains Guidance Program
Shailesh Kumar Bhoi — Rank 7 — Classroom Program
Md. Nazif Hatif — Rank 8 — IGP
Swarupini Patnaik — Rank 12 — IGP
Krishna Gopal Swain — Rank 13 — IGP
Sneha Das Mohapatra — Rank 14 — Mains Mentorship Program
Asutosh Satpathy — Rank 15 — IGP
Deepsita Behera — Rank 16 — Mains Guidance Program
Supriya Mishra — Rank 17 — IGP
Aseema Anwesha — Rank 18 — Mains Guidance Program
Mg Subarna Mohanty — Rank 19 — IGP


CELEBRATION OF OAS 2023

**BEHIND EVERY RANK, THERE'S A TEAM.**
**To our Faculty, Content Team & Support Staff-**
Your hard work, passion, and commitment made this historic success possible.
This victory belongs as much to you as to our students!

Akash K. Pradhan — Rank 21 — IGP
Soumya R. Panda — Rank 22 — IGP
Barnali Acharya — Rank 23 — Prelims Guidance Program
Ashutosh Swain — Rank 24 — IGP
Tanisha Behera — Rank 26 — IGP
Prasannajit Panda — Rank 27 — IGP
Kalyani Sahoo — Rank 29 — IGP
Mrutyunjaya Raul — Rank 31 — IGP
Manisha Nayak — Rank 33 — IGP
Shaswatee Pattanaik — Rank 34 — IGP
Sourav Mittal — Rank 35 — IGP
Swetapadma Mohanty — Rank 36 — IGP
Sai Raman Patra — Rank 37 — IGP
Sonali Tripathy — Rank 39 — IGP
Jyotiprakash Samal — Rank 41 — IGP
Puspita Tripathy — Rank 42 — IGP
Srikumar Pradahan — Rank 44 — IGP
Swaldeepa Raut — Rank 46 — IGP
Jyotirmayee Swain — Rank 49 — Classroom Program
Mihika Das — Rank 51 — IGP
Sidhant Mishra — Rank 53 — CLASSROOM
Ahalya Rautaray — Rank 54 — IGP
Sandeep K. Subhadarshi — Rank 55 — IGP
Biswajit Mohanty — Rank 57 — CLASSROOM
Bibhubrata Dash — Rank 58 — IGP
Saktisudha Dash — Rank 59 — IGP
Subhashree Jena — Rank 61 — IGP
Pratikshya Mohapatra — Rank 62 — MGP
Pratyush Satapathy — Rank 63 — IGP
Lopamudra Pradhan — Rank 64 — IGP
Lopamudra Pradhan — Rank 66 — IGP
Tarini Prasad Dash — Rank 66 — IGP
Deviprasanna Das — Rank 68 — IGP
Mohit Biswal — Rank 69 — IGP
Monalisha Rout — Rank 71 — IGP
Srinibas Sarangi — Rank 72 — MGP
Madhusmita Dash — Rank 73 — IGP
Saikrushna Samal — Rank 75 — IGP
Roshan Patel — Rank 77 — IGP
Subhashree Subhasmita — Rank 79 — CLASSROOM
Priyanshu Panda — Rank 82 — IGP
Rojalin Jena — Rank 85 — IGP
Anshuman Sahu — Rank 86 — IGP
Kharavel Pradhan — Rank 88 — IGP
Monalisa Sahu — Rank 93 — IGP
Subhashree Ankita P. — Rank 101 — IGP
Pratyush K. Mohapatra — Rank 109 — IGP
Payoja Ojha — Rank 110 — IGP
Mohammad Asif Khan — Rank 117 — IGP
Baisakhi Dash — Rank 118 — IGP
Rn Goutam Debadutta — Rank 119 — IGP
Srinibash Dash — Rank 123 — IGP
Archana Sarangi — Rank 124 — MAINS GUIDANCE PROGRAM
Swastiranjan Sahoo — Rank 125 — IGP
Rupesh Kumar Rout — Rank 126 — IGP
Samikhya Mohapatra — Rank 127 — IGP
Pratik Rath — Rank 129 — IGP
Tanistha Nayak — Rank 133 — IGP
Dr. Sasmita Tripathy — Rank 134 — MAINS GUIDANCE PROGRAM
Sarita Nayak — Rank 135 — IGP
Shibam Swarup Mohanty — Rank 136 — PRELIMS GUIDANCE PROGRAM
Satyajit Raiguru — Rank 138 — IGP
Balaram Sahu — Rank 140 — IGP
Biswajit Behera — Rank 141 — IGP
Pratishruti Palai — Rank 142 — IGP
Puspanjali Sahoo — Rank 147 — IGP
Anil Kumar Sahu — Rank 150 — IGP
Sahil Kumar Patra — Rank 152 — IGP
Abhijit Jayaprakash Pradhan — Rank 153 — IGP
Soumya Ranjan Sahoo — Rank 154 — IGP
Samyak S. Mohapatra — Rank 156 — MAINS GUIDANCE PROGRAM
Pooja Samal — Rank 157 — IGP
Niraskar Sahu — Rank 158 — IGP
Abhisek Pani — Rank 159 — CLASSROOM PROGRAM
Chinmay K. Panda — Rank 161 — IGP
Jyoti Prava Tripathy — Rank 162 — IGP
Prakash Sahoo — Rank 165 — IGP
Sonali Jena — Rank 169 — IGP
Sasmita Sahoo — Rank 171 — IGP
Satyaranjan Beura — Rank 172 — IGP
Ashutosh Sahu — Rank 173 — MAINS GUIDANCE PROGRAM
Arichisa Nayak — Rank 174 — IGP
Sonali Sahoo — Rank 175 — IGP
Atya Aneesha Nayak — Rank 177 — IGP
Rajshree Ojha — Rank 178 — MAINS MENTORSHIP PROGRAM
Sidharth K. Patra — Rank 179 — IGP
Byomakesh Satapathy — Rank 180 — IGP
Sabyasachi Parida — Rank 185 — IGP
Bhupendra Shukla — Rank 186 — IGP
Siddharth Chapdar — Rank 187 — IGP
Abhilash Dash — Rank 188 — CLASS ROOM PROGRAM
Soumya Prakash Bhoi — Rank 189 — IGP
Shradha Suman — Rank 191 — IGP
Sumistha Priyadarshini — Rank 192 — IGP
Nagma Sahin — Rank 193 — IGP
Nandita Samal — Rank 194 — IGP
Kalu Rauta — Rank 195 — PRELIMS & MAINS GUIDANCE PROGRAM
Abhigna Khuntia — Rank 197 — IGP
Jayaprakash Behera — Rank 200 — IGP

**& many more...**

**Features:**
- Renowned Faculty from **DELHI** with Extensive CSE experience.
- Scientifically design Stepwise Training from Basic NCERT to Advance Level.
- Separate Doubt Clearing Session & Weekly Current Affairs Session
- National Level Test Series with a 'Learn-Revise-Test-Succeed' approach
- Mode of Class is Offline / Online / Hybrid with Library and Hostel facilities
- Undivided Attention by Personal Mentors.
- Weekly Evaluation progress made. Analysis of Strength and Weakness.
- Specific focus on upcoming UPSC & OPSC Exam with new approach

ADMISSIONS OPEN FOR
**IAS & OAS**
GRADUATES & 12th PASS CANDIDATES
Integrated & Foundation Courses

**OUR DEDICATED FACULTY TEAM & RIGOROUS PREPARATION METHODS ENSURE UNMATCHED RESULTS**



Deepak Gouda — Economy
Sanjay Singh — Indian Art & Culture
Vivek Kaushik — Indian Polity
Shweta Singh — Essay, Social Issues & CSAT, Sociology Optional
Neeraj Nachiketa — General Science: Science & Technology
Akhilesh Srivastava — Geography (Optional) and Science &Tech. (GS)
Sanjay Bhardwaj — Ancient, Medieval & Modern History
Satprakash Sharma — History
Dharmendra Arya — Ethics, Integrity & Aptitude, Pub Ad (Optional)
K. Hidaytulla — General Science

**Call: 9938386166, 7327846166, 8260677707**
**JAYDEV VIHAR, BHUBANESWAR**

# କଳବଳ କରୁଛି 'ଲେଉଟାଣି ମୌସୁମୀ'

ଭୁବନେଶ୍ୱର, ୨୭।୯ (ସମିସ): ଲେଉଟାଣି ସମୟରେ ମୌସୁମୀ କଳବଳ କରୁଛି। ସେପ୍ଟେମ୍ବର ୧୫ ତାରିଖରୁ ରାଜସ୍ଥାନରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଥିବା ଚଳିତ ଋତୁର ମୌସୁମୀ ଉତ୍ତର ଭାରତରେ ପ୍ରବଳ ବର୍ଷା କରାଇ ଭୂସ୍ଖଳନ ଓ ବନ୍ୟା ସ୍ଥିତି ସୃଷ୍ଟି କରିଥିବା ବେଳେ ଓଡ଼ିଶାରେ ମଧ୍ୟ ବିଭିନ୍ନ ନଦୀରେ ବନ୍ୟା ଆଶଙ୍କା

**୧ ରେ ପୁଣି ଏକ ଲଘୁଚାପ**

**୩୦ ଜିଲ୍ଲାକୁ ସତର୍କତା ଜାରି**

ସୃଷ୍ଟି କରିଛି। ବିଶେଷକରି ଗତ ୨୫ ତାରିଖରୁ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ଲଘୁଚାପଜନିତ ଲଗାଣ ବର୍ଷା ଜନଜୀବନକୁ ବ୍ୟାହତ କରିଛି। ସଂପ୍ରତି ଦକ୍ଷିଣ-ଓଡ଼ିଶାରେ ସକ୍ରିୟ ରହିଥିବା ଅବପାତ ଧୀରେ ଧୀରେ ଦୁର୍ବଳ ହୋଇ ଘଣ୍ଟା ପ୍ରତି ୧୬ କିମି ବେଗରେ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଆଡ଼କୁ ଗତି କରୁଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା କ୍ରମଶଃ ଦୁର୍ବଳ ହୋଇ ସୁଦୃଶ୍ୟ ଲଘୁଚାପରେ ପରିଣତ ହେବ। ଏହା ପ୍ରଭାବରେ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ମହାନଦୀର ଉପରମୁଣ୍ଡରେ ବନ୍ୟାଜଳ ସ୍ଥିତି ଗୁରୁତର ହେବା ସହ ହୀରାକୁଦ ଜଳଭଣ୍ଡାର ପୁଣି ଫୁଲିବାର ଆଶଙ୍କା ରହିଛି। ତେବେ ଆଜି ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳ ଭଣ୍ଡାରର ଜଳସ୍ତର କମିଥିବାରୁ ଆଉ ୪ଟି ଗେଟ୍ ବନ୍ଦ କରି ଦିଆଯାଇଛି। ଏବେ ୧୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି।

ଅବପାତ ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ସାରା ରାଜ୍ୟରେ ୨୭ ମିମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବିଶେଷକରି ଗଞ୍ଜାମ, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିଛି। ଲଗାଣ ବର୍ଷା ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଥିଲେ ହେଁ ବନ୍ୟା ସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ଜଳସେଚନ ବିଭାଗ ପ୍ରମୁଖ ଯନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ୩୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଏହା କ୍ରମଶଃ ଘନୀଭୂତ ହୋଇ ଅକ୍ଟୋବର ୧ ତାରିଖ ସୁଦ୍ଧା ଲଘୁଚାପରେ ପରିଣତ ହୋଇପାରେ। ଏହାର ପ୍ରଭାବରେ ରାଜ୍ୟବ୍ୟାପି ମଧ୍ୟମରୁ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଏଥିପାଇଁ ୩୦ଟି ଜିଲ୍ଲାକୁ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

## ରେତ କେନାଲରେ ଘାଇ

ଭବାନୀପାଟଣା, ୨୭।୯ (ସମିସ): ମୂଷଳାଧାରା ବର୍ଷା ଯୋଗୁଁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ୍ ଦେପୁର ନିକଟସ୍ଥ ରେତ ଜଳସେଚନ ପ୍ରକଳ୍ପର ବାମ ମୁଖ୍ୟ କେନାଲରେ ୫ ମିଟରର ଏକ ଘାଇ ସୃଷ୍ଟି ହୋଇଛି। ଫଳରେ ୬୦ରୁ ଊର୍ଦ୍ଧ୍ୱ ଏକର ଚାଷ ଜମି ଜଳମଗ୍ନ ହୋଇଯାଇଛି।



ଖବର ପାଇ ଘଟଣାସ୍ଥଳରେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କିନ୍ତୁ ଆଜି ମଧ୍ୟ ଦିନତମାମ ବର୍ଷା ଜାରି ରହିଥିବାରୁ ମରାମତି ସମ୍ଭବ ହୋଇପାରିନାହିଁ। ଅପରପକ୍ଷେ, ହଠାତ୍ କେନାଲ ପାଣି ମାଡ଼ିଯିବାରୁ ଅମଳ ଅପେକ୍ଷାରେ ଥିବା ଧାନ ଗଛ ସବୁ ପାଣିରେ ବୁଡ଼ିଯାଇଥିବା ବେଳେ ଜମିରେ ବାଲିଚର ମାଡ଼ିଯାଇଛି। ଫଳରେ ଧାନ ଚାଷ ନଷ୍ଟ ହେବା ଆଶଙ୍କାରେ ସ୍ଥାନୀୟ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

ସୂଚନାଯୋଗ୍ୟ, ନର୍ଲା ବ୍ଲକ୍ କୁଟିଙ୍ଗପଦରଠାରେ ରେତ ବନ୍ଧ ପ୍ରକଳ୍ପ ନିର୍ମାଣ ହୋଇଛି। ଏହି କେନାଲ ଉପରେ ୪ଟି ବ୍ଲକ୍‌ର ୯୭ ଗ୍ରାମର ୫୧୯୫ଜଣ ଚାଷୀ ଉପକୃତ ହୋଇ ଆସୁଛନ୍ତି। ଏହି କେନାଲରୁ ଖରିଫରେ ୮୫୦୦ ଏବଂ ରବିରେ ୨୨୫୦ ହେକ୍ଟର ଜମିରେ ଜଳସେଚିତ ହୋଇଥାଏ। ତେବେ ନିର୍ମାଣର ଏତେ କମ୍ ସମୟ ମଧ୍ୟରେ ଘାଇ ସୃଷ୍ଟି ହେବା କେନାଲର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସଂପର୍କରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ ଅନନ୍ତ ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଶୁକ୍ରବାର ରାତିରେ ଅଞ୍ଚଳରେ ୭୩ ମିମି ବର୍ଷା ହେବାରୁ କେନାଲ ପାଣି ବନ୍ଦ କରିଦେଇଥିଲୁ। ତେବେ ପାହାଡ଼ ପଟରୁ ହଠାତ୍ ପାଣି ମାଡ଼ି ଆସିବାରୁ ଏପରି ଅବସ୍ଥା ହୋଇଛି। ଶୀଘ୍ର ପାଣି କମିଲେ କେନାଲ ମରାମତି କାମକୁ ତ୍ୱରାନ୍ୱିତ କରାଯିବ।

# ସାର କହି ଚାଷୀଙ୍କୁ 'ଲୁଣ'

ବାଲେଶ୍ୱର, ୨୭।୯ (ସମିସ): ସାର ଅଭାବ ଯୋଗୁଁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ଅସନ୍ତୋଷ ଦେଖିବାକୁ ମିଳୁଛି। ରାତି ଅନିଦ୍ରା ହୋଇ ଚାଷୀ ସମବାୟ ସମିତି ଆଗରେ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ଶେଷରେ ନିରାଶ ହୋଇ ଫେରୁଛି। ଆଉ କିଛି ଚାଷୀ ଅନ୍ୟ ଉପାୟ ନପାଇ ଦୁଇରୁ ତିନିଗୁଣା ଅଧିକ ଟଙ୍କାରେ କଳାବଜାରରୁ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ଏପରି ସ୍ଥିତି (ସାର ଅଭାବ)ର ଫାଇଦା ନେଇ ଏବେ ଅସାଧୁ ବେପାରୀମାନେ ନକଲି ସାର ବିକିବା ଆରମ୍ଭ କରିଦେଲେଣି। ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରି ଅଭିଯୋଗ ଆସୁଥିବା ବେଳେ ଆଜି ବାଲେଶ୍ୱର ସହରର ଅରଡ଼ବଜାରରୁ କୃଷି ବିଭାଗ ଏକ ନକଲି ସାର ଗୋଦାମ ଠାବ କରିଛି। କୃଷି ବିଭାଗର ଏକ ଟିମ୍ ଆଜି ଅପରାହ୍ଣରେ ଉକ୍ତ ଗୋଦାମରେ ଚଢ଼ଉ କରି ୧୫୮ ବସ୍ତା ନକଲି ପଟାସ ସାର ଜବତ କରିଛି। ଲୁଣରେ ରଙ୍ଗ ମାରି ତାକୁ ସାର ଭାବେ ବିକ୍ରି କରାଯାଉଥିଲା।



**ଲୁଣରେ ରଙ୍ଗ ମାରି ପଟାସ ସାର ପ୍ରସ୍ତୁତି**

**ବାଲେଶ୍ୱରରୁ ୧୫୮ ବସ୍ତା ଜବତ**

ସୂଚନାନୁଯାୟୀ, ଅରଡ଼ବଜାରଠାରେ ନକଲି ସାର ତିଆରି ହେଉଥିବା ନେଇ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଆଜି କୃଷି ବିଭାଗ ସହଦେବଖୁଣ୍ଟା ପୁଲିସ ସହଯୋଗରେ ଉକ୍ତ ନକଲି ସାର ଗୋଦାମ ଉପରେ ଚଢ଼ଉ କରିଥିଲା। ସେଠାରେ ଏକ ଘରେ ମହଜୁଦ ରହିଥିବା ୧୫୮ ବସ୍ତା ନକଲି ସାର ଜବତ କରାଯାଇଛି। ପରେ ଉକ୍ତ ଗୋଦାମକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରିଦିଆଯାଇଛି।

ଏ ସଂପର୍କରେ କୃଷି ବିଭାଗର ଭାରପ୍ରାପ୍ତ ସିଡିଓ ସରୋଜ କୁମାର ଜେନା କହିଛନ୍ତି ଯେ ଏଠାରେ ଲୁଣରେ ରଙ୍ଗ ମିଶାଇ ନକଲି ପଟାସ ସାର ତିଆରି କରାଯାଇ ବିକ୍ରି କରାଯାଉଥିଲା। ଜବତ ନକଲି ସାର ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ। ଚଢ଼ଉ ବେଳେ ସେଠାରେ କୌଣସି ଲୋକ ନ ଥିବା ବେଳେ ଗୋଦାମ ହୋଇଥିବା ସ୍ଥାନଟି ସେକ ନରୁଜୁମାଙ୍କ ନାମରେ ରହିଛି। ଏହାବ୍ୟତୀତ ଏହି ଗୋଦାମର ମାଲିକ କେଶବ ରଞ୍ଜନ ଗିରି ଏବଂ ତାଙ୍କର ଏକ ଦୋକାନ 'କୃଷି ସଂସାର ଫର୍ଟିଲାଇଜର' ଥିବା ସନ୍ଦେହ କରାଯାଉଛି। ଏଣୁ କୃଷି ବିଭାଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଉଦ୍‌ଘାଟିତ**

# 'ମଧ୍ୟସ୍ଥତା' ବିକଳ୍ପ ନ୍ୟାୟ ପ୍ରଦାନର ବିଶ୍ୱସନୀୟ ସ୍ତମ୍ଭ: ପ୍ରଧାନବିଚାରପତି

ଭୁବନେଶ୍ୱର, ୨୭।୯ (ସମିସ): ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଆଜି ସଂଧ୍ୟାରେ ଲୋକସେବା ଭବନରେ ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ ଉଦ୍‌ଘାଟନୀ ଅଭିଭାଷଣରେ ମଧ୍ୟସ୍ଥତା ଅଧିନିୟମ, ୨୦୨୩ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ



**ମଧ୍ୟସ୍ଥତା ସୌହାର୍ଦ୍ଦ୍ୟର ମାର୍ଗ: ରାଜ୍ୟପାଳ**

କହିଛନ୍ତି ଯେ ମଧ୍ୟସ୍ଥତାକୁ ବୈଧାନିକ ସ୍ୱୀକୃତି ମିଳିବା ଦ୍ୱାରା ଏହା ବିକଳ୍ପ ନ୍ୟାୟ ପ୍ରଦାନର ଏକ ବିଶ୍ୱସନୀୟ ସ୍ତମ୍ଭରେ ପରିଣତ ହୋଇଛି। ଏହି ଆଇନ ଭାଗୀଦାରି, ନ୍ୟାୟସଙ୍ଗତ ଏବଂ ସୁଲଭ ନ୍ୟାୟ ସୁନିଶ୍ଚିତ କରିବା ସହ ଅଦାଲତରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବିଚାରାଧୀନ ମାମଲାକୁ ହ୍ରାସ କରିବାରେ ସହାୟକ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଥିଲେ ଯେ ମଧ୍ୟସ୍ଥତା କେବଳ ବିବାଦର ସମାଧାନ ନୁହେଁ, ବରଂ ବିଶ୍ୱାସ ସୃଷ୍ଟି, ସମ୍ପର୍କ ରକ୍ଷା ଏବଂ ସାମାଜିକ ସୌହାର୍ଦ୍ଦ୍ୟ ସୃଷ୍ଟି କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଭିଭାଷଣରେ, ନ୍ୟାୟିକ ସଂସ୍କାର ଏବଂ ବିକଳ୍ପ ବିବାଦ ସମାଧାନ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହି ସମ୍ମିଳନୀ ମଧ୍ୟସ୍ଥତାକୁ ଭାରତର ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଏକ ଆଧାରଶିଳା କରିବାର ପ୍ରୟାସକୁ ଆହୁରି ସୁଦୃଢ଼ କରିବ। ଏହାଦ୍ୱାରା ଆଇନଗତ ପ୍ରକ୍ରିୟାରେ ଦକ୍ଷତା, ସମାବେଶିତା ଏବଂ ବିଶ୍ୱାସ ସୁନିଶ୍ଚିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ଏହାସହ ଏହି ସମ୍ମିଳନୀରୁ ମିଳିଥିବା ସୁପାରିସଗୁଡ଼ିକୁ ତ୍ୱରିତ୍ ଭାବେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ନିଜ ଅଭିଭାଷଣରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ୍ ମଧ୍ୟସ୍ଥତା ସେବାର ବିସ୍ତାର କ୍ଷେତ୍ରରେ ଓଡ଼ିଶା ଅର୍ଥପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଥିଲେ।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଶବ୍ୟାପୀ ମଧ୍ୟସ୍ଥତାକୁ ପ୍ରୋତ୍ସାହିତ କରିବାରେ ନ୍ୟାୟପାଳିକା ଏବଂ ସରକାରଙ୍କ ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଭାରତର ଆଟର୍ଣ୍ଣି ଜେନେରାଲ୍ ଆର୍.ଭେଙ୍କଟରମଣି, ଓଡ଼ିଶାର ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟ ବିଚାରପତି ଏବଂ ବିଚାରପତିଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଛନ୍ତି।

# ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ତଣ୍ଟିକାଟି ହତ୍ୟା

ପୋଲସରା, ୨୭।୯ (ସମିସ): ଚିରିକିପଡ଼ା ଶାସନ ଗାଁର ମହିଳା ଶୈଳ ସେଠୀଙ୍କ ମୃତ୍ୟୁ ଉପରୁ ପରଦା ହଟାଇଛି ପୋଲସରା ଥାନା ପୁଲିସ୍। ଶୈଳଙ୍କୁ ହତ୍ୟା ଅଭିଯୋଗରେ ପୁଲିସ୍



ସେହି ଗାଁର ସୁରେନ୍ଦ୍ର ସେଠୀକୁ ଗିରଫ କରିଛି। ଶୈଳ ଓ ସୁରେନ୍ଦ୍ରଙ୍କ ମଧ୍ୟରେ ପୂର୍ବରୁ ବିବାଦ ଥିଲା। ଗତ ୨୨ ତାରିଖ ଭୋର୍‌ରେ ଶୈଳ ବାଘୁଆ କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ ସୁରେନ୍ଦ୍ର ତାଙ୍କୁ ଏକ ଛୁରିରେ ତାଙ୍କ ଗଳା କାଟି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଶୈଳଙ୍କ ମୃତ୍ୟୁ ହୋଇଯାଇଥିଲା। ଶନିବାର ପୋଲସରା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ ଓ ପୋଲସରା ଥାନା ଅଧିକାରୀ କୌଶିକ ମାଝୀ ଏହି ସୂଚନା ଦେଇଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ଶୈଳଙ୍କ ଶବରୁ ତାଙ୍କ କାନଫୁଲ ଓ ଅନ୍ୟାନ୍ୟ ଅଳଙ୍କାର ଗାୟବ ଥିବାରୁ ଏହା ଏକ ଲୁଟ୍‌ଜନିତ ହତ୍ୟା ବୋଲି ପୁଲିସ ସନ୍ଦେହ କରିଥିଲା। କିନ୍ତୁ ତଦନ୍ତ ବେଳେ ପୁଲିସ୍ ଜାଣିବାକୁ ପାଇଥିଲା ଯେ ପୂର୍ବରୁ କୌଣସି ଘଟଣାକୁ ନେଇ ଶୈଳ ଓ ସୁରେନ୍ଦ୍ରଙ୍କ

**ଓଡ଼ଗାଁରୁ ଅଭିଯୁକ୍ତ ଗିରଫ**

ମଧ୍ୟରେ ଜୋରଦାର୍ ପାଟିତୁଣ୍ଡ ହୋଇଥିଲା ଏବଂ ଘଟଣା ପରଠାରୁ ସୁରେନ୍ଦ୍ର ଫେରାର୍ ରହିଛି। ତେଣୁ ପୁଲିସର ତା' ଉପରେ ସନ୍ଦେହ ହୋଇଥିଲା। ତେଣୁ ତାକୁ ଧରିବାକୁ ପୁଲିସ୍ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ସୁରେନ୍ଦ୍ର ଓଡ଼ଗାଁରେ ଥିବା ଖବର ପାଇ ପୁଲିସ ସେଠାରେ ଚଢ଼ଉ କରି ତାକୁ କାବୁ କରିଥିଲା। ପୁଲିସ ତା'ଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ମଧ୍ୟ ଜବତ କରିଛି। ଅପରପକ୍ଷେ ସୁନା ଅଳଙ୍କାର ଲୁଟ୍ ଘଟଣାର ତଦନ୍ତ ଚାଲିଥିବା ପୁଲିସ କହିଛି।

# ପୁଲିସ ପଞ୍ଝାରେ କୁଖ୍ୟାତ ବନ୍ଧୁକ ବେପାରୀ ନଦିମ୍

ଭୁବନେଶ୍ୱର, ୨୭।୯ (ସମିସ): ପୂଜା ସମୟରେ କମିସନରେଟ୍ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ସ୍ପେସାଲ କ୍ରାଇମ ୟୁନିଟ୍ ଆଜି କୁଖ୍ୟାତ ବନ୍ଧୁକ ବେପାରୀ ଶେଖ ନଦିମକୁ ଗିରଫ କରିଛି। ତା' ପାଖରୁ ପୁଲିସ୍ ୧୦ଟି ବନ୍ଧୁକ ଏବଂ ୧୮ ଟି ଗୁଳି ଜବତ କରିଛି। ଜବତ ବନ୍ଧୁକ ମଧ୍ୟରେ ଅଟୋମେଟିକ୍

- ୧୦ ବନ୍ଧୁକ, ୧୮ ରାଉଣ୍ଡ ଗୁଳି ଜବତ
- ଝାଡ଼ଖଣ୍ଡରୁ ଆଣି ଓଡ଼ିଶାରେ ବିକୁଥିଲା
- ୨୦୧୫ରେ ଏନକାଉଣ୍ଟର୍‌ର ଶିକାର ହୋଇଥିଲା

ଓ ସେମି-ଅଟୋମେଟିକ୍ ବନ୍ଧୁକ ରହିଛି। ନଦିମର ଘର ଜଗତସିଂହପୁର ଜିଲ୍ଲା କୃଷ୍ଣନନ୍ଦପୁର ଥାନା ଅଞ୍ଚଳରେ।

ପାଖାପାଖି ମାସେ ହେବ, ସ୍ପେସାଲ କ୍ରାଇମ୍ ୟୁନିଟ୍ ନଦିମର ଗତିବିଧି ଉପରେ ନଜର ରଖିଥିଲା। ଆଜି ସକାଳ ପ୍ରାୟ ୫ଟାରେ ନଦିମ୍ ପୁରୀ ପଟରୁ ଧଉଳି ଅଭିମୁଖେ ଏକ ବିନା ନମ୍ବରପ୍ଲେଟ୍ ବାଇକ୍‌ରେ ଆସୁଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତାକୁ ଧରିବା ପାଇଁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ଧଉଳି ଛକରେ ଜଗି ରହିଥିଲା। ତେବେ ନଦିମ ଧଉଳି ଛକରେ ପହଞ୍ଚିବା ପରେ ତାକୁ ପୁଲିସ ମାଡ଼ି ବସିଥିଲା। ଯାଞ୍ଚ କରିବାରୁ ତା' ଅଣ୍ଟାରେ ଖୋସା ଥିବା ଏକ ବନ୍ଧୁକ ପୁଲିସ ମିଳିଥିଲା। ସନ୍ଦେହ ବଢ଼ିବାରୁ ସେ କାନ୍ଧରେ ପକାଇଥିବା ଏକ ବ୍ୟାଗ୍ ଯାଞ୍ଚ



କରିବାରୁ ସେଥିରୁ ପୁଲିସକୁ ୯ଟି ବନ୍ଧୁକ ଏବଂ ୧୮ଟି ଗୁଳି ମିଳିଥିଲା।

ନଦିମ ଏହି ବନ୍ଧୁକଗୁଡ଼ିକୁ ଝାଡ଼ଖଣ୍ଡରୁ ଆଣିଥିଲା। ସେଠାରୁ ସେ ୩୫ହଜାର ଟଙ୍କାରେ ବନ୍ଧୁକ ଆଣି ଏଠାରେ ୭୦/୮୦ ହଜାର ଟଙ୍କାରେ ବିକ୍ରି କରୁଥିଲା। ଏଥିପାଇଁ ମାସକୁ ଥରେ ସେ ଝାଡ଼ଖଣ୍ଡ ଯାଏ। ସେଠାରୁ ୧୦ରୁ ୧୫ଟି ବନ୍ଧୁକ ଧରି ଫେରିଆସେ। ବନ୍ଧୁକଗୁଡ଼ିକୁ ସେ ଜଗତସିଂହପୁର, କଟକ ଏବଂ ଭୁବନେଶ୍ୱରରେ ବିକ୍ରି କରିଥାଏ। ମାସ ମାସ ଧରି ସେ ଏପରି ବନ୍ଧୁକ ବେପାର କରି ଆସୁଥିଲେ ହେଁ ପୁଲିସ ହାତରେ ପଡ଼ୁନଥିଲା।

ନଦିମ ଜଣେ ପେସାଦାର ଅପରାଧୀ। ଦାଦାବଟି ଆଦାୟ, ହତ୍ୟା, ବୋମାମାଡ଼ ଆଦି ମାମଲାରେ ତା'ର ସଂପୃକ୍ତି ରହିଛି। ୨୦୧୫ରେ ପୁଲିସ ତାକୁ ଏନକାଉଣ୍ଟର୍ କରି ଧରିଥିଲା। କିନ୍ତୁ ସେବେଠାରୁ ସେ ଆଉ ସିଧାସଳଖ ଅପରାଧରେ ସାମିଲ ନ ହୋଇ ବନ୍ଧୁକ ବେପାର ଜରିଆରେ କୋଟି କୋଟି ଟଙ୍କା ରୋଜଗାର କରୁଥିଲା। ତା'ର ନେଟ୍‌ୱାର୍କରେ ଥିବା ଅପରାଧୀଙ୍କୁ ସେ ବନ୍ଧୁକ ବିକି ଆସୁଥିଲା। ନଦିମ ନାଁରେ ଜଗତସିଂହପୁର ଜିଲ୍ଲାରେ ୫ଟି, କଟକ କିଶନନଗର ଥାନାରେ ୨ଟି ମାମଲା ରହିଛି। ନିକଟରେ ସେ ଜେଲରୁ ବାହାରିଥିଲା। ନଦିମକୁ ଖୁବ୍‌ଶୀଘ୍ର ରିମାଣ୍ଡରେ ଆଣି ପଚରାଉଚରା କରାଯିବ। ସେ ଝାଡ଼ଖଣ୍ଡରୁ କାହାଠାରୁ ବନ୍ଧୁକ ଆଣୁଥିଲା, ଏଠି କାହାକୁ ଓ କେତେ ବିକିଛି, ସେ ସଂପର୍କରେ ପୁଲିସ ଅଧିକ ତଥ୍ୟ ହାସଲ କରିବ। ସେହିପରି ଆଜି ତା' ପାଖରୁ ଜବତ ହୋଇଥିବା ୧୦ ବନ୍ଧୁକ ସେ କାହାକୁ ବିକିଥା'ନ୍ତା, ସେ ସଂପର୍କରେ ପୁଲିସ ଖୋଳତାଡ଼ ଆରମ୍ଭ କରିଛି।

# ରାଜ୍ୟର ୩ ସେମିକଣ୍ଡକ୍ଟର୍ ଶିଳ୍ପକୁ ସବୁଜ ସଙ୍କେତ

ଭୁବନେଶ୍ୱର, ୨୭।୯ (ସମିସ): ରାଜ୍ୟରେ ସେମିକଣ୍ଡକ୍ଟର୍ ଶିଳ୍ପ ସ୍ଥାପନ ପାଇଁ ପୂର୍ବର ବିଜେଡି ସରକାର ଉଦ୍ୟମ ଆରମ୍ଭ କରିଥିବା ବେଳେ ଏବେର ସରକାର ଏନେଇ ଗୁରୁତ୍ୱାରୋପ କରୁଛନ୍ତି। ରାଜ୍ୟ ସରକାର ନିଜର 'ଓଡ଼ିଶା ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଫ୍ୟାବଲେସ ନୀତି' ଦ୍ୱାରା ରାଜ୍ୟକୁ ସେମିକଣ୍ଡକ୍ଟର ହବ୍‌ରେ ପରିଣତ

**ନିବେଶ ହେବ ୪୬୨୯ କୋଟି**

କରିବା ପାଇଁ ଏକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି କ୍ରମରେ, ବର୍ତ୍ତମାନ ସୁଦ୍ଧା ଏଥିପାଇଁ ୩ଟି କମ୍ପାନୀକୁ ଓଡ଼ିଶାରେ ସେମାନଙ୍କ ଶିଳ୍ପ ପ୍ରତିଷ୍ଠା ପାଇଁ ସବୁଜ ସଙ୍କେତ ଦିଆଯାଇଥିବା ଜଣାପଡ଼ିଛି। ଏହି ୩ଟି ପ୍ରକଳ୍ପରେ ୪୬୨୯ କୋଟି ଟଙ୍କା ନିବେଶ ହେବାକୁ ଥିବା ବେଳେ ଏହାଦ୍ୱାରା ମୋଟ ୨୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କ ଅନୁଯାୟୀ, ସରକାରୀ ମଞ୍ଜୁରୀ ପାଇଥିବା ସଂସ୍ଥା ମଧ୍ୟରେ ରହିଛି ସିସ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍। ଏହି ସଂସ୍ଥା ରାଜ୍ୟରେ ପ୍ରାୟ ୨୦୬୭ କୋଟି ଟଙ୍କା ବିନିଯୋଗ କରିବ ଏବଂ ଏଥିରେ ସିଧାସଳଖ ୧୦୦୦ ଜଣ କର୍ମସଂସ୍ଥାନ ପାଇବେ। ସେହିଭଳି ୩-ଡିଜିଏସ୍‌କୁ ଅନୁମତି ମିଳିଥିବା ବେଳେ ଏହି ସଂସ୍ଥା ୧୯୪୪ କୋଟି ଟଙ୍କା ଖଟାଇବ ଏବଂ ଏଥିରେ ସିଧାସଳଖ ୫୦୦ ଲୋକ ନିଯୁକ୍ତି ପାଇବେ। ସେହିଭଳି ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ



ସଂସ୍ଥାକୁ ଓଡ଼ିଶା ସରକାର ସବୁଜ ସଙ୍କେତ ଦେଇଛନ୍ତି। ଏହି ସଂସ୍ଥା ୬୧୮ କୋଟି ଟଙ୍କା ଖଟାଇବାକୁ ଥିବା ବେଳେ ଏଥିରେ ସିଧାସଳଖ ୫୦୦ଜଣ ନିଯୁକ୍ତି ପାଇପାରିବେ।

ମନ୍ତ୍ରୀ କହିଛନ୍ତି ଯେ ନୂତନ ନୀତି ବୃହତ୍ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ପୁଞ୍ଜି ସବ୍‌ସିଡି ଏବଂ ଟିକସ ପରିଶୋଧ ସମେତ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଥାଏ। ଏହାର ପରିପୂରକ ହେଉଛି ଓ-ଚିପ୍ କାର୍ଯ୍ୟକ୍ରମ, ଯାହା ଷ୍ଟାର୍ଟ-ଅପ୍ ଏବଂ କମ୍ପାନୀଗୁଡ଼ିକୁ ଅତ୍ୟାବଶ୍ୟକ ଭିତ୍ତିଭୂମି ପ୍ରଦାନ କରି ଫେବ୍ଲେସ୍ ଡିଜାଇନ୍ ଇକୋସିଷ୍ଟମ୍‌କୁ ସମର୍ଥନ କରିବା ପାଇଁ ଏକ ଉତ୍ସର୍ଗୀକୃତ ପଦକ୍ଷେପ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି।

# ମାଓବାଦୀଙ୍କ ଅସ୍ତ୍ରଶସ୍ତ୍ର କାରଖାନା ଠାବ



ମାଲକାନଗିରି, ୨୭।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନକ୍ସଲ ପ୍ରଭାବିତ ସୁକମା ଜିଲ୍ଲାରେ ସୁରକ୍ଷା ବାହିନୀକୁ ଆଉ ଏକ ସଫଳତା ମିଳିଛି। ଜିଲ୍ଲାର ମେଟାଗୁଡ଼ା ଜଙ୍ଗଲରେ ନକ୍ସଲଙ୍କ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ତିଆରି କାରଖାନାକୁ ଯବାନମାନେ ଧ୍ୱଂସ କରିଛନ୍ତି। ସୂଚନାନୁଯାୟୀ, ସୁକୁମା ଜିଲ୍ଲାର ମାଓ ଉପଦ୍ରବ ମେଟାଗୁଡ଼ା ଜଙ୍ଗଲରେ ଡିଆରଜି ଓ କୋବ୍ରା ବାଟାଲିଅନ୍‌ର ଯବାନମାନେ ମିଳିତ ଭାବେ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ ଜଙ୍ଗଲ ଭିତରେ ଲୁକ୍କାୟିତ ଥିବା ମାଓବାଦୀଙ୍କ ଏହି ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ତିଆରି କାରଖାନାକୁ ଯବାନମାନେ ଠାବ କରିଥିଲେ। ଏଥିରୁ ଯବାନମାନେ ଅନେକ ବିସ୍ଫୋରକ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ନିର୍ମାଣ ପାଇଁ ବ୍ୟବହୃତ ସାମଗ୍ରୀ ଓ ଉପକରଣ, ବିଜିଏଲ ଲଞ୍ଚର୍ ଭଳି ଅନେକ ମାଓ ସାମଗ୍ରୀ ଜବତ କରିଥିଲେ। ସୁରକ୍ଷାବାହିନୀକୁ ଟାର୍ଗେଟ୍ କରିବା ପାଇଁ ନକ୍ସଲମାନେ ଏଠାରେ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ପ୍ରସ୍ତୁତ କରୁଥିବା ବେଳେ ଧ୍ୱଂସ କରି ଯବାନମାନେ ନକ୍ସଲଙ୍କ ଯୋଜନାକୁ ପଣ୍ଡ କରିଥିଲେ। ସୁକମା ପୁଲିସ ଅଧୀକ୍ଷକ କିରଣ ଚୌହାନ ଏହାକୁ ନକ୍ସଲ ନିପାତ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କହିଛନ୍ତି। ଉକ୍ତ ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ତଲାସି ଅଭିଯାନକୁ ଜୋରଦାର୍ କରାଯାଇଛି।

**ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା**

## ଗିରଫ ଦୁଇ ଛାତ୍ରଙ୍କ ବିରୋଧରେ ଚାର୍ଜସିଟ୍

ବାଲେଶ୍ୱର, ୨୭।୯ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାରେ ଗିରଫ ଦୁଇ ଛାତ୍ରଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଆଜି ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି। ପୂର୍ବରୁ କ୍ରାଇମବ୍ରାଞ୍ଚ ୪ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିବା ବେଳେ ଆଜି ଦ୍ୱିତୀୟଥର ପାଇଁ ଗିରଫ ଦୁଇ ଛାତ୍ର ଶୁଭ୍ରସମ୍ବିତ ନାୟକ ଏବଂ ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ବିରୋଧରେ ୧୬୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଗତ ଜୁଲାଇ ୧୨ତାରିଖରେ ସୌମ୍ୟାଶ୍ରୀ କଲେଜ ପରିସରରେ ଆତ୍ମଦାହ କରିଥିଲେ। ବିଭାଗୀୟ ଏଚ୍‌ଓଡିଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ସୌମ୍ୟାଶ୍ରୀ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେ ନିଜ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ସଂକଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେହି ମାସ ୧୪ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ଜାରି ରହିଛି: କଂଗ୍ରେସ

**ହାଇକୋର୍ଟ ବେଞ୍ଚ ସ୍ଥାପନ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସ୍ଥାନାନ୍ତରଣ ନ ହେବା ଅଞ୍ଚଳ ପାଇଁ ଅପମାନ**

ଭୁବନେଶ୍ୱର, ୨୭।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତକୁ ନେଇ ଜୋରଦାର୍ ବର୍ଷିଛି ରାଜ୍ୟ କଂଗ୍ରେସ। ଓଡ଼ିଶାର ଖଣିଜ ଦ୍ରବ୍ୟ, ପ୍ରାକୃତିକ ସଂପଦର ଖୋଲାଖୋଲି ଲୁଟ୍ ଚାଲିଥିବା ବେଳେ ରାଜ୍ୟ ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ଜାରି ରହିଛି। ଏ ପର୍ଯ୍ୟନ୍ତ ହାଇକୋର୍ଟ ବେଞ୍ଚ ସ୍ଥାପନ ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟ ଦପ୍ତର ସ୍ଥାନାନ୍ତରଣ ନ ହେବା ପଶ୍ଚିମ ଓଡ଼ିଶା ପ୍ରତି ଅପମାନ ବୋଲି କଂଗ୍ରେସ ଅଭିଯୋଗ କରିଛି।

ପିସିସି କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ କହିଛନ୍ତି ଯେ ବିଜେପି ସରକାର କେବଳ ବିଜ୍ଞାପନ ଓ ଭାଷଣର ସରକାର। ବିଜେଡି ସରକାର ଥିବା ବେଳେ ଛତିଶଗଡ଼ ସହ ଥିବା ମହାନଦୀ ଜଳ ବିବାଦକୁ ନେଇ ରକ୍ତମୁଖା ହୋଇଥିବା ବିଜେପି କ୍ଷମତାକୁ ଆସିବା ପରେ ସମସ୍ୟାର ସମାଧାନ କରିପାରିଲା ନାହିଁ। କେନ୍ଦ୍ର ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ଅନୁଦାନ ଦେଲେ ନାହିଁ।

ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ଓଡ଼ିଶାରୁ ୨୦ଜଣ ନିର୍ବାଚିତ ସାଂସଦଙ୍କ ପାଇଁ



କେନ୍ଦ୍ରରେ ବିଜେପି ସରକାର ଗଢ଼ିବାକୁ ସମର୍ଥ ହେଲା। କିନ୍ତୁ ଓଡ଼ିଶାକୁ ଅବହେଳା ସହ କେନ୍ଦ୍ରୀୟ ଅନୁଦାନ ୧୮ ପ୍ରତିଶତ କମିଛି। କୋଷ୍ଟାଲ ହାଇୱେ କାମ ଏଯାବତ୍ ଆରମ୍ଭ ହୋଇନଥିବା ବେଳେ କୋଇଲା ରୟାଲଟି ମଧ୍ୟ ଏଯାବତ୍ ବଢ଼ିଲା ନାହିଁ। ବିହାରକୁ ୮୦ ହଜାର କୋଟିର ଅନୁଦାନ ଦିଆଯାଇଥିବା ବେଳେ ବିବାଦୀୟ ପୋଲାଭରମ୍ ପ୍ରକଳ୍ପ ପାଇଁ ଆନ୍ଧ୍ରକୁ ୨୭ ହଜାର ଟଙ୍କା ଦିଆଯାଇଛି; ମାତ୍ର ଓଡ଼ିଶା ପାଇଁ ଅନୁଦାନ ଶୂନ। ସେହିପରି ଆର୍ସେଲର ମିତ୍ତଲ ମେଗା ଷ୍ଟିଲ କାରଖାନା, ଭାରତ ବାଇଓଟେକ୍ ଭ୍ୟାକସିନ୍ ପ୍ଲାଣ୍ଟ, ଏସ-ରାମ ଏମ-ରାମ ସେମିକଣ୍ଡକ୍ଟର ପ୍ରକଳ୍ପ ଆଦି ଆନ୍ଧ୍ରକୁ ସ୍ଥାନାନ୍ତର ହୋଇଥିବା ବେଳେ ଜେଏସଡବ୍ଲୁ ଇଭି ପ୍ରକଳ୍ପ ଓ ୱେଲସ୍ପନ୍ ମେଗା ଟେକ୍ସଟାଇଲ ପ୍ରକଳ୍ପ ଅତି ନାଟକୀୟ ଢଙ୍ଗରେ ମହାରାଷ୍ଟ୍ରକୁ ସ୍ଥାନାନ୍ତର ହୋଇଯିବା ଓଡ଼ିଶାବାସୀଙ୍କ ପାଇଁ ବଡ଼ ଧୋକ୍କା ବୋଲି ସେ କହିଛନ୍ତି।



ଶୀତଲ ଦେବୀ ବିଶ୍ୱ ଚାମ୍ପିଅନ୍

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-95 ◆SUNDAY ◆28 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୫ ◆ରବିବାର ◆୨୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)







## ଝାରସୁଗୁଡ଼ା ଯୁବ ସମାବେଶରେ ମୋଦୀ

# ୬୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଭେଟି



### ୯୭,୫୦୦ ମୋବାଇଲ୍ ୪ଜି ଟାୱାର ଲୋକାର୍ପିତ

### ବ୍ରହ୍ମପୁର-ସୁରତ 'ଅମୃତ ଭାରତ' ଟ୍ରେନର ଶୁଭାରମ୍ଭ

■ **ଭୁବନେଶ୍ୱର/ଝାରସୁଗୁଡ଼ା, ୨୭।୯ (ସମିସ):** 'ସେବା ପକ୍ଷ' ପାଳନ ଅବସରରେ ଝାରସୁଗୁଡ଼ାରେ ଆୟୋଜିତ ଯୁବ ସମାବେଶରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶା ପାଇଁ ୬୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଦୂରସଞ୍ଚାର, ରେଳବାଇ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ର ସମେତ ଅନ୍ୟାନ୍ୟ କ୍ଷେତ୍ର ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଏସ୍‌ଏନ୍‌ଏଲର ନୂତନ ଅବତାର ଉନ୍ମୋଚନ କରି ଏହାର ସ୍ୱଦେଶୀ ୪ଜି ସେବାର ଶୁଭାରମ୍ଭ କରିଛନ୍ତି। ଏହାସହିତ ଓଡ଼ିଶାରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଯୋଗାଯୋଗ ସହିତ ସଂପୃକ୍ତ ଅନେକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ସହ ବ୍ରହ୍ମପୁରରୁ ସୁରତ ପର୍ଯ୍ୟନ୍ତ ଆଧୁନିକ ଅମୃତ ଭାରତ ଟ୍ରେନ୍‌କୁ ପତାକା ଦେଖାଇ ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି ସମସ୍ତ ବିକାଶମୂଳକ ପଦକ୍ଷେପ ପାଇଁ ସେ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଢ଼ ବର୍ଷ ପୂର୍ବେ ବିଧାନସଭା ନିର୍ବାଚନ ସମୟରେ ଓଡ଼ିଶାବାସୀ ନୂତନ ପ୍ରତିବଦ୍ଧତା ସହିତ ଏକ ବିକଶିତ ▶ପୃଷ୍ଠା-୭

## ବିଜୟ ଥାଲାପତିଙ୍କ ରାଲିରେ ଅସମ୍ଭାଳ ଭିଡ଼

# ଦଳାଚକଟାରେ ୩୮ ମୃତ



■ **ଚେନ୍ନାଇ, ୨୭।୯ (ଏଜେନ୍ସି):** ଅଭିନେତାରୁ ରାଜନେତା ପାଲଟିଥିବା ବିଜୟ ଥାଲାପତିଙ୍କ ଏକ ରାଲିରେ ଶନିବାର ବଡ଼ ଅଘଟଣ ଘଟିଛି। ତାମିଲନାଡୁ କରୁର୍‌ରେ ଆୟୋଜିତ ଏହି ରାଲିରେ ନିଜ ବସ୍ ଉପରୁ ବିଜୟ ଜନସମାବେଶକୁ ସମ୍ବୋଧିତ କରୁଥିବାବେଳେ ଦଳାଚକଟା ଘଟି ୩୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୬ ଜଣ ମହିଳା ଏବଂ ୮ ଶିଶୁ ସାମିଲ ଅଛନ୍ତି। ଦଳାଚକଟାରେ ୫୮ ଜଣ ଗୁରୁତର ଆହତ ହୋଇ ହସ୍‌ପିଟାଲରେ ଭର୍ତ୍ତି ହୋଇଥିବା ତାମିଲନାଡୁ ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍‌ଏ ସୁବ୍ରମଣ୍ୟନ ସୂଚନା ଦେଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି।

ସୂଚନା ଅନୁଯାୟୀ, ଆସନ୍ତା ବର୍ଷ ତାମିଲନାଡୁ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିରେ ବିଜୟଙ୍କ ରାଜନୈତିକ ଦଳ 'ତାମିଲଗା ଭେତ୍ରି କଝଗମ' (ଟିଭିକେ) ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛି। ଏଥିପାଇଁ ସେ ବିଭିନ୍ନ ସ୍ଥାନରେ ରାଲି କରି ଦଳ ପ୍ରତି ଜନସମର୍ଥନ ହାସଲ କରୁଛନ୍ତି। କରୁର୍ ରାଲିରେ ବିଜୟଙ୍କୁ ଦେଖିବା ପାଇଁ ଲକ୍ଷାଧିକ ଲୋକ ଭିଡ଼ ଜମାଇଥିଲେ। ନିଜ ପ୍ରିୟ ଅଭିନେତାଙ୍କ ପାଇଁ ପ୍ରାୟ ୬ ଘଣ୍ଟା ପର୍ଯ୍ୟନ୍ତ ଲୋକେ ଅପେକ୍ଷା କରି ରହିଥିଲେ। ତେବେ ବିଜୟ ଏହି ରାଲିକୁ ବିଳମ୍ବରେ ପହଞ୍ଚି ଥିଲେ। ଅସହ୍ୟ ଗୁଳୁଗୁଳି ଏବଂ ପ୍ରବଳ ଭିଡ଼ ଯୋଗୁଁ ଲୋକେ ଅଣନିଃଶ୍ୱାସୀ ହୋଇ ଯାଇଥିଲେ। ବିଜୟ ଅଭିଭାଷଣ ଦେବା ପରେ ଏଭଳି ସ୍ଥିତି ଦେଖି ବସ୍ ଉପରୁ ଲୋକଙ୍କୁ ପାଣି ବୋତଲ ପକାଇଥିଲେ। ତୃଷାର୍ତ୍ତ ଓ ଉତ୍ସୁକ ଜନତା ପାଣି ବୋତଲ ଧରିବାକୁ ଯାଇ ଅନ୍ୟମାନଙ୍କୁ ଦଳିଚକଟି ଦେଇଥିଲେ। ଏଥିଯୋଗୁଁ ଅନେକ ଚେତା ହରାଇ ପଡ଼ି ଯାଇଥିଲେ। ▶ପୃଷ୍ଠା-୭

# ସୁନା ବଜାରରେ ନିଆଁ

### ୯ ମାସରେ ୩୭ ହଜାର ମହଙ୍ଗା



■ **ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି):** ଭାରତରେ ସୁନା ଏବଂ ରୁପା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଦିନକୁ ଦିନ ଏହାର ଦାମ ରେକର୍ଡ ଭାଙ୍ଗି ଚାଲିଛି। ୧୦ ଗ୍ରାମ ପିଛା ୨୪ କ୍ୟାରଟ ସୁନା ମୂଲ୍ୟ ଶନିବାର ୧, ୧୩, ୨୬୨ ଟଙ୍କାରେ ପହଞ୍ଚି ଯାଇଛି। ଏହା ଗତ ୨୦ ତାରିଖରେ ୧, ୦୯, ୭୭୫ ଟଙ୍କା ଥିଲା। ଅର୍ଥାତ୍ ଚଳିତ ସପ୍ତାହରେ ସୁନା ମୂଲ୍ୟ ୩,୪୮୭ ଟଙ୍କା ବୃଦ୍ଧି ପାଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟ ୩୭, ୧୦୦ ଟଙ୍କା ମହଙ୍ଗା ହେଲାଣି। ଗତ ବର୍ଷ ଡିସେମ୍ବର ୩୧ରେ ୨୪ କ୍ୟାରେଟ ସୁନା ମୂଲ୍ୟ ୭୬, ୧୬୨ ଟଙ୍କା ଥିଲା। ୨୦୨୪ରେ ସୁନା ୨୧ ପ୍ରତିଶତ ମହଙ୍ଗା ହୋଇଥିଲା। ଏବେ ୧୦ ଗ୍ରାମ ପିଛା ୧୪ କ୍ୟାରଟ ▶ପୃଷ୍ଠା-୭

# 'ହାର୍ଟ ବିଟ୍' ବୁଲି ଦେଖିଲେ ନବୀନ



■ **ଭୁବନେଶ୍ୱର, ୨୭।୯ (ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆଦିଲ୍ଲୀସ୍ଥିତ ବିକାନିର୍ ହାଉସ୍‌ରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଆଧାରିତ ୱାଇଲ୍ଡଲାଇଫ୍ ଚାରିଟି ଏକ୍ସିବିସନ 'ହାର୍ଟ ବିଟ୍'କୁ ପରିଦର୍ଶନ କରିଛନ୍ତି। ଏସିଆନ୍ ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଏବଂ ଏସିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପଦ୍ମଭୂଷଣ ଡା. ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଥିମ୍ ରହିଥିଲା 'ବନ୍ୟପ୍ରାଣୀ: ଆମ ସହଭାଗୀ ଭବିଷ୍ୟତ ବା 'ୱାଇଲ୍ଡଲାଇଫ୍: ଆୱାର୍ ସେୟାର୍ଡ ଫ୍ୟୁଚର'। ଏହି ପ୍ରଦର୍ଶନୀରେ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ପର୍କିତ ରଚନା, ଫଟୋଗ୍ରାଫି, ପ୍ରକୃତିର ସଂରକ୍ଷଣ ସହ ▶ପୃଷ୍ଠା-୭






### ଏସିଆ କପ୍ ଟି-୨୦ ଫାଇନାଲ୍

## ଆଜି ଭାରତ-ପାକିସ୍ତାନ ମହାମୁକାବିଲା



### ଅର୍ଥନୀତିକୁ ଅଡୁଆ ଟ୍ରମ୍ପ ନୀତି


# ୬ ଦିନରେ ବୁଡ଼ିଲା ୧୬ ଲକ୍ଷ କୋଟି

■ **ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି):** ଦ୍ୱିତୀୟ ଥର ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଚାଲିଛନ୍ତି। କେତେବେଳେ ଚଢ଼ା ଶୁଳ୍କ ଲଗାଉଛନ୍ତି ତ, ଆଉ କେବେ ଭିସା ଦେୟକୁ ଅଚାନକ ବୃଦ୍ଧି କରି କମ୍ପାନୀ ଏବଂ ନିବେଶକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି ଯୋଗୁଁ ବିଶ୍ୱ ଅର୍ଥନୀତି ଅସ୍ଥିର ହୋଇପଡ଼ିଛି। ଭାରତୀୟ ସେୟାର ବଜାର ମଧ୍ୟ ଏଥିରେ ଭୀଷଣ ପ୍ରଭାବିତ ହେଉଛି।

ଏଚ୍-୧ବି ଭିସା ଦେୟ ବଢ଼ାଇବା ପାଇଁ ଟ୍ରମ୍ପ ନେଇଥିବା ନିଷ୍ପତ୍ତି ନିବେଶକଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଏଥିପାଇଁ ଗତ ସପ୍ତାହରେ ନିବେଶକମାନଙ୍କର ୧୬ ଲକ୍ଷ କୋଟି ଟଙ୍କା ବୁଡି ଯାଇଛି। ନିଫ୍ଟି୫୦ ପ୍ରାୟ ୩ ପ୍ରତିଶତ ହ୍ରାସ ପାଇଛି। ଆଇଟି ସୂଚକାଙ୍କ ୮ ପ୍ରତିଶତ ଖସି ଆସିଛି। ଟଙ୍କା ତୁଳନାରେ ଡଲାର ମଜବୁତ ହେଉଥିବାରୁ ବିଦେଶୀ ପାଣ୍ଠି ଭାରତ ବାହାରକୁ ଯିବାରେ ଲାଗିଛି। ସୂଚନା ଅନୁଯାୟୀ କ୍ରମାଗତ ଷଷ୍ଠ ଦିନରେ ସେୟାର ବଜାର ଶୁକ୍ରବାର ଲାଲ୍ ସଙ୍କେତରେ ବନ୍ଦ ହୋଇଥିଲା।



ସେନ୍‌ସେକ୍ସ ୭୩୩ ପଏଣ୍ଟ ହ୍ରାସ ପାଇ ୮୦, ୪୨୬ରେ ପହଞ୍ଚି ଯାଇଥିଲା। ସେହିପରି ନିଫ୍ଟି୫୦ ୨୩୬ ପଏଣ୍ଟ ଖସି ଆସି ୨୪, ୬୫୫ରେ ବନ୍ଦ ହୋଇଥିଲା। ଏହି ସପ୍ତାହରେ ସେନ୍‌ସେକ୍ସ ୨,୧୯୯ ପଏଣ୍ଟ ଏବଂ ନିଫ୍ଟି୫୦ ୬୭୨ ପଏଣ୍ଟ ହ୍ରାସ ପାଇଥିଲା। ଏହା ଗତ ୬ ମାସରେ ସବୁଠାରୁ ବଡ଼ ସାପ୍ତାହିକ ବିପର୍ଯ୍ୟୟ ଥିଲା। ▶ପୃଷ୍ଠା-୭


କଣାସ ବ୍ଲକ୍ ଜଳିଆପଡ଼ା ମାତୃଶକ୍ତି ପୀଠରେ ମା' ମଙ୍ଗଳାଙ୍କ ମହଗୌରୀ ବେଶ


କାତ୍ୟାୟନୀ ବେଶରେ ମା' ବନଦୁର୍ଗା

# ସେବାରେ ସମର୍ପଣ ହିଁ ଜାତୀୟ ସେବା ଯୋଜନା

ପୁରୀ,୨୭।୯(ସମିସ): ସେବା ସର୍ବଦା ସମର୍ପିତ। ସେବାରେ ସମର୍ପଣ ଭାବ ରହିଲେ ଏହାର ଲକ୍ଷ୍ୟ ସାଧିତ ହୋଇଥାଏ। ଜାତୀୟ ସେବା ଯୋଜନା ହିଁ ଯୁବଗୋଷ୍ଠୀଙ୍କୁ ସତ୍‌ମାର୍ଗ ଦେଖାଏ ଓ ସେବା ମନୋଭାବ ଶିଖାଏ। ଦୀର୍ଘ ୫୬ ବର୍ଷ ଧରି ଏହି ଯୋଜନା ଭାରତବର୍ଷକୁ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିଛି ବୋଲି କହିଛନ୍ତି ଜାତୀୟ ସେବା ଯୋଜନାର ପ୍ରାକ୍ତନ ଗ୍ରୁପ୍ ଲିଡର ବଦ୍ରି ମିଶ୍ର। ପୁରୀ ସଦର ବ୍ଲକ୍ ବାଲିପୁଟସ୍ଥିତ ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିରର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଶ୍ରୀ ମିଶ୍ର ଛାତ୍ରଛାତ୍ରୀଙ୍କୁ ସେବା ଓ ସମର୍ପିତ କରିବାରେ ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପବିତ୍ର ମୋହନ ଦାଶଙ୍କ ଦକ୍ଷତା ଓ ଆତ୍ମୀୟତାର ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ରାଜେନ୍ଦ୍ର କୁମାର ବେହେରା କହିଥିଲେ ଯେ, ଆଜିର ଯୁବଗୋଷ୍ଠୀ ସମାଜ ଶୃଙ୍ଖଳା ଓ ଦେଶାତ୍ମବୋଧ ପାଇଁ ବଦ୍ଧପରିକର ହୁଅନ୍ତୁ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପବିତ୍ର ମୋହନ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରଶଂସାପତ୍ର ଦିଆଯାଇଥିଲା। ପ୍ରାରମ୍ଭରେ ନିକଟସ୍ଥ ଗ୍ରାମାଞ୍ଚଳରେ ସଫେଇ ସହ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ସୁଶାନ୍ତ କୁମାର ଭୂୟାଁ, ପ୍ରଜ୍ଞାପ୍ରକାଶ ପରିଡ଼ା, ସୁମିତ୍ରା ମହାନ୍ତି, ସୁଜାତା ସ୍ୱାଇଁ ଓ କମଳ କୁମାର ଦାଶ।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଜାତୀୟ ପାଠଚକ୍ର ଉଦ୍‌ଯାପିତ

# ଶକ୍ତି ବିନା ଶିବ କେବଳ ଶବ ମାତ୍ର




ପୁରୀ/ସାକ୍ଷୀଗୋପାଳ,୨୭।୯(ସମିସ): ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ଦ୍ୱିଦିବସୀୟ 'ଓଡ଼ିଶାରେ ଶକ୍ତି ଉପାସନାର ପରମ୍ପରା ଏବଂ ନିଦର୍ଶନ' ଶୀର୍ଷକ ଜାତୀୟ ପାଠଚକ୍ର ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହର ପ୍ରାରମ୍ଭିକ ଅଧିବେଶନରେ ସଭାମୁଖ୍ୟ ପ୍ର. ପ୍ରଭାତ ରଞ୍ଜନ ମହାପାତ୍ର ନବରାତ୍ରି ଓ ଷୋଳପୂଜାର ଗୁରୁତ୍ୱ ଦର୍ଶାଇଥିଲେ। ବିଷୟ ବିଶେଷଜ୍ଞ ଭାବେ ପ୍ର. ବିଭୂଦେନ୍ଦ୍ର ନାରାୟଣ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ ସାରଳା ମହାଭାରତକୁ ପ୍ରଥମ ଓଡ଼ିଆ ଶାକ୍ତଗ୍ରନ୍ଥର ମର୍ଯ୍ୟାଦା ପ୍ରଦାନ କରିଥିଲେ। ପ୍ର. ସତ୍ୟନାରାୟଣ ଆଚାର୍ଯ୍ୟ ମଧ୍ୟ ଆଭାସୀ ମାଧ୍ୟମରେ ଯୋଗଦେଇ ଜଗନ୍ନାଥ ପରମ୍ପରା ଓ ଶାକ୍ତ ପରମ୍ପରା ମଧ୍ୟରେ ଥିବା ଅପୂର୍ବ ସାମଞ୍ଜସ୍ୟ ସମ୍ପର୍କରେ ରେଖାପାତ କରିଥିଲେ। ଏଥିସହିତ ଡ. ଚିତ୍ରସେନ ପଶାୟତ ଜନଜାତିମାନଙ୍କ ଭିତରେ ଶାକ୍ତ ପରମ୍ପରାର ପ୍ରଥମ ଅଭ୍ୟୁଦୟ ଘଟିଥିବା କଥା ଉଲ୍ଲେଖ କରିଥିଲେ। ବେଦରୁ ହିଁ ମାତୃପୂଜାର

### ଶକ୍ତି ସୃଷ୍ଟିର ମୂଳାଧାର, ବେଦରୁ ହିଁ ମାତୃପୂଜାର ଆରମ୍ଭ

ଆରମ୍ଭ ବୋଲି ପ୍ର. ଅନାମ ବେହେରା ମତବ୍ୟକ୍ତ କରିଥିଲେ। ପରେ ବିଶିଷ୍ଟ ଗବେଷକ ଡ. ଅମ୍ବରୀଶ ଶତପଥୀ ଶକ୍ତିଙ୍କର ବୈଶିଷ୍ଟ୍ୟ ପ୍ରତିପାଦନ ଉଦ୍ଦେଶ୍ୟରେ ଉଲ୍ଲେଖ କରିଥିଲେ ଯେ, ଶକ୍ତି ବିନା ଶିବ କେବଳ ଶବ ମାତ୍ର। ଡ. ସସ୍ମିତା ଜେନା, ଡ. ମନାଲି ଚ୍ୟାଙ୍ଗ, ସୁଜାତା ଦେବ, ବିଶାଖା ଦେବୀ ଓ ଡ. ପାରେଶ୍ୱର ସାହୁ ଶକ୍ତି ଉପାସନା ଆଧାରିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧିବେଶନର ଅନ୍ତିମ ପର୍ଯ୍ୟାୟରେ ସମୀକ୍ଷକ ଡ. ଲିପିକା ନାୟକଙ୍କ ସମୀକ୍ଷାତ୍ମକ ଆଲୋଚନା ପରେ ମଞ୍ଚ ସଞ୍ଚାଳିକା ଡ. ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ପାଠଚକ୍ରର ଉଦ୍‌ଯାପନୀ ପର୍ବ ଆରମ୍ଭରେ ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାସ ଋଗ୍‌ବେଦରେ ମାତୃପୂଜାର ନିଦର୍ଶନ ତଥା ଇତିହାସ ଓ ପ୍ରତ୍ନତତ୍ତ୍ୱରେ ତାହାର କ୍ରମବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଶକ୍ତି କହିଲେ ପରମେଶ୍ୱରଙ୍କ ସାମର୍ଥ୍ୟକୁ ବୁଝାଏ ସମ୍ମାନିତ ବକ୍ତା ଡ. ବିଶ୍ୱନାଥ ସ୍ୱାଇଁ ସ୍ୱମତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ପ୍ର. ପ୍ରଭାତ ରଞ୍ଜନ ମହାପାତ୍ର ସୃଷ୍ଟିରେ ଶକ୍ତିର ମାହାତ୍ମ୍ୟ ବଖାଣି କହିଥିଲେ ଯେ, ଶକ୍ତି ମାଧ୍ୟମରେ ହିଁ ଈଶ୍ୱର ସୃଷ୍ଟି କରନ୍ତି। ସଭାପତି ଅଭିଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଶତ୍ରୁଘ୍ନ ପାଣିଗ୍ରାହୀ ଶକ୍ତି ସୃଷ୍ଟିର ମୂଳାଧାର ଏବଂ ସତ୍ ମଣିଷ ପାଇଁ ସେ ଲକ୍ଷ୍ମୀ ଓ ଅସତ୍ ମଣିଷ ପାଇଁ ସେ ଅଲକ୍ଷ୍ମୀ ବୋଲି ମତବ୍ୟକ୍ତ କଲେ। ଆୟୋଜିତ ଜାତୀୟ ପାଠଚକ୍ରଟି ସମସ୍ତଙ୍କ ନିମନ୍ତେ ପ୍ରେରଣାଦାୟୀ ହେବ ବୋଲି ଆଶାପୋଷଣ କରି ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ନିଜର ସମାପନ ବକ୍ତବ୍ୟକୁ ସମାପ୍ତ କଲେ। ଶେଷରେ ମଞ୍ଚ ସଞ୍ଚାଳିକା ତଥା ପାଠଚକ୍ର ସଂଯୋଜିକା ଡ. ଶର୍ମିଷ୍ଠା ମହାପାତ୍ର ଦୁଇଦିନ ଧରି ଆୟୋଜିତ ହୋଇଥିବା ପାଠଚକ୍ରର ସଫଳ ପରିଚାଳନା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାତ୍ୟାୟନୀ ବେଶରେ ମା' ମଙ୍ଗଳା



କାକଟପୁର,୨୭।୯(ସମିସ): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଆଶ୍ୱିନ ମୂଳାଷ୍ଟମୀ ତିଥିରୁ ପାରମ୍ପରିକ ପ୍ରଥାନୁସାରେ ଆରମ୍ଭ ହୋଇଛି ଶାରଦୀୟ ପାର୍ବଣ ପୂଜା। ମା' ମଙ୍ଗଳାଙ୍କୁ ଆଦ୍ୟାଶକ୍ତି ଭାବେ ବିବେଚନା କରାଯାଇଥାଏ। ଷୋଳପୂଜା ଅବସରରେ ଶନିବାର ଷଷ୍ଠୀ ତିଥିରେ ମା'ଙ୍କର କାର୍ତ୍ତିଖର୍ପର ବେଶ ବା କାତ୍ୟାୟନୀ ବେଶ ଅନୁଷ୍ଠିତ ହୋଇଛି। ଏହି ଦିନ ଦେବତାମାନେ ମା' ଦୁର୍ଗାଙ୍କୁ ଅସ୍ତ୍ର ଭାବେ କାର୍ତ୍ତି ବା ଖଣ୍ଡା ଏବଂ ଖର୍ପର କହିଲେ ରକ୍ତପୂର୍ଣ୍ଣ ପାତ୍ର ଅର୍ପଣ କରିଥିବାବେଳେ ଆଜିର ଦିନରେ ମା'ଙ୍କୁ କାର୍ତ୍ତିଖପର ବା କାତ୍ୟାୟନୀ ବେଶରେ ଭୂଷିତ କରାଯାଇଛି। ପୂଜାପଣ୍ଡା ସେବକ ଭାବେ ରଘୁନାଥ ଦୀକ୍ଷିତ ଏବଂ ଷୋଡ଼ଶ ଉପଚାର ପୂଜାପଣ୍ଡା ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ରବିବାର ମା'ଙ୍କର ପ୍ରସିଦ୍ଧ ସିଂହବାହିନୀ ବେଶ ଅନୁଷ୍ଠିତ ହେବ ବୋଲି ନୀତି ସମ୍ପାଦକ ସୂଚନା ଦେଇଛନ୍ତି।

# କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ ଶିବିର

କଣାସ,୨୭।୯(ସମିସ): କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ରାଉତ ଉଦ୍‌ଘାଟନ କରିଥିଲେ। ପୁରୀ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡାକ୍ତର ଦୀପକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଜଣେ ଦିବ୍ୟାଙ୍ଗ ପ୍ରଶାନ୍ତ ମହାନ୍ତି, ୩ ଆଶାଦିଦି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ, ସୁରକ୍ଷା କର୍ମୀ ଆଦି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଡା. କ୍ଷମାନିଧି ସେଠୀ, ଡା. ସବ୍ୟସାଚୀ ମହାପାତ୍ର, ଡା. ବିବେକ ଅନୁରାଗ, ଡା. ସୌମ୍ୟରଞ୍ଜନ ସେଠୀ, ଡା. ବିଶ୍ୱରଞ୍ଜନ ଜେନା, ସ୍ୱର୍ଣ୍ଣଲତା ରଥ, ଧନେଶ୍ୱର ସ୍ୱାଇଁ, କଳିଙ୍ଗ କୁମାର ଉପାଧ୍ୟାୟ, ଅନ୍ତର୍ଯ୍ୟାମୀ ମହାପାତ୍ର, ତପନ ଚୌଧୁରୀ, ଲୋକନାଥ ଦଳେଇ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରୋଗ ଓ ଔଷଧମୁକ୍ତ ସଚେତନତା

ବାଣପୁର,୨୭।୯(ସମିସ): ବାଣପୁର ଶୁଭମଙ୍ଗଳ କଲ୍ୟାଣ ମଣ୍ଡପ ପରିସର ସାହିତ୍ୟ ସିନ୍ଦୂରା ସଭାଗୃହରେ ବାଣପୁର ବରିଷ୍ଠ ନାଗରିକ ସଙ୍ଘର ସଭାପତି ଡ. ଚିନ୍ତାମଣି ମିଶ୍ରଙ୍କ ସଭାପତିତ୍ୱରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମାଉଣ୍ଟଆବୁରୁ ଆସିଥିବା ଡ. ନରେଶ ଅଗ୍ରୱାଲ ଓ ତାଙ୍କ ଅନୁଷ୍ଠାନର ସଦସ୍ୟ ସାମିଲ ହୋଇ ଏକ ରୋଗମୁକ୍ତ ଓ ଔଷଧମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ସଙ୍ଘର ଉପସଭାପତି ଗୋଲକ ବିହାରୀ ପରିଡ଼ା ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ରାଜଯୋଗ ସାଧନ ଦ୍ୱାରା କିପରି ମନୁଷ୍ୟତ୍ୱରୁ ଦେବତ୍ୱ ପ୍ରାପ୍ତି ଓ ରାଜଯୋଗ ଦ୍ୱାରା ବିଶ୍ୱ କଲ୍ୟାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ଯେଉଁଭଳି ବିଶ୍ୱରେ ପାଣିପାଗର ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ହେଉଛି, ଯଦି ଆମେ ସଜାଗ ନ ହେଲେ ତେବେ ରୋଗମୁକ୍ତ ହେବା କଷ୍ଟସାଧ୍ୟ ବୋଲି ଡ. ଆଗ୍ରୱାଲ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ନୃସିଂହ ପ୍ରଧାନ, ସନ୍ଧ୍ୟାରାଣୀ ହରିଚନ୍ଦନ, ରବୀନ୍ଦ୍ରନାଥ ମାନସିଂ, ଜୟ କୃଷ୍ଣ ଦାସ, ସୁଷମା ମହାସୁଆରଙ୍କ ସମେତ ବହୁ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ।

# ମହିଳାଙ୍କୁ ଉଲଗ୍ନ କରି ପିଟିଲେ

ଭୁବନେଶ୍ୱର, ୨୭।୯(ସମିସ): ଜଣେ ଅନୁସୂଚିତ ଜାତି ମହିଳାଙ୍କୁ ଉଲଗ୍ନ କରି ନଡ଼ିଆ ଗଛରେ ବାନ୍ଧିଲେ। ସେତିକିରେ ସେମାନଙ୍କ ନିର୍ଯାତନା ସରିଲାନି ଯେ କଟୁରିରେ ତାଙ୍କୁ ଆକ୍ରମଣ କରି ଗୁରୁତର କଲେ। କିନ୍ତୁ ଏପରି ଏକ ସାଂଘାତିକ ଅଭିଯୋଗକୁ ୭ ଦିନ ବିତିଥିଲେ ବି ପୁଲିସ ଖାଲି ଏକ ମାମଲା ରୁଜୁ କରି ଚୁପ୍ ବସିପଡ଼ିଛି। ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅପରପକ୍ଷେ ପୁଲିସର ଏହି ନିଷ୍କ୍ରିୟତାର ସୁଯୋଗ ନେଇ ଅଭିଯୁକ୍ତମାନେ ଏବେ ମହିଳା ଓ ତାଙ୍କ ପରିବାରକୁ ଧମକଚମକ ଦେଉଛନ୍ତି। ତେଣୁ, ନ୍ୟାୟ ପାଇଁ ସବୁଆଡୁ ନିରାଶ ହେବା ପରେ ପୀଡ଼ିତା ମହିଳାଜଣଙ୍କ ପୁଲିସ ଡିଜିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟ୍ୱିଟ୍ କରି ମହିଳାଜଣଙ୍କ ଡିଜିଙ୍କୁ ନ୍ୟାୟ ପାଇଁ ଗୁହାରି କରିଛନ୍ତି।

ମିଳିଥିବା ସୂଚନାନୁସାରେ, ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୨୦ କିମି ଦୂର

- କାର୍ଯ୍ୟାନୁଷ୍ଠାନ ନେଉନି ପିପିଲି ପୁଲିସ
- ଡିଜିପିଙ୍କୁ ନ୍ୟାୟ ମାଗିଲେ ପୀଡ଼ିତା

ପିପିଲି ଥାନା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଜମିବାଡ଼ିକୁ କେନ୍ଦ୍ର କରି ପଡ଼ୋଶୀଙ୍କ ସହ ଉକ୍ତ ମହିଳାଙ୍କ ପୂର୍ବରୁ ବିବାଦ ରହିଥିଲା। ୭ ଦିନ ତଳେ ଏହାକୁ ନେଇ ସେମାନଙ୍କ ମଧ୍ୟରେ କଳହ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପଡ଼ୋଶୀ ପରିବାରର ୪ରୁ ୫ଜଣ ଉକ୍ତ ମହିଳାଙ୍କୁ ଆକ୍ରମଣ କରିଥିଲେ। ସେମାନେ ମହିଳାଙ୍କୁ ଉଲଗ୍ନ କରି ଏକ ନଡ଼ିଆ ଗଛରେ ବାନ୍ଧି ଦେବା ସହ କଟୁରିରେ ଆକ୍ରମଣ କରିଥିଲେ। ଏଥିରେ ମହିଳାଜଣଙ୍କ ଗୁରୁତର ଆହତ ହୋଇଥିଲେ। ପରେ କିଛି ଗ୍ରାମବାସୀ ମହିଳାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ତେବେ ଏ ସଂପର୍କରେ ମହିଳାଜଣଙ୍କ ପିପିଲି ଥାନାରେ ଅଭିଯୋଗ କରିବାରୁ ପୁଲିସ ନଂ-୧୮୯/୨୫ରେ ମାମଲା ରୁଜୁ କରିଛି। କିନ୍ତୁ ଘଟଣାକୁ ୭ଦିନରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ହେଁ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

# ଓସିଏସ୍ ପରୀକ୍ଷାରେ ଆଶୁତୋଷ ଓ ମୋନାଲିସାଙ୍କ କୃତକାର୍ଯ୍ୟ





ନିମାପଡ଼ା,୨୭।୯(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ମିଟେଇପୁର ପଞ୍ଚାୟତ ବନ୍ଥ ଗ୍ରାମର ଦିଲ୍ଲୀପ କୁମାର ସ୍ୱାଇଁ ଓ ଝୁମଲତା ସ୍ୱାଇଁଙ୍କ ସୁପୁତ୍ର ଆଶୁତୋଷ ସ୍ୱାଇଁ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୨୪ ନମ୍ବର ର୍‍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ବାପା, ମାଆ ଓ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ସେହିପରି ଛଣିଜଙ୍ଗ ପଞ୍ଚାୟତ ବିଲସାହି ଗ୍ରାମର ଧର୍ମାନନ୍ଦ ଦାଶ ଓ ଆରତୀ ଦାଶଙ୍କ ଝିଅ ମୋନାଲିସା ଦାଶ ୨୧୦ ର୍‍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। ସେ ବାପା, ମାଆ ଓ ଶିକ୍ଷକଙ୍କୁ ତାଙ୍କର ଏହି ସଫଳତାର ଶ୍ରେୟ ଦେଇଛନ୍ତି।

# ପାର୍ବଣ ଋତୁରେ ପୁଲିସର ଫୁଟ୍ ପାଟ୍ରୋଲିଂ



ନିରାକାରପୁର, ୨୭।୯ (ସମିସ): ପାର୍ବଣ ସମୟରେ କୌଣସି ଅପ୍ରିତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୁଲିସ ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ସନ୍ଧ୍ୟାରେ ଫୁଟ୍ ପାଟ୍ରୋଲିଂ କରାଯାଇଛି। ଏଏସ୍‌ଆଇ ଗୁପ୍ତ ମହାନ୍ତି, ଶରତ ବେହେରା ଓ ମିନତୀ ମଲ୍ଲିକଙ୍କ ସହିତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ୨୦ ୟୁନିଟ୍ ରକ୍ତ ସଂଗ୍ରହ ଓ ୨୧୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାଣପୁର,୨୭।୯(ସମିସ): ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଥିବା ବେଳେ ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ ଗମ୍ଭାରୀମୁଣ୍ଡାରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ପରାମର୍ଶ କେନ୍ଦ୍ରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ୨୧୪ ଜଣ ମହିଳା ଓ ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ବାଣପୁର ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ସଞ୍ଜୟ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ନଗରପାଳ ମିଟୁ ନାୟକ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ତହସିଲ୍‌ଦାର ଟି. ପଦ୍ମନାଭ ଦୋରା, ବିଡିଓ ବିକାଶ କୁମାର ମହାନ୍ତି, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ। ଡା. ପ୍ରଭାତ ଜଗଦେବ, ଡା. ମନୋଜ ସାହୁ, ଡା. ରାକେଶ ମହାରଣା, ଡା. କାହ୍ନୁ ଚରଣ ସାହୁଙ୍କ ସମେତ ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ଶ୍ରୀଜା ମହାରଥା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ପ୍ରସାଦ ସୁନ୍ଦରାୟଙ୍କ ସମେତ ଉଭୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ, ବିପିଏମ୍, ସହାୟକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ

ଅସ୍ତରଙ୍ଗ/ଗମ୍ଭାରୀପଦା,୨୭।୯(ସମିସ): ଅସ୍ତରଙ୍ଗ ବ୍ଲକ୍ ପକ୍ଷରୁ ଶନିବାର ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୬୬ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏନେଇ ବ୍ଲକ୍ ପ୍ରଶାସନ ପକ୍ଷରୁ ଅଭ୍ୟର୍ଥନା ଗୃହରେ ଏକ ଶିବିର ଆୟୋଜନ କରିବାରେ ବିଭିନ୍ନ ସ୍ଥାନରୁ ଚିହ୍ନଟ ହିତାଧିକାରୀ ଯୋଗଦେଇଥିଲେ। ଅତିଥି ଭାବେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତି ନାୟକ, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ମିଶ୍ର, ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ୍ ପ୍ରତିନିଧି ଦିବାକର ଛାଟୋଇ, ବିଡିଓ ସସ୍ମିତା ବେହେରା, ଝାଡ଼ଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ ଯୋଗଦେଇ ଅନ୍ତ୍ୟୋଦୟ ଗୃହ ଯୋଜନା ସମ୍ପର୍କରେ ଉପସ୍ଥିତ ହିତାଧିକାରୀଙ୍କୁ ବୁଝାଇଥିଲେ। ରାଜ୍ୟ ସରକାର ପରିବାର ସଂଜ୍ଞା ପରିବର୍ତ୍ତନ କରିବା ପରେ ଏହି ଯୋଜନାରେ ବହୁ ଗରିବ ଲୋକ ଉପକୃତ ହେବା ସହ ମୁଣ୍ଡ ଗୁଞ୍ଜିବାକୁ ସ୍ୱପ୍ନ ଦେଖୁଥିବା ଛାତଘର ନିର୍ମାଣ କରିପାରିବେ ବୋଲି କୁହାଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ପରିବର୍ତ୍ତନ ଆସିବା ପରେ ପୂର୍ବରୁ ୪ ମାସରେ ଘର ସାରିଲେ ୨୦ ହଜାର ଟଙ୍କା ମିଳୁଥିଲା। ଏବେ ୪ ମାସ ବଦଳରେ ୬ ମାସରେ ଘର ନିର୍ମାଣ ଶେଷ କଲେ ୨୦ ହଜାର ଟଙ୍କା, ୮ ମାସରେ ଘର ନିର୍ମାଣ ଶେଷ କଲେ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି(ଇନ୍‌ସେଣ୍ଟିଭ୍) ମିଳିବ ବୋଲି ସୂଚନା ମିଳିଛି। ସେହିପରି କାକଟପୁର ବ୍ଲକ୍‌ର ୧୬ଟି ପଞ୍ଚାୟତରୁ ୯୨ ଜଣଙ୍କୁ ଅନ୍ତ୍ୟୋଦୟ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୨୦ ହଜାର ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ ଓ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ବ୍ଲକ୍ ପ୍ରୋଗ୍ରାମ ସଂଯୋଜିକା ପ୍ରିୟଦର୍ଶିନୀ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ବୈଠକ

ଚାରିଛକ,୨୭।୯(ସମିସ): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଏକ ବୈଠକ ପ୍ରାଚୀତଟ ପଦ୍ମ ସମ୍ଭବ ପୀଠରେ ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀନଦୀ ଓ ପ୍ରାଚୀ ଅବବାହିକାର ଉଜୁଡ଼ା ସ୍ଥିତି ପ୍ରତି ଚିନ୍ତାପ୍ରକଟ କରିଛନ୍ତି ପରିଷଦର ସଦସ୍ୟଙ୍କ ସମେତ ଅଗଣିତ ଜଗନ୍ନାଥ ପ୍ରେମୀ। ଏବେବି ଏଠାରେ ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଚୈତନ୍ୟ, ଐରଖାରବେଳ, ସମ୍ରାଟ ଅଶୋକ, ଭକ୍ତ ଜୟଦେବ, ବୌଦ୍ଧଗୁରୁ ପଦ୍ମ ସମ୍ଭବଙ୍କ କୀର୍ତ୍ତିରାଜୀ ବଞ୍ଚିରହିଛି। ପୁରାଣ ବର୍ଣ୍ଣିତ ଆର୍ଯ୍ୟ ଋଷିମାନଙ୍କ ତପସ୍ୟାସ୍ଥଳୀ, ଦ୍ୱାଦଶ ମାଧବ, ଦ୍ୱାଦଶ ଶମ୍ଭୁ ପୀଠ, ଦ୍ୱାଦଶ ଶକ୍ତିପୀଠ ପ୍ରାଚୀତଟର ଗରିମାମୟ ଇତିହାସକୁ ସୂଚିତ କରୁଛି। ଜନସଚେତନତା ଅଭାବ ଓ ସରକାରଙ୍କ ଚରମ ଅବହେଳାରୁ ପ୍ରାଚୀନଦୀ ପ୍ରାଚୀ ଐତିହ୍ୟ ସ୍ଥିତି ହଜାଇବାକୁ ବସିଲାଣି। ପୁନଃ ଏ ଐତିହ୍ୟସ୍ଥଳୀକୁ ବିଶ୍ୱ ପର୍ଯ୍ୟଟନର ପ୍ରାଣକେନ୍ଦ୍ର କରିବା ପାଇଁ ସବୁସ୍ତରରୁ ପ୍ରଚେଷ୍ଟା ଜାରି ରହିବା ଆବଶ୍ୟକ। ବିଶ୍ୱ ପ୍ରସିଦ୍ଧ ସନ୍ଥ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ୨୦୧୨ରୁ ସାଧୁସନ୍ଥମାନଙ୍କ ସହ ପ୍ରାଚୀ ପରିକ୍ରମା କରି ଜନସଚେତନତା ଜାଗ୍ରତ କରୁଛନ୍ତି। ସରକାର ଆଉ କାଳ ବିଳମ୍ବ ନ କରି ନମାମୀ ଗଙ୍ଗା ଯୋଜନା ପରି ନମାମୀ ପ୍ରାଚୀ ଯୋଜନା କରି ଐତିହ୍ୟଭରା ପ୍ରାଚୀନଦୀର ସ୍ଥିତିକୁ ସୁଧାର ଆଣିବାକୁ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ସମେତ ଅଗଣିତ ଜଗନ୍ନାଥ ପ୍ରେମୀ ଆଶାବାନ୍ଧି ରହିଛନ୍ତି।

# ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ

ଚାରିଛକ,୨୭।୯(ସମିସ): ନିମାପଡ଼ା ବ୍ଲକ୍ ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଜନସଚେତନତା ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ବଜାର ପରିକ୍ରମା କରିଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା, ପ୍ଲାଷ୍ଟିକ୍ ବର୍ଜନ, ଗାନ୍ଧୀଙ୍କ ସ୍ୱପ୍ନ ସ୍ୱଚ୍ଛ ଭାରତ ସାକାର ଆଦି ସ୍ଲୋଗାନ ଦେଇ ଜନସଚେତନତା ସୃଷ୍ଟି କରିଥିଲେ। ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀବୃନ୍ଦ ଓ ଛାତ୍ରଛାତ୍ରୀମାନେ ଚାରିଛକ ବଜାରସ୍ଥିତ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତି ଥିବା ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ପାତ୍ର, ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର, ଆଦ୍ୟାଶା ପ୍ରିୟଦର୍ଶିନୀ, ରାନୀ ବସ୍ତିଆ, ବିଭୁ ପ୍ରସନ୍ନ ଦାସ, ମାନସ ରଞ୍ଜନ ନାୟକ, ଶିବବ୍ରତ ମଲ୍ଲ, ଅଭିଭାବକ ରଶ୍ମିତା ସାହୁ, ଟିକି ସ୍ୱାଇଁ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସଫେଇ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ।

# ଜବରଦଖଲରୁ ବଳିଗଲା ବୁଲା ଗାଈଗୋରୁ, ଷଣ୍ଢଙ୍କ ଉତ୍ପାତ

## ଫସଲ ନଷ୍ଟ କରୁଛନ୍ତି, ରାସ୍ତା ଜାମ କରି ଦୁର୍ଘଟଣା ଘଟାଉଛନ୍ତି



ଅସ୍ତରଙ୍ଗ,୨୭।୯(ସମିସ): ଅସ୍ତରଙ୍ଗ ଅଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଷଣ୍ଢ ଓ ବୁଲା ଗାଈଗୋରୁଙ୍କ ଉତ୍ପାତ। ଦିନସାରା ଚାଷଜମିରେ ପଶି ପରିବା ଫସଲ, ଧାନ ଆଦି ଖାଇବା ସହିତ ଦଳିଚକଟି ନଷ୍ଟ କରିଦେଉଛନ୍ତି। ଏଥିସହ ସନ୍ଧ୍ୟାରୁ ରାତିତମାମ ଅସ୍ତରଙ୍ଗ ବଜାର ସମେତ ମୁଖ୍ୟ ରାସ୍ତାରେ ପଲ ପଲ ହୋଇ ବୁଲି ରାସ୍ତା ଜାମ କରି ରଖୁଛନ୍ତି। ଫଳରେ ଗାଡ଼ିମୋଟର ଯିବାଆସିବାରେ ବହୁତ ଅସୁବିଧା ହେଉଛି। ଅନ୍ଧାର ରାତିରେ ମଝି ରାସ୍ତାରେ ବୁଲାବୁଲି କରିବା, ଶୋଇ ରହିବାରୁ ଗାଡ଼ିଚାଳକମାନେ ଦେଖି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି ଏବଂ ନିଜ ନିଜ ଭିତରେ ଲଢ଼େଇ କରିବାରୁ ବଜାରରେ ଥୁଆ ହୋଇଥିବା ଗାଡ଼ି, ସାଇକଲ କ୍ଷତିଗ୍ରସ୍ତ ହେଉଛି। ଅନେକ ସମୟରେ ଆମ୍ବୁଲାନ୍ସଟିଏ ବଜାର ପାସ୍ କରିବାକୁ ଅଧଘଣ୍ଟା ଲାଗିଯାଉଛି। ଏହି ସମସ୍ୟା ଦୀର୍ଘ ଦିନ ଧରି ଲାଗିରହିଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହା ଫଳରେ ଦିନକୁ ଦିନ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଧାର କରଜ କରି ହଜାର ହଜାର ଟଙ୍କା ଖର୍ଚ୍ଚ କରି କରିଥିବା ଚାଷ ଉଜୁଡ଼ିଯିବାରୁ ଚାଷୀଙ୍କ ଚିନ୍ତା ବଢ଼ୁଛି କେମିତି ଧାନକୁ ସୁରକ୍ଷିତ ଭାବରେ ଅମଳ କରିବେ। ତେଣୁ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଅଞ୍ଚଳବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ଷଣ୍ଢ, ଗାଈଗୋରୁଙ୍କୁ ନିକଟସ୍ଥ ଗୋଶାଳା ନଚେତ୍ କେଉଁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ନ କଲେ ଆଗାମୀ ଦିନରେ ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚାଷୀମାନେ ସୂଚନା ଦେଇଛନ୍ତି।

# ସ୍ୱଚ୍ଛତା ଓ ହିନ୍ଦୀ ପକ୍ଷ ପାଳନର ପୁରସ୍କାର ବିତରଣ ଉତ୍ସବ




ପିପିଲି,୨୭।୯(ସମିସ): ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରିନ୍ସପାଲ ବିଭୂତିଭୂଷଣ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ପକ୍ଷ ଓ ହିନ୍ଦୀ ପକ୍ଷ ପାଳନ ଅବସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋବିନ୍ଦପୁର କ୍ଲଷ୍ଟରର ପୂର୍ବତନ ସିଆର୍‌ସିସି ଚିନ୍ତାମଣି ଓଝା ଯୋଗଦେଇ ସ୍ୱଚ୍ଛତା ଓ ହିନ୍ଦୀ ଦିବସ ପାଳନର ଗୁରୁତ୍ୱ ବୁଝାଇଥିଲେ। ଶିକ୍ଷକ ସୁଜିତ କୁମାର ନାୟକ ସ୍ୱଚ୍ଛତା ପକ୍ଷ ଏବଂ ହିନ୍ଦୀ ପକ୍ଷ ପାଳନର ଶିକ୍ଷୟିତ୍ରୀ କଲ୍ୟାଣୀ ଦିଗଲ ପ୍ରତ୍ୟେକ ଦିନର କାର୍ଯ୍ୟସୂଚୀ ଉପସ୍ଥାପନା କରିଥିଲେ। ସ୍ୱଚ୍ଛତା ପକ୍ଷ ପାଳନରେ ସ୍ୱଚ୍ଛତା ଶପଥ, ଗୋଷ୍ଠୀ ସଚେତନତା, ବୃକ୍ଷରୋପଣ, ହାତଧୁଆ ଦିବସ, ସ୍ୱଚ୍ଛତା ମେଳା ଇତ୍ୟାଦି ଏବଂ ହିନ୍ଦୀ ପକ୍ଷ ପାଳନରେ ହିନ୍ଦୀ ହସ୍ତାକ୍ଷର ଲିଖନ, ନିବନ୍ଧ ଲିଖନ, କବିତା ଆବୃତ୍ତି, ବ୍ୟାକରଣ, କଥା ବାଚନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା ଉପରେ ଏକ ସୁନ୍ଦର ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଦିବସରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଦିପଶିଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀକ୍ଷେତ୍ର ସିଟି

୨୭/୯/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୬୩,୪୨୩/- ସୁନା: ୦୨.୧୦୦ ଗ୍ରାମ୍ ରୁପା: ୦୫.୫୦୦ ଗ୍ରାମ୍



### ନିଆରା ନେତ ପରମ୍ପରା

## ହର-ପାର୍ବତୀଙ୍କୁ ପୂଜିଲେ ସେବାୟତ ଘର କୁମାରୀ




ପୁରୀ,୨୭।୯ (ସମିସ): ବଳିରେ ବଳି ନ କର କଳି, କାଲି ଆଣି ଦେବି ସରୁ ଚକୁଳି... ଗୀତରେ ଶନିବାର ଝଙ୍କୁରିତ ହୋଇଥିଲା ମାର୍କଣ୍ଡ ପୁଷ୍କରିଣୀ କୂଳ। ସେବାୟତ ପରିବାରର କୁମାରୀମାନେ ନେତ ବେଶରେ ସଜେଇ ହୋଇ ଏହି ଗୀତ ଗାଇ ହର-ପାର୍ବତୀଙ୍କୁ ଆରାଧନା କରିଥିଲେ। ସୁନ୍ଦର ଏବଂ ଯୋଗ୍ୟ ବରପ୍ରାପ୍ତି ମନାସୀ କୁମାରୀମାନେ ଏହି ପୂଜା କରିଥିଲେ। କୁମାରୀଙ୍କ ଏହି ପୂଜା ଦେଖିବା ଲାଗି ମାର୍କଣ୍ଡ କୂଳରେ ବେଶ୍ ଭିଡ଼ ଜମିଥିଲା।

ଭାଦ୍ରବ ମାସ ପୂର୍ଣ୍ଣମୀଠାରୁ ନେତ ପୂଜା ଆରମ୍ଭ ହୋଇଥାଏ। ୨୧ଦିନବ୍ୟାପୀ ସେବାୟତ ପରିବାରର କୁମାରୀମାନେ ସନ୍ଧ୍ୟାରେ ଘରେ ବଳିରେ ବଳି ନ କର କଳି... ଗୀତ ଗାଇ ଶିବ-ପାର୍ବତୀଙ୍କୁ ପୂଜା କରିଥା'ନ୍ତି। କୁମାରୀ କନ୍ୟା ଭବିଷ୍ୟତରେ ଭଲ ସ୍ୱାମୀ ପାଇବା ନିମନ୍ତେ ଏହି ବ୍ରତ ପାଳନ କରିଥା'ନ୍ତି। ଆଶ୍ୱିନ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିଠାରୁ ଚାରିଦିନବ୍ୟାପୀ ନେତ ବେଶ ହୋଇ ମାର୍କଣ୍ଡ ପୁଷ୍କରିଣୀ କୂଳକୁ ଆସି ପୂଜାର୍ଚ୍ଚନା କରିବା ସହିତ ମାର୍କଣ୍ଡେଶ୍ୱରଙ୍କୁ ଦର୍ଶନ କରି ନିଷ୍ଠାର ସହିତ ବ୍ରତ ପାଳିଥା'ନ୍ତି। ଏହାକୁ ନେତ ପୂଜା ତଥା ନେତ ପରମ୍ପରା କୁହାଯାଏ। ଏହି ପରମ୍ପରା ଶ୍ରୀକ୍ଷେତ୍ରର ସେବାୟତ ପରିବାରରେ ପାଳିତ ହେଉଥିବାବେଳେ ଅନ୍ୟତ୍ର ଦେଖିବାକୁ ମିଳି ନ ଥାଏ। ଶନିବାର ପୂର୍ବାହ୍ଣରେ ମାର୍କଣ୍ଡ ପୁଷ୍କରିଣୀ କୂଳରେ ସେବାୟତ ଘରର କୁନି ଝିଅମାନଙ୍କ ନେତ ପୂଜା ବେଶ୍ ଆକର୍ଷଣୀୟ ସାଜିଥିଲା। କୁନି କୁନି ଝିଅମାନେ ସୁନା, ରୁପା ଅଳଙ୍କାରରେ ସଜେଇ ହୋଇ ନେତ ବେଶରେ ମାର୍କଣ୍ଡ ପୁଷ୍କରିଣୀକୁ ଆସିଥିଲେ। ପାଦରେ ପାଉଁଜି, ହାତରେ ପହୁଡ଼, ମଲ, ଅଣ୍ଟାରେ ବେଙ୍ଗ ପାଟିଆ, ହାତରେ ବାଜୁବନ୍ଧ, ଖଡୁ, ବେକରେ ହାର ଏବଂ ମଥାରେ ସିନ୍ଥି ଆଦି ଅଳଙ୍କାର ଲଗାଇ ବେଶ୍ ସୁନ୍ଦର ଦେଖାଯାଉଥିଲେ। ପୁଷ୍କରିଣୀ କୂଳରେ ନଡ଼ିଆ, ମକା, ଜହ୍ନି, ଲାଉ, କାକୁଡ଼ି, ହଳଦୀ ଓ ଗୁଆ ରଖି ଠାକୁରଙ୍କୁ ସ୍ଥାପନା କରିଥିଲେ। ପୂଜାର୍ଚ୍ଚନା କରି ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଏହାପରେ ମାର୍କଣ୍ଡେଶ୍ୱରଙ୍କୁ ଦର୍ଶନ କରି ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

### 'ଅପରେସନ ଚକ୍ର'କୁ ସଫଳତା

# ୨୦୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ

ପୁରୀ,୨୭।୯ (ସମିସ)





ପୁରୀ ଜିଲ୍ଲାକୁ ଅପରାଧମୁକ୍ତ ଏବଂ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ଚାଲିଛି ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚକ୍ର'। ବିଶେଷକରି ବ୍ରାଉନ୍‌ସୁଗର, ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏହି କାରବାରରେ ସମ୍ପୃକ୍ତ ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ଲକିଂ, ଚେକିଂ ଚାଲିଛି। ଏହି କ୍ରମରେ ପୁରୀ ସଦର ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ସଦର ପୁଲିସ ନୀଳଚକ୍ର ନଗରରେ ଚଢ଼ଉ କରି ଜଣେ ଆନ୍ତଃରାଜ୍ୟ ଧଳାଜହର ଚାଲାଣକାରୀ ଏବଂ ଜଣେ ଡିଲରକୁ କାବୁ କରିଛି। ଗିରଫ ଆନ୍ତଃରାଜ୍ୟ ଚାଲାଣକାରୀ ହେଲେ ଜଳେଶ୍ୱର ଥାନା ଅଞ୍ଚଳର ମହମ୍ମଦ ସାଜଦ ଓରଫ ରାଜା ଏବଂ ସ୍ଥାନୀୟ ଡିଲର ସୁକାନ୍ତି ପଣ୍ଡା। ଅଭିଯୁକ୍ତଙ୍କଠାରୁ ପୁଲିସ ୨୦୦ ଗ୍ରାମ୍ ବ୍ରାଉନ୍‌ସୁଗର, ଗୋଟିଏ କାର୍, ୨ଟି ମୋବାଇଲ୍ ଏବଂ ୫,୨୦୦ ଟଙ୍କା ଜବତ କରିଛି। ଜବତ ଧଳାଜହରର ମୂଲ୍ୟ ପ୍ରାୟ ୨୨ଲକ୍ଷ ଟଙ୍କା ହେବ ବୋଲି ଶନିବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ ସିଂ।

ସଦର ଥାନା ଏସ୍‌ଆଇ ବିଜୟ ବସନ୍ତ ବିଶ୍ୱାଳଙ୍କୁ ସୁଦୂର ଜଳେଶ୍ୱର ଥାନା ଅଞ୍ଚଳର ଜଣେ ଆନ୍ତଃରାଜ୍ୟ ଧଳାଜହର ଚାଲାଣକାରୀ ପୁରୀ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏ ନେଇ ଥାନାଧିକାରୀଙ୍କୁ ଅବଗତ କରିବା ପରେ ଆନ୍ତଃରାଜ୍ୟ ଚାଲାଣକାରୀ ମହମ୍ମଦ ସାଜଦ ଫୋନ୍‌କୁ ଟ୍ରାକିଂ କରାଯାଇଥିଲା। ଶନିବାର ସାଜଦ ଏକ କାର୍‌ରେ ପୁରୀ ପହଞ୍ଚି ଡିଲର ସୁକାନ୍ତି ପଣ୍ଡାଙ୍କ ଘରକୁ ଯାଇଥିଲା। ସଦର ପୁଲିସ ସୁକାନ୍ତିଙ୍କ ଘରକୁ ଘେରଉ କରି ଚଢ଼ଉ କରିଥିଲା। ପୁଲିସ ସାଜଦ ଏବଂ ସୁକାନ୍ତିକୁ କାବୁ କରିଥିଲା। ୨ଜଣ ସ୍ଥାନୀୟ ସାକ୍ଷୀଙ୍କ ଉପସ୍ଥିତିରେ ପୁଲିସ ୨୦୦ଗ୍ରାମ୍ ଧଳାଜହର, ଗୋଟିଏ କାର୍,

- ମହିଳାଙ୍କ ସମେତ ଆନ୍ତଃରାଜ୍ୟ ଚାଲାଣକାରୀ ଗିରଫ
- ଗୋଟିଏ କାର୍, ୨ ମୋବାଇଲ୍ ଓ ୫୨୦୦ ଟଙ୍କା ଜବତ

୨ଟି ମୋବାଇଲ୍ ଏବଂ ୫୨୦୦ ଟଙ୍କା ଜବତ କରିଛି। ଏ ନେଇ ପୁଲିସ ଉଭୟଙ୍କୁ ଗିରଫ କରି ତାଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟରେ ଗୋଟିଏ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ପ୍ରକାଶ ଥାଉକି, ଅଭିଯୁକ୍ତ ସୁକାନ୍ତି ପଣ୍ଡାଙ୍କ ବିରୋଧରେ ସଦର ଥାନାରେ ପୂର୍ବରୁ ୨ଟି ମାମଲା ବିଚାରାଧୀନ ରହିଥିବା ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ସୂଚନା ଦେଇଛନ୍ତି।

### ● ନାଳିହଣାରେ ମାଗଣା ସ୍ୱାସ୍ଥ୍ୟ ଶିବିର

## ୨୫୦ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ



ପୁରୀ,୨୭।୯ (ସମିସ): ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗ ତରଫରୁ ଗୋପ ବ୍ଲକ୍ ଅନ୍ତର୍ଗତ ଗଡ଼ଭିଙ୍ଗୁରା ପଞ୍ଚାୟତର ନାଳିହଣା ଗ୍ରାମରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୨୫୦ରୁ ଅଧିକ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଥିଲା। ଏଥିମଧ୍ୟରୁ ପ୍ରାୟ ୧୨୦ ଜଣ ମହିଳା ରୋଗୀଙ୍କୁ ପରୀକ୍ଷା ସହିତ ମାଗଣା ଔଷଧ ବିତରଣ କରାଯାଇଥିଲା। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରସୂତି ବିଭାଗର ପ୍ରଫେସର ଡା. ସୁଦେଷ୍ଣା ମେହେର, ଡା. ଶିବାନୀ ଦାସ, ସ୍ଥାନୀୟ ସରପଞ୍ଚ କ୍ଷଣପ୍ରଭା ପାତ୍ର, ସେଭ୍ କୋଷ୍ଟାଲ ଲାଇଫ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରକୃତିବନ୍ଧୁ ସରୋଜ କୁମାର ଜେନା ଓ ସଂଗଠନର ସଦସ୍ୟମାନଙ୍କ ସହ ଗାଁ ସଭାପତି ତପନ କୁମାର ଭୋଇଙ୍କ ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ଆୟୁର୍ବେଦିକ ଡାକ୍ତର ଏବଂ ଛାତ୍ରଛାତ୍ରୀମାନେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ଚିକିତ୍ସା ଏବଂ ଘରୋଇ ଉପଚାର ବିଷୟରେ ପରାମର୍ଶ ଦେଇ ମହିଳାମାନଙ୍କୁ ଋତୁସ୍ରାବ ସମୟରେ ସ୍ୱଚ୍ଛତା, ଏଥିଜନିତ ସମସ୍ୟା ଏବଂ ଗର୍ଭଧାରଣ କ୍ଷମତା ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରକାରର ସୂଚନା ଦେବା ସହିତ ଭାରତ ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ ଆୟୁର୍ବେଦିକ ଚିକିତ୍ସା ପଦ୍ଧତିର ପ୍ରଚାରପ୍ରସାର କରିଥିଲେ।

### ■ ନାବାଳିକାକୁ ଯୌନ ନିର୍ଯାତନା ମାମଲା

## ଅଭିଯୁକ୍ତକୁ ୧୦ ବର୍ଷ କାରାଦଣ୍ଡ

ପୁରୀ,୨୭।୯ (ସମିସ): ୨୦୧୫ରେ ସତ୍ୟବାଦୀ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଯୌନ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଛି। ପୁରୀ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଆଡହକ୍) ତଥା ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ୍ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ ସତ୍ୟବାଦୀ ଥାନା ବଳପୁରର ଫକୀର ଭୋଇ (୫୫)କୁ ଦୋଷୀସାବ୍ୟସ୍ତ କରି ୧୦ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ବିଚାରପତି ରାମନାଥ ପଣ୍ଡା ରାୟ ଦେଇଛନ୍ତି। ଅଭିଯୁକ୍ତ ଫକୀର ୨୦୧୫ ଡିସେମ୍ବର ୯ ତାରିଖରେ କେନାଲରେ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲେ। ନାବାଳିକା ଜଣକ ଘରଠାରୁ ମାତ୍ର ୫୦ ମିଟର ଦୂର କେନାଲକୁ ବାସନ ମାଜିବାକୁ ଯାଇଥିବାବେଳେ ଫକୀର ପହଞ୍ଚି ଜୋର୍‌ଜବରଦସ୍ତ ଦୁଷ୍କର୍ମ କରିଥିଲା। ନାବାଳିକା ତା' ହାତ କାମୁଡ଼ି ଖସିଆସି ଘରେ ଜଣାଇଥିଲା। ଏ ନେଇ ନାବାଳିକାର ବାପା ସେହିଦିନ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୨୮୩/୨୦୧୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ। ୨୦୧୬ ଜାନୁଆରୀ ୩୧ ତାରିଖରେ ଏହାର ଚାର୍ଜସିଟ୍ ଦାଖଲ ହୋଇଥିଲା। ତେବେ ୧୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବୁଧବାର ଅଦାଲତ ଏହି ରାୟ ଦେଇଛନ୍ତି। ଏଥିସହ ରାଜ୍ୟ ସରକାର ପୀଡ଼ିତାକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୁହାଯାଇଛି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର (ପିପି) ବାହାନ ପରିଡ଼ା ପରିଚାଳନା କରୁଥିଲେ।

## ଯାତ୍ରୀଙ୍କ ବେକରୁ ମଙ୍ଗଳସୂତ୍ର ଲୁଟ୍ କରି ବୃଦ୍ଧ ଗିରଫ

ପୁରୀ,୨୭।୯ (ସମିସ): ଯାତ୍ରୀଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପିନେବା ଅଭିଯୋଗରେ ରେଳବାଇ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ଉତ୍ତର ପ୍ରଦେଶ ଶାମାଲୀ ଜିଲ୍ଲା ଝିଞ୍ଜାନା ଥାନା ଅଞ୍ଚଳର ଗୁରୁ ଦୟାଲ (୬୨) ବୋଲି ଜଣାପଡ଼ିଛି। ପୁଲିସ ଅଭିଯୁକ୍ତ ନିକଟରୁ ଲୁଟ୍ ହୋଇଥିବା ମଙ୍ଗଳସୂତ୍ରକୁ ଜବତ କରିଛି।

ରେଳବାଇ ପୁଲିସର ସୂଚନା ଅନୁଯାୟୀ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ଜି. ଗୋପୀ ରାଓ ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ କି ସେ ତାଙ୍କ ବାପା ଓ ମାଆଙ୍କ ସହିତ ପୁରୀ-ତିରୁପତି ଏକ୍ସପ୍ରେସ୍ ଯୋଗେ ପୁରୀ ରେଳ ଷ୍ଟେସନର ପ୍ଲାଟ୍‌ଫର୍ମ ନମ୍ବର ୩ରୁ ଯାତ୍ରା କରିବା ପାଇଁ ଯାଉଥିଲେ। ଏହି ସମୟରେ ଟ୍ରେନ୍ ଛାଡ଼ିବା ସମୟରେ, ଜଣେ ଅଜଣା ବ୍ୟକ୍ତି ହଠାତ୍ ତାଙ୍କ ମାଆଙ୍କ ବେକରୁ ପ୍ରାୟ ୪୦ ଗ୍ରାମ୍ ଓଜନର ଏକ ସୁନା ମଙ୍ଗଳସୂତ୍ର ଛିଣ୍ଡାଇ ଅନ୍ୟ ରାସ୍ତା ଦେଇ ପଳାଇବାକୁ ଚେଷ୍ଟା କରିଥିଲେ। ମାଆଙ୍କ ପାଟି ଶୁଣି ସେ ଅଭିଯୁକ୍ତଙ୍କୁ ପିଛା କରି ପ୍ଲାଟ୍‌ଫର୍ମ ନମ୍ବର ୨ ନିକଟରେ ତାଙ୍କୁ ଧରିବାରେ ସଫଳ ହୋଇଥିଲେ। ଏହି ସମୟରେ କାର୍ଯ୍ୟରତ ଆର୍‌ପିଏଫ୍ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚ ଉକ୍ତ ବ୍ୟକ୍ତିଙ୍କଠାରୁ ଏକ ସୁନା ଲକେଟ୍ ଜବତ କରିଥିଲେ। ତେବେ ଅଭିଯୁକ୍ତ ସହିତ ଅନ୍ୟ ଜଣେ ଯୁବକ ଥିବା ପୁଲିସ ସନ୍ଦେହ କରୁଛି। ରେଳବାଇ ପୁଲିସ କେସ୍ ନଂ ୨୬/୨୫ରେ ମାମଲା ରୁଜୁ କରି ତାକୁ କୋର୍ଟଚାଲାଣ କରିଛି।

### ■ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

## ପର୍ଯ୍ୟଟକଙ୍କୁ ଉଚିତ୍ ସେବା ଓ ସମ୍ମାନ ଦେବାକୁ ଆହ୍ୱାନ

ପୁରୀ,୨୭।୯ (ସମିସ): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଶନିବାର ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ପୁରୀ ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ବୋଲି କହିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ଶ୍ରୀକ୍ଷେତ୍ର ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ବେଶ୍ ମହତ୍ତ୍ୱ ରଖେ। ଏହାର ଅଧିବାସୀ ଭାବେ ଅତିଥି ଦେବୋ ଭବଃର ପରମ୍ପରାକୁ ଅକ୍ଷୁଣ୍ଣ ରଖି ଆମେ ସମସ୍ତ ପର୍ଯ୍ୟଟକଙ୍କୁ ଉଚିତ୍ ସେବା ଓ ସମ୍ମାନ ଦେବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରରେ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ସ୍ମୃତି ପ୍ରଜ୍ଞା ରାଜେଶ୍ୱରୀ ପ୍ରଥମ, ପିପିଲି କଲେଜର ମିଲିନା ସାହୁ ଦ୍ୱିତୀୟ ଓ ସୂରଜମଲ ଶାହା କଲେଜର ବିଶ୍ୱଭୂଷଣ ସ୍ୱାଇଁ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମହାବିଦ୍ୟାଳୟ କୁଇଜ୍‌ରେ ଆଇଏମ୍‌ଟି ଫାର୍ମାସୀ କଲେଜର ଛାତ୍ର ଦୁର୍ଗା ମାଧବ ମହାନ୍ତି ପ୍ରଥମ, ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶାନ୍ତି ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ପାଣିଆ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ପ୍ରାରମ୍ଭରେ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ଓ ପର୍ଯ୍ୟଟନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ, ପର୍ଯ୍ୟଟନ କର୍ମଚାରୀ ସନ୍ତୋଷ ମହାନ୍ତି, ମଳୟା ପ୍ରଧାନ, ଅମୃତା ଦାସ ପ୍ରମୁଖ ଯୋଗଦେଇଥିଲେ।

### ● ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ ବନ୍ଦ

## ପର୍ଯ୍ୟଟନ ଦିବସରେ ଦୁଃଖରେ ଫେରିଲେ ଭକ୍ତ

ପୁରୀ,୨୭।୯ (ସମିସ): ମହାମାରୀ କୋଭିଡ୍ ପରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ରଥଯାତ୍ରା ବ୍ୟତୀତ ବର୍ଷସାରା ସାଧାରଣ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ଦୂରଦୂରାନ୍ତରୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ମହାପ୍ରଭୁଙ୍କ ଜନ୍ମସ୍ଥଳୀ ଦର୍ଶନରୁ ବଞ୍ଚିତ ହୋଇ ନିଜର କ୍ଷୋଭ ପ୍ରକାଶ କରୁଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ଆଗରେ ନୈରାଶ୍ୟ ମନୋଭାବ ପ୍ରକାଶ କରୁଛନ୍ତି। ବହୁ ଦୂରଦୂରାନ୍ତରୁ ଆସୁଥିବା ବୟସ୍କ ଭକ୍ତମାନେ ଆଉ ଜୀବନରେ କେବେ ଆସିପାରିବେ କି ନାହିଁ ଚିନ୍ତାକରି ମନ୍ଦିର ଦୁଆରୁ ମୁଣ୍ଡିଆ ମାରି ମନ ଦୁଃଖରେ ଫେରୁଛନ୍ତି। ଶନିବାର ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଶ୍ରୀଜଗନ୍ନାଥ ଯୁବ ବାହିନୀ ସମେତ ଆସୋସିଏସନ ଅଫ୍ ଟ୍ୱିଟର ଆକ୍ଟିଭିଷ୍ଟସର (ଆଟା) ସଦସ୍ୟ ବୃନ୍ଦ ମିଳିତ ଭାବେ ଭକ୍ତଙ୍କ ଉଦ୍ଦେଶ୍ୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବା ଦାବିରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିଥିଲେ। ଏଥିସହ ଲିଫ୍‌ଲେଟ୍ ବାଣ୍ଟି ପ୍ରଶାସନକୁ ଖୋଲିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ ଜଣାଇଥିଲେ। ଶ୍ରୀଜଗନ୍ନାଥ ଯୁବ ବାହିନୀର ସଭାପତି ଶୀତିକଣ୍ଠ ସ୍ୱାଇଁ, ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ଉପକୋଷାଧ୍ୟକ୍ଷ ଜୟକୃଷ୍ଣ ପରିଡ଼ାଙ୍କ ସମେତ ସମସ୍ତ ଯୁବକଙ୍କ ଉପସ୍ଥିତିରେ ଟିମ୍ ଆଟାର ସଦସ୍ୟ ଦୀପକ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁରୀ ସହର ପାଚିକା ସଂଘ ସମ୍ମିଳନୀ

ପୁରୀ,୨୭।୯ (ସମିସ): ଶନିବାର ଅପରାହ୍ଣ ୫ଟାରେ ପୁରୀ ଭକ୍ତ ସାଲବେଗ ସଭାକକ୍ଷରେ ପୁରୀ ପାଚିକା ସଂଘର ତୃତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ପାଚିକା ସଂଘ ସଭାପତି ପୀତବାସ ବେହେରା, ପୁରୀ ସହର ପାଚିକା ସଂଘ ସଭାପତି ଜଗନ୍ନାଥ ଦେଓ, ପୁରୀ ସହର ପାଚିକା ସଂଘ ସମ୍ପାଦିକା ସୁଜାତା ବିଶ୍ୱାସ, ପୁରୀ ସହର କାର୍ଯ୍ୟକାରୀ ସଭାପତି ଟୁନା ନାୟକ, କୃଷକ ସଭା ପୁରୀ ଜିଲ୍ଲା ସମ୍ପାଦକ ଭୀମସେନ ସ୍ୱାଇଁ, ପାଚିକା ନେତ୍ରୀ ବିଷ୍ଣୁପ୍ରିୟା ମିଶ୍ର, ଝୁନାମଣି ମହାପାତ୍ର, ନମିତା ନାୟକ, କନକଲତା ନାୟକ, ଲିଲି ଘଡ଼େଇ, ବବିତା ପରିଡ଼ା, ସରସ୍ୱତୀ ବାରିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପରେ ଆଗାମୀ ତିନି ବର୍ଷ ପାଇଁ ୧୬ ଜଣିଆ କମିଟି ଗଠନ କରାଗଲା। ସଭାପତି ଭାବେ ଜଗନ୍ନାଥ ଦେଓ, ସମ୍ପାଦିକା ଭାବେ ସୁଜାତା ବିଶ୍ୱାସ, କାର୍ଯ୍ୟକାରୀ ସଭାପତି ଟୁନା ନାୟକ, ଉପସଭାପତି ବିଷ୍ଣୁପ୍ରିୟା ମିଶ୍ର, ସହସମ୍ପାଦିକା ଝୁନାମଣି ମହାପାତ୍ର, କନକଲତା ନାୟକ, କୋଷାଧ୍ୟକ୍ଷ ସରସ୍ୱତୀ ବାରିକ, ରଶ୍ମିତା ମହାପାତ୍ର, ବବିତା ପରିଡ଼ା, କବିତା ସାହୁ, ପୁଷ୍ପଲତା ମହାପାତ୍ର, ରାଜଲକ୍ଷ୍ମୀ ନାୟକ, ସୁନୀତା ମଣ୍ଡଳ, ହେମଲତା ପ୍ରଧାନ ଓ ତିକିନା ସାହୁ ପ୍ରମୁଖ ମନୋନୀତ ହୋଇଥିଲେ।



### ସିପିଆଇ(ଏମ୍‌ଏଲ୍) ରେଡ୍ ଷ୍ଟାର୍‌ର ରାଜ୍ୟସ୍ତରୀୟ ସମ୍ମିଳନୀ

## ସାମ୍ପ୍ରଦାୟିକତା ବିରୋଧରେ ମିଳିତ ଲଢ଼େଇ ପାଇଁ ଆହ୍ୱାନ

ପୁରୀ,୨୭।୯ (ସମିସ)

ଦେଶର ମନୁବାଦୀ, ଫାସୀବାଦୀ ଶକ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଶତବାର୍ଷିକୀ ପାଳନ ଅବସରରେ ପୁରୀରେ ଏକ ରାଜ୍ୟସ୍ତରୀୟ ଫାସୀବାଦ ବିରୋଧୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ପରିପ୍ରେକ୍ଷୀରେ ପ୍ରସ୍ତୁତ ବ୍ୟାନର ହଟାଇବାକୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ବକ୍ତାମାନେ ତୀବ୍ର ନିନ୍ଦା କରିଥିଲେ। ଏପରି ପଦକ୍ଷେପ ଘୋଷିତ ଜରୁରୀକାଳୀନ ପରିସ୍ଥିତିଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ଅଭିଯୋଗ କରିଥିଲେ। ଏକଦା ଜନସଂଘ ଏବଂ ବର୍ତ୍ତମାନର କ୍ଷମତାଶୀନ ବିଜେପି ଯେପରି ଦେଶର ସମ୍ବିଧାନ ଓ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ଜାରି ରଖିଛି ତା' ବିରୁଦ୍ଧରେ ସମସ୍ତ ବାମପନ୍ଥୀ, ପ୍ରଗତିଶୀଳ, ଗଣତାନ୍ତ୍ରିକ ଓ ଜନବାଦୀ ଶକ୍ତି ଏକାଠି ହେବା ଓ ଗଣଆନ୍ଦୋଳନକୁ ସଂଗଠିତ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳ, ଜନଆନ୍ଦୋଳନ ଓ ଗଣସଂଗଠନ ଓ ମାନବାଧିକାର ଆନ୍ଦୋଳନର ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

ବକ୍ତାମାନେ କହିଥିଲେ, ଆଜି ଯେତେବେଳେ ଧର୍ମ, ଜାତି, ଆଞ୍ଚଳିକତା ଭିତ୍ତିରେ ବିଜେପି ପରି ମୌଳବାଦୀ ଶକ୍ତିମାନେ ଆମ ଦେଶର ସାଂସ୍କୃତିକ ବିବିଧତା ଏବଂ ଧର୍ମନିରପେକ୍ଷତା ସାମ୍ବିଧାନିକ ବ୍ୟବସ୍ଥା ଉପରେ ଆକ୍ରମଣକୁ ବ୍ୟାପକ କରି ଚାଲିଛନ୍ତି ସେତେବେଳେ ଆର୍‌ଏସ୍‌ଏସ୍ ତା'ର ପ୍ରତିଷ୍ଠାର ଶତବାର୍ଷିକୀ ପାଳନ କରିବାକୁ ଯାଉଛି। ଏକ ମନୁବାଦ ଓ ବ୍ରାହ୍ମଣବାଦୀ ବିଚାରର ପୃଷ୍ଠପୋଷକତା ଜରିଆରେ ଆର୍‌ଏସ୍‌ଏସ୍ ସଦାସର୍ବଦା ରାଜାରାଜୁଡ଼ା ଓ ସାମନ୍ତବାଦକୁ ସମର୍ଥନ କରିଥାଏ। ସମାଜର ସଂଖ୍ୟାଗରିଷ୍ଠ ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁମାନଙ୍କୁ ଶୋଷଣର ଶିକାର କରି ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା ହେଉଛି ଏହାର ମୌଳିକ ନୀତି। କର୍ପୋରେଟ୍ ଫାସୀବାଦ ବିରୋଧରେ ମିଳିତ ଗଣଆନ୍ଦୋଳନ କରିବା ପାଇଁ ସିପିଆଇ (ଏମ୍‌ଏଲ୍) ରେଡ୍ ଷ୍ଟାର୍‌ର ରାଜ୍ୟ ସମ୍ପାଦକ ପ୍ରମିଳାଙ୍କ ସଭାପତିତ୍ୱରେ ସମ୍ମିଳନୀର ଉଦ୍‌ଘାଟକ ପ୍ରାଧ୍ୟାପକ ବିଜୟ ବହିଦାରଙ୍କ ସମେତ ପଲିଟିବ୍ୟୁରୋ ସଦସ୍ୟ ଶଙ୍କର, ବ୍ରଜବନ୍ଧୁ ପ୍ରଧାନ, ରଘୁନାଥ ଦାସ, ପ୍ରଫୁଲ୍ଲ ସାମନ୍ତରା, ଯୁଧିଷ୍ଠିର ମହାପାତ୍ର, ଜଗନ୍ନାଥ ଦେଓ, ଜ୍ୟୋତି ରଞ୍ଜନ ମହାପାତ୍ର, ମୋହନ ଆଙ୍କାରା ନାଇଡୁ, ନରେନ୍ଦ୍ର ମହାନ୍ତି, ବିଶ୍ୱପ୍ରିୟ କାନୁନ୍‌ଗୋ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ସମ୍ମିଳନୀର ଭିତ୍ତିପତ୍ର ଉପସ୍ଥାପନ କରାଯିବା ସହିତ ଦଳିତ, ଆଦିବାସୀ, ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଫାସିବାଦୀ ରାଷ୍ଟ୍ର ଦମନ ବନ୍ଦ କରିବା, ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଆକ୍ରମଣ ବନ୍ଦ, ସାମ୍ବିଧାନିକ ଅଧିକାର, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଧର୍ମନିରପେକ୍ଷତା ଉପରେ ଆକ୍ରମଣ ବିରୋଧରେ ଏକ ହେବା, ଶିକ୍ଷାର ବ୍ୟାବସାୟୀକରଣ ଓ ଗୈରିକୀକରଣ ବନ୍ଦ କରିବା, ଜଳ-ଜମି ଓ ଜଙ୍ଗଲ ଅଧିକାର ଉପରେ କର୍ପୋରେଟ୍ ଓ ଫାସିବାଦୀ ଶକ୍ତିଙ୍କ ଆକ୍ରମଣ ବିରୋଧରେ ଏକାଠି ହେବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା।



ସୃଜନିକା

ସକାଳ
THE SAKALA
www.sakalaepaper.com

# ଅସ୍ପୃଶ୍ୟ





ମୂଳ ଇଂରାଜୀ : ରସ୍କିନ୍ ବଣ୍ଡ

ଅନୁବାଦ : ପ୍ରଦ୍ୟୁମ୍ନ ପଟ୍ଟନାୟକ

ଝାଡୁଦାର ପିଲାଟି ଦ୍ୱାରରେ ଟଙ୍ଗା ହୋଇଥିବା ବେଣାଚେର ମସିଣା ଉପରେ ପାଣି ଛାଟି ଦେବାରୁ କିଛି ସମୟ ପାଇଁ ପବନ ଥଣ୍ଡା ହୋଇଗଲା । ମୁଁ ମୋ ଖଟ ଧାରରେ ବସି ଖୋଲା ଝରକାରେ ଦି' ପହରରେ ଜଳୁଥିବା ଧୂଳି ରାସ୍ତାକୁ ଦେଖୁଥାଏ । ଗୋଟିଏ ମଟର କାର ଚାଲିଯିବା ପରେ ରାସ୍ତାର ଧୂଳି ତରଙ୍ଗାୟିତ ହୋଇ ମେଘ ଭଳି ଉଡ଼ିବାକୁ ଲାଗିଲା ।

ମୋ ବାପା ମେଲେରିଆରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ପଡ଼ିବାରୁ ରାସ୍ତା ସେପଟର ପଡ଼ୋଶୀଙ୍କୁ ମୋ' ଦାୟିତ୍ୱ ଦେଇ ଯାଇଥାନ୍ତି । ମୁଁ ତାଙ୍କ ସହ ରହିବା ଏବଂ ତାଙ୍କ ଘରେ ଶୋଇବା କଥା । କେବଳ ଖାଇବା ବ୍ୟତୀତ ମୁଁ କିନ୍ତୁ ତାଙ୍କ ଠାରୁ ଦୂରେଇ ରହୁଥିଲି । ମୁଁ ତାଙ୍କୁ ଭଲ ଲାଗୁ ନଥିଲି କି ସେ ମୋତେ ଭଲ ଲାଗୁନଥିଲେ ।

ଗୋଟେ ସପ୍ତାହରୁ ଅଧିକ ହେବ ମୁଁ ସହର ବାହାରେ, ଜଙ୍ଗଲ ପାଖରେ ଥିବା ନାଲି ଇଟାର ବଙ୍ଗଳାରେ ଏକୁଟିଆ ରହୁଥିଲି । ରାତିରେ ଝାଡୁଦାର ପିଲା ମୋତେ ଜଗି ରହୁଥିଲା । ରୋଷେଇ ଘରେ ଶୋଉଥିଲା । ତା' ବ୍ୟତୀତ ମୋର କେହି ସାଥୀ ନଥିଲେ । ପଡ଼ିଶାରେ ଥିବା ପିଲାମାନେ ମୋତେ ଭଲ ଲାଗୁ ନଥିଲେ କି ମୁଁ ତାଙ୍କୁ ଭଲ ଲାଗୁ ନଥିଲି । ତାଙ୍କ ମା' ମୋତେ ଝାଡୁଦାର ପିଲା ସହ ଖେଳିବାକୁ ମନା କରି କହିଲେ, "ସେ ଅସନା, ତାକୁ ଛୁଁ ନା । ମନେରଖ, ସେ ଜଣେ ଚାକର । ତୁ ଆସି ଆମ ପିଲାଙ୍କ ସହ ଖେଳ ।" ମୁଁ ଝାଡୁଦାର ପିଲା ସହ ଖେଳୁ ନଥିଲି କି ତାଙ୍କ ପିଲାଙ୍କ ସହ ବି ଖେଳିବାକୁ ଇଚ୍ଛା କରୁନଥିଲି । ମୁଁ ମୋ ବିଛଣାରେ ବସି ବସି ସପ୍ତାହ ସାରା ମୋ' ବାପାଙ୍କର ଆସିବାକୁ ଅପେକ୍ଷା କରୁଥିଲି ।

ଗୋଟିଏ ବାଲଟିକୁ ଠଣ ଠାଣ କରି ଝାଡୁଦାର ପିଲା ଦିନସାରା ଘରୁ ପୋଖରୀ ଯାଏ ବାରମ୍ବାର ଯିବା ଆସିବା କରୁଥାଏ । ସେ ବି ମୋ ଭଳି ଦଶ ବର୍ଷର । ଛୋଟ ଛୋଟ ଚୁଟି, ଧଳା ଦାନ୍ତ ଏବଂ ଧୂଳି ମଳି ହାତ, ପାଦ ଓ ମୁହଁ । ଗାଢ଼ ବାଦାମୀ ରଙ୍ଗର ଦେହରେ କେବଳ ଖଣ୍ଡେ ଖାକି ପ୍ୟାଣ୍ଟ ବ୍ୟତୀତ ସାରା ଦେହ ଫୁଙ୍ଗୁଳା । ସବୁ ଥର ପୋଖରୀରୁ ପାଣି ଆଣିବା ବେଳେ ସେ ଗାଧୋଇ ପଡୁଥାଏ । ତା' ମୁଣ୍ଡରୁ ଗୋଡ଼ ଯାଏ ଝରୁଥିବା ପାଣି ଧାର ଚକ୍ ଚକ୍ କରୁଥାଏ ।

ମୁଁ ଝାଳରେ ବୁଡ଼ି ଯାଉଥାଏ । ପୋଖରୀରେ ଗାଧୋଇବା ମୋ' ପାଇଁ ଥିଲା ନୀଚସ୍ତରର, ଯେଉଁଠି ମାଳି, ପାଣି ବୁହାଳୀ, ରୋଷେୟା, ଆୟା, ଝାଡୁଦାର ଏବଂ ତାଙ୍କ ପିଲାମାନେ ଏକାଠି ହେଉଥିଲେ । ମୁଁ ଜଣେ ସାହେବ ଘର ପିଲା ହୋଇଥିବାରୁ ଚାକରମାନଙ୍କ ପିଲାଙ୍କ ସହ ମୋର ଖେଳିବା କଥା ନୁହଁ । କିନ୍ତୁ ମୁଁ ସ୍ଥିର କରିଥିଲି ଅନ୍ୟ ସାହେବ ପିଲାମାନଙ୍କ ସହ ବି ନଖେଳିବାକୁ, କାରଣ ମୁଁ ତାଙ୍କୁ ଭଲ ଲାଗୁ ନଥିଲି କି ସେମାନେ ମୋତେ ଭଲ ଲାଗୁ ନଥିଲେ ।

ବସି ବସି ମୁଁ ଝରକା କାଚରେ ମାଛି ଭଣ ଭଣ ହେବା, ଝିଟିପିଟି ଲୁଚିଯିବା ଏବଂ ପବନରେ ଶୁଖିଲା ଫୁଲଗୁଡ଼ିକ ଏଣେ ତେଣେ ଉଡୁଥିବା ଦେଖୁ ଥିଲି । ଝାଡୁଦାର ପିଲାଟି ଖେଳିବା ଢଙ୍ଗରେ ଆସି ସାଲ୍ୟୁଟ୍ କଲା । ମୁଁ ତା' ଆଡ଼କୁ ନଚାହିଁ କହିଲି, 'ପଳା ଯା!' ସେ ରୋଷେଇ ଘରକୁ ଚାଲି ଗଲା । ମୁଁ କୋଠରି ପାର ହୋଇ ଟୋପି ଥାକରୁ ମୋ ଖରା ଟୋପି ଉଠାଇ ଆଣିଲି । ଗୋଟେ ବିଛା କାନ୍ଥରୁ ପଡ଼ି ତଳେ ଚାଲିବାକୁ ଲାଗିଲା । ମୁଁ ଡରି ଯାଇ ଖଟ ଉପରକୁ ଡେଇଁ ପଡ଼ି ସାହାଯ୍ୟ ପାଇଁ ପାଟି କଲି ।

ଝାଡୁଦାର ପିଲା ତୀର ବେଗରେ ଛୁଟି ଆସିଲା । ସେ ମୋତେ ଖଟ ଉପରେ ଓ ବିଛାକୁ ଚଟାଣରେ ଦେଖି ଥାକରୁ ଗୋଟେ ବଡ଼ ବହି ଆଣି ତାକୁ ଚାପି ଦେଲା । ମୁଁ ମୋ ବିଛଣା ଉପରେ ଠିଆ ହୋଇ ଭୟ ଏବଂ ଘୃଣାରେ ଥରୁଥିଲି । ସେ ତା' ଧଳା ଦାନ୍ତ ଦେଖାଇ ମୋ ଉପରେ ହସିବାରୁ ମୋତେ ଲାଜ ଲାଗିଲା । ମୁଁ ଆଉ ସେ ଟୋପି ଥାକ ପାଖକୁ ଗଲି ନାହିଁ କି ତାକୁ ଛୁଇଁଲି ନାହିଁ । କେବଳ ମୋ ବାପାଙ୍କ ଘରକୁ ଆସିବା ଚାହୁଁଥିଲି । ମୋ' କାନ ପାଖରେ ଗୋଟିଏ ମଶା ଗୀତ ଗାଇ ଚାଲିଗଲା । ଦ୍ୱିଧାର ସହ ମୁଁ ତାକୁ ଧରିବାକୁ ଚାହୁଁ ଥିଲି । ସେ ଖସି ଯାଇ ଡ୍ରେସିଂ ଟେବୁଲ ପଛପଟେ ଅଦୃଶ୍ୟ ହୋଇଗଲା । ସେହି ମଶା ବୋଧେ ମୋ' ବାପାଙ୍କୁ ମେଲେରିଆ ଦେଇଥିଲା ଏବଂ ମୋତେ ଦେବାକୁ ଚେଷ୍ଟା କରୁଥିଲା ।

ରାତିରେ ମୁଁ ମୋ ବିଛଣାରେ ବସି ବତୀ ଲଗାଇ ପଢ଼ିବାକୁ ଲାଗିଲି । ତେବେ ବହିଗୁଡ଼ିକ ବି ମୋ ଉଦ୍‌ବେଗକୁ ପ୍ରଶମିତ କରି ପାରିଲେ ନାହିଁ । ଝାଡୁଦାର ପିଲା ଘର ସାରା ବୁଲି ବୁଲି ସବୁ ଝରକା କବାଟ ବନ୍ଦ କରିଦେଲା । ସେ ସବୁ ସ୍ୱିଚ୍ ବନ୍ଦ କରି ତା' ଶୋଇବା ଘରକୁ ଚାଲି ଗଲା । ବାହାର ଭିତର ସବୁଆଡ଼େ ଅନ୍ଧାର । କେବଳ ଝାଡୁଦାର ପିଲାର କୋଠାରି କବାଟ ଫାଙ୍କରୁ ଧାରେ ଆଲୁଅ ଦିଶୁଥିଲା, ସେ ବି ବନ୍ଦ ହୋଇଗଲା ।

ମୁଁ ଭାବିଲି ପଡ଼ିଶା ଘରେ ଶୋଇ ଯାଇଥିଲେ ଠିକ୍ ହୋଇ ଥାଆନ୍ତା । ଅନ୍ଧାର ମୋତେ ବିବ୍ରତ କରୁଥିଲା । ନିରବତା ମଧ୍ୟରେ ଶୁଖିଲା ପତ୍ରର ମର୍ମର... । ମୋତେ ଲାଗିଲା ଯେମିତି ସାପଟିଏ ଶୁଖିଲା ଡାଳ ପତ୍ର ଉପରେ ଚାଲୁଛି । ମୋର ମନେ ପଡ଼ିଗଲା ବହୁ ଆଗରୁ ଶୁଣିଥିବା କଥାଟିଏ । ଗୋଟିଏ ଶୋଇବା ପିଲାକୁ ନାଗ ସାପ କାମୁଡ଼ି ଦେଇଥିଲା । ମୁଁ ଶୋଇ ପାରିଲି ନାହିଁ । ବାପାଙ୍କୁ ଖୋଜୁ ଥିଲି । ପୁଣି ସଟର୍ ଉଠିବା ଏବଂ କବାଟ ଖୋଲିବା ଶବ୍ଦ । ସେ ଗୋଟିଏ ଭୂତ ରାତି ଥିଲା । ଭୂତ !

ହେ ଭଗବାନ ! ମୁଁ କାହିଁକି ସେସବୁ ଚିନ୍ତା କରୁଛି ! ହେ ଭଗବାନ ସେ ଭୂତ ଗାଧୁଆ ଘର କବାଟ ପାଖରେ ଠିଆ ହୋଇଛି । ମୋ ବାପା । ମୋ ବାପା ମେଲେରିଆରେ ମରି ଯାଇଛନ୍ତି ଏବଂ ମୋତେ ଦେଖିବାକୁ ଆସିଛନ୍ତି । ମୁଁ ଯାଇ ସ୍ୱିଚ୍ ଟିପି ଦେଲି । କୋଠରି ଆଲୋକିତ ହୋଇଗଲା । ମୁଁ ପୂରା ଭୟରେ ବୁଡ଼ି ଯାଇଥିଲି । ଝାଳରେ ମୋ ରାତ୍ର ପୋଷାକ ଭିଜି ଯାଇଥିଲା । ମୁଁ ଯାହା ଦେଖିଥିଲି ସେ ମୋ' ବାପା ନୁହଁ ତାଙ୍କ ଗାଧୁଆ ଗାଉନ ଥିଲା ଯାହାକୁ ସେ ଡାକ୍ତରଖାନା ନେଇ ନଥିଲେ । ମୁଁ ଆଲୁଅ ଲିଭାଇ ଦେଲି ।

ବାହାରର ନିରବତା ଆହୁରି ଗଭୀର ଏବଂ ନିକଟତର ହେଉଥିଲା । ମୋର ମନେ ପଡ଼ି ଯାଉଥିଲା ବିଛା, ବାଦୁଡ଼ି, ନାଗ ସାପ ଏବଂ ଶୋଇବା ପିଲା କଥା । ମୁଁ ଚାଦରକୁ ମୋ' ମୁଣ୍ଡ ଉପରକୁ ଭିଡ଼ି ଆଣିଲି । ଭାବିଲି ମୁଁ ଯଦି କାହାକୁ ନଦେଖେ ମୋତେ କେହି ଦେଖି ପାରିବେ ନାହିଁ । ଗୋଟିଏ ଘଡ଼ଘଡ଼ି ସେ ନିରବତାକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଲା । ବିଜୁଳି ଝଲକ ଆକାଶରେ ଦେଖାଦେଲା । ସେ ଏତେ ପାଖରେ ଥିଲା ଯେ ମୁଁ ଚାଦର ତଳେ ଥିଲେ ବି ମୋତେ ଗଛ ଏବଂ ବିପରୀତ ଦିଗରେ ଥିବା ଘର ଗୋଟିଏ ସ୍ୱର୍ଣ୍ଣାଭ କାନଭାସ୍‌ରେ ଛାୟା ମୂର୍ତ୍ତି ଭଳି ଦେଖା ଗଲା । ମୁଁ ଆହୁରି ଚାଦର ଭିତରକୁ ପଶିଯାଇ ମୋ କାନକୁ ତକିଆରେ ଘୋଡ଼ାଇ ଦେଲି । କିନ୍ତୁ ପରବର୍ତ୍ତୀ ବିଜୁଳି ଘଡ଼ଘଡ଼ି ତାଠୁ ଆହୁରି ଜୋର୍ ଥିଲା । ମୁଁ ଏ ପର୍ଯ୍ୟନ୍ତ ଶୁଣିଥିବା ଘଡ଼ ଘଡ଼ିଠାରୁ ବି ଜୋର୍ । ମୁଁ ତାକୁ ସହ୍ୟ କରି ପାରିଲି ନାହିଁ । ବିଛଣାରୁ ଉଠି ପଡ଼ିଲି ଏବଂ ଦୌଡ଼ି ଅସଂଯତ ଭାବେ ଝାଡୁଦାର ପିଲାର କୋଠରିରେ ପଶି ଗଲି ।

ସେ ପିଲା ଖାଲି ଚଟାଣରେ ବସିଥିଲା ।

କ'ଣ ହେଲା ! ପଚାରିଲା । ବିଜୁଳି ଆଲୁଅରେ ତା' ମୁହଁ ଦାନ୍ତ ଦିଶୁଥିଲା । ତା' ପରେ ଆଉ ଦେଖାଗଲା ନାହିଁ ଅନ୍ଧାରରେ ।

ମୁଁ କହିଲି, "ମୋତେ ଡର ଲାଗୁଛି ।" ମୁଁ ତା' ପାଖକୁ ଘୁଞ୍ଚି ଯାଇ ତା' କାନ୍ଧକୁ ଛୁଇଁଲି ।

ସିଏ କହିଲା, "ଏଇଠି ରୁହ ମୋତେ ବି ଡର ଲାଗୁଛି । ମୁଁ କାନ୍ଥକୁ ଆଉଜି ବସି ଗଲି ସେ ଅଜାତି, ଅସ୍ପୃଶ୍ୟ ପାଖରେ । ତା' ପରେ ବିଜୁଳି ଘଡ଼ଘଡ଼ି ବନ୍ଦ ହୋଇ ବର୍ଷା ହେବାକୁ ଲାଗିଲା । ବର୍ଷା ପାଣିର ସୁ ସୁ ଗର୍ଜନରେ ଢେଉ ଢେଉକା ଛାତ ଉପରୁ ତଳକୁ ପଡୁଥିଲା । ମୋ ଆଡ଼କୁ ଚାହିଁ ସେ ଝାଡୁଦାର ପିଲା କହିଲା, "ବର୍ଷା ଋତୁ ଆସିଗଲା ।" ଅନ୍ଧାରରେ ତା' ହସ ଖେଳି ଗଲା, ମୁଁ ବି ହସିଦେଲି ।


ମୁଁ କିନ୍ତୁ ଖୁସି ଓ ସୁରକ୍ଷିତ ଥିଲି । ଭିଜା ମାଟିର ବାସ୍ନା ସ୍କାଇଲାଇଟ୍ ଦେଇ ଆସୁଥିଲା । ବର୍ଷା ବଢୁଥିଲା । ■

୧୦୧- ପ୍ରକାଶ ଦୀପ ଟାୱାର,
ଜୟଦୁର୍ଗା ନଗର, ଭୁବନେଶ୍ୱର - ୭୫୧୦୦୬
ମୋ: ୯୯୬୮୨୮୦୮୯୬

# ସନ୍ଧ୍ୟାରେ ଏକ କାମନା



କେଉଁ ରାସ୍ତାକୁ କହିବି ଆପଣାର ବାଟ
କେଉଁ ବିସ୍ମୃତ ସୁଖକୁ ସୁଖ
କାହା ନିଦରେ ଯାଇ ନିଦେଇ ଯିବି
କେଉଁ ମିଠା ସ୍ୱପ୍ନର ବାହୁରେ ଚେଇଁ ଉଠିବି
ଏମିତି ଏକ କାମନା ଏହି ସନ୍ଧ୍ୟାରେ
କିନ୍ତୁ ଏ ସଞ୍ଜ ନଇଁ ଯିବା ପରେ
ପ୍ରଜ୍ୱଳିତ ଅଗ୍ନିର ସେଇ ରାସ୍ତାରେ
କ'ଣ ଯାଇହେବ?
ସ୍ମୃତିରେ ମିଳେଇ ଯାଇ ସୁଖର ଆକାଂକ୍ଷା
ନିଦ ଏକ ମୋହଭଳି ବିଛେଇ ହୋଇ ରହିଛି
ପ୍ରତି ଲୋମକୂପରେ
ହଂସ ଭଳି ସ୍ୱପ୍ନରେ ପହଁରେ ଦୁଇଟି ଆଖି । ■



ମୂଳ ହିନ୍ଦୀ : ସବିତା ସିଂ

ଅନୁବାଦ: ପ୍ରବାସିନୀ ମହାକୁଡ଼

# ସୁନ୍ଦର ଉଦିତା

ଗାଢ଼ କଳାରାତି ଶୋଇଛି ଉଦିତା
ନିଜର ଶାଢ଼ି ଖୋଲି ନିଜର କେଶ ଖୋଲି ବିଛଣାରେ ଏକୁଟିଆ
ତା' ମନରେ ନା ଅଛି କୌଣସି ଦ୍ୱନ୍ଦ୍ୱ
କୌଣସି ବିଷାଦ ନା କିଛି ଚାହିଁବା
ରାତିରେ ପୂରା ଗୋଟେ ନିଦ ଶୋଇ ସାରିଛି
ଆଖି ଖୋଲି ସାରିଲାଣି
ବାହାରେ ସୁନ୍ଦର ଲାଲ୍ ଗୋଲ୍ ସୂର୍ଯ୍ୟ ଉଇଁ ଆସିଲେଣି
ବାହୁରେ ପବନକୁ ଉପରକୁ ଟେକି
ଭାଙ୍ଗେ ଗୋଟେ ସୁଖଦ ଅଳସ
ମୁହଁକୁ ଠିଆ କରି
ନିଜ ପୋଷାକ ପିନ୍ଧୁଛି ଉଦିତା
ସିଏ ନିଜର ଏଇ ସୌନ୍ଦର୍ଯ୍ୟ
ଦେଖିବା ପାଇଁ କେତେ ବଡ଼ ଦର୍ପଣ
ଦେଖ ସାମ୍ନାର ଏଇ ନୀଳ ଆକାଶ ପାଲଟି ଯାଇଛି । ■

ଷ୍ଟେସନ୍ ବଜାର, ଢେଙ୍କାନାଳ

# ଯୋନା ଓବର୍ସ୍କିଙ୍କ 'ପିଲାଦିନ'ରେ କାରୁଣ୍ୟ




ଡକ୍ଟର ନିଖିଳେଶ ମହାନ୍ତି

ଯୋନା ଓବର୍ସ୍କି ଜଣେ ଡଚ୍ ଲେଖକ । ୧୯୭୮ ମସିହାରେ ପ୍ରକାଶିତ ତାଙ୍କ ରଚିତ 'ପିଲାଦିନ' (Childhood) ଏକ ଚମତ୍କାର କ୍ଷୁଦ୍ର ଉପନ୍ୟାସ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯେଉଁ ଭଳି ଇହୁଦୀମାନଙ୍କୁ ନିର୍ଯାତନା ଦିଆଗଲା ଓ ଜର୍ମାନୀର ଇହୁଦୀ ମାରଣ ନୀତି ଅବଲମ୍ବନ କରାଗଲା ଏବଂ ଅଷ୍ଟାଦଶ ଶତକରୁ ଇହୁଦୀ ନିର୍ଯାତନାକୁ ରାଷ୍ଟ୍ରୀୟ ମାନ୍ୟତା ଦିଆଗଲା, ଫଳତଃ ଷାଠିଏ ଲକ୍ଷରୁ ଅଧିକ ଇହୁଦୀ ପ୍ରାଣ ହରାଇଥିଲେ । ଇହୁଦୀମାନଙ୍କୁ ଅମାନୁଷିକ ଦଣ୍ଡ ପ୍ରଦାନ, ଶୋଷଣ, ନିର୍ଯାତନା, ଘୃଣ୍ୟ ଜୀବ ଭାବେ ଅତ୍ୟାଚାର ଓ ନାରୀମାନଙ୍କୁ ଶାରୀରିକ ଶୋଷଣ ସହ ଶିଶୁମାନଙ୍କୁ ଶ୍ରମଜୀବୀ ଭାବେ ବିଚାର କରି ହିଟଲରଙ୍କ ପ୍ରଚଳିତ ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ଗୋଟେ ଇହୁଦୀ ଜାତି କିଭଳି ମୃତ୍ୟୁ ସହିତ ସଂଗ୍ରାମ କରିଥିଲା ତାହାରି ପ୍ରେକ୍ଷାପଟରେ 'ପିଲାଦିନ' ଉପନ୍ୟାସଟି ଲିଖିତ । ଏହିପରି ଗଣହତ୍ୟା ଓ ନିର୍ଯାତନାର ପୃଷ୍ଠଭୂମି ଆଧାରିତ ସାହିତ୍ୟକୁ 'ନିର୍ଯାତନା ସାହିତ୍ୟ' (Holocaust Literature) କୁହାଯାଏ ।

ଉପନ୍ୟାସଟିରେ ମୁଖ୍ୟ ଚରିତ୍ର ଭାବେ ଯିଏ ସବୁ ଘଟଣାକୁ କାହାଣୀ ଭାବେ ବର୍ଣ୍ଣନା କରୁଛି ତା'ର ବୟସ ମାତ୍ର ସାତରୁ ଆଠ । ତା' ସହିତ ଘଟଣା ଘଟିଚାଲିଛି, ତା'ର ସମସ୍ତ ବାସ୍ତବ ଅନୁଭବ ହିଁ କାହାଣୀରେ ରୂପାନ୍ତରିତ ହେଉଛି । ନାଜିମାନଙ୍କ କବଳରୁ ବଞ୍ଚିବା ପାଇଁ ବାପାମା'ଙ୍କ ସହିତ ତାକୁ ଯିବାକୁ ପଡୁଛି ଏଭଳି ସ୍ଥାନମାନଙ୍କୁ, ଯେଉଁଠି ହଜାର ହଜାର ଲୋକଙ୍କୁ ପୋଡ଼ି ମାରି ଦିଆଯାଉଥିବା ଧୂଆଁର ଗନ୍ଧ ଭିତରକୁ । ବରଫ ଗଦା ଭିତରେ ଲୁଚି ଲୁଚି ଗୋଟେ ଅନ୍ଧାରିଆ ଟ୍ରେନ୍ ବଗି ଭିତରକୁ ଯେଉଁଠି ସାମାନ୍ୟ ପାଣି ଟିକିଏ ମିଳିବାର ସମ୍ଭାବନା କ୍ଷୀଣ । ବଗି ଭିତରେ ଏତେ ଲୋକ ସାଲୁବାଲୁ ଯେ ବସିବା ପାଇଁ ସ୍ଥାନ କେହି ବି ଖୋଜୁନାହାନ୍ତି; ଅଣ୍ଟା ସଳଖିବା ଏକ ପ୍ରକାର ଅସମ୍ଭବ । ଗୁଳି ଓ ବୋମାର ଶବ୍ଦ ବେଳେ ବେଳେ ନିଶ୍ଚଳ କରିଦେଉଛି ଦେହକୁ । ମା'ର ଆକଟ ପାଟି କରିବୁ ନାହିଁ, କି କାନ୍ଦାକଟା କରିବୁ ନାହିଁ; ମୋତେ କଥା ଦେ । ପ୍ରଚଣ୍ଡ ହେମାଳ ଭିତରେ ସମସ୍ତେ ଖାଲି ନୀରବରେ ଅଶ୍ରୁ ଗଡ଼ାଇବେ ହେଲେ କେହି ବି ଦୀର୍ଘଶ୍ୱାସ କିମ୍ବା ପାଟି ଖୋଲିବେ ନାହିଁ ।

ନିର୍ଯାତନା ଭିତରକୁ ଆପଣା ଛାଏଁ ଛାଏଁ ବାପାମା'ଙ୍କ ସହ ପଶି ଯାଉଛି, ହେଲେ ସେ ଜାଣିନି ଏତେ ସବୁ କାଣ୍ଡ କାରଖାନା କାହିଁକି ହେଉଛି । ପ୍ରତିଦିନ ମା' ତାକୁ ଗେଲ କରୁଛି ସତ ହେଲେ, ସେ କୁଆଡ଼େ ବଣ ଅରଣ୍ୟ ଅନ୍ଧାର ଖୋପଡ଼ି, ଧୂଆଁଳିଆ ଉତ୍କଟ ଶବର ଗନ୍ଧ ଭିତରେ ଲୁଚିଛପି ବୁଲୁଛି ଏକଥା ଜାଣି ବି ପାରୁନି ।

ବେଶି ଲୁଚାଉଛନ୍ତି ନିଜକୁ ବାପା, ତେଣୁ ତାଙ୍କ ଭେଟ ବେଳେ ବେଳେ ହେଉନି । ଯେତେବେଳେ ଭୟଙ୍କର ବ୍ୟସ୍ତତା ଭିତରେ ଗୋପନରେ ରହୁଥିବା ବାପାଙ୍କୁ ଭେଟୁଛି, ସେତିକି ବେଳେ ବାପା ଗେଲ କରି ଦେଉଛନ୍ତି, ହେଲେ କିଛି କହୁନାହାନ୍ତି ଓ ଅସୁସ୍ଥତା ଭିତରେ ମରି ଯାଉଛନ୍ତି । ସେ ବାପାଙ୍କ ଶବ ଅନେକ ଶବ ଭିତରେ ଦେଖିଛି ବୋଲି କହୁଛି, ଯଦିଓ ତାକୁ ସମସ୍ତେ ମନା କରୁଛନ୍ତି ତୋ ବାପାଙ୍କୁ ତୁ ଦେଖିନୁ; ତାଙ୍କ ଦେହରେ ଚଦର ନଥିଲା । ଶବ ଘର ଭିତରେ ଏତେ ଗଦା ଗଦା ଶବ ଯେ, ସେଠି ବାପାଙ୍କୁ ପାଇବା




କଷ୍ଟ; ହେଲେ ସେ ଦେଖିଛି ବୋଲି ଦାବି କରିପାରୁଛି । ମା'ଙ୍କୁ ବି ହରାଇବାକୁ ବାଧ ହେଉଛି ଯେତେବେଳେ ଇଭା କହୁଛି ତୁ ମା'ଙ୍କୁ ଆଉ କେବେ ଦେଖିପାରିବୁ ନାହିଁ । ଟ୍ରୁଡ଼ି ବି ସମାନ କଥା କହୁଛି । କାହା ପାଇଁ ବି ଖାଦ୍ୟ ନଥିଲା, କିଛି କଣ୍ଟା ଗଛରୁ ସବୁଜ କଣ୍ଟା ଛିଡ଼ାଇ ଆଣି ସିଝାଇ ମା' ଖାଇଥିଲା ଓ ତା'ର ଝାଡ଼ା ବନ୍ଦ ହେଲା ନାହିଁ; ତାକୁ ମଧ ଶବମାନଙ୍କ ଭିତରେ ଖୋଜିବାକୁ ପଡ଼ିଲା । ରେଶମୀ କୁଞ୍ଚୁକୁଞ୍ଚିଆ କେଶରୁ ମା'କୁ ଚିହ୍ନି ହେଲା ସତ, ମାତ୍ର ଦେଖି ହେଲା ନାହିଁ ।

ଆମଷ୍ଟର ଡାମ୍‌ରେ ପହଞ୍ଚିଲା ବେଳକୁ ପିଲାଟି ପାଞ୍ଚ ଦିନ ବେହୋସରେ ଥିଲା । ଅତ୍ୟଧିକ ଜ୍ୱର ଯୋଗୁ, ମାତ୍ର ସେ ବଞ୍ଚିଯାଇଛି ଏଇଟା କମ୍ ବଡ଼ କଥା ନୁହେଁ! ଜୟ ଆମଷ୍ଟର ଡାମ୍‌ର ଜୟ କହିଲା ବେଳକୁ ସେ ମୁକ୍ତିର ଆଲୋକ ଦେଖୁଥିଲା ହେଲେ ସବୁକିଛି ହରାଇ ସାରିଥିଲା । ତା' ନିଜ ପିଲାଦିନଟି ଅସମ୍ଭବ ଭାବେ କ୍ଷତାକ୍ତ, କରୁଣାକ୍ତ ଓ ବେଦନାସିକ୍ତ ହୋଇସାରିଥିଲା । ତା'ର ପିଲାଦିନକୁ ନାଜିମାନେ ମୋଡ଼ି ମକଚି ଦଳାଚକଟା କରି ଖଣ୍ଡବିଖଣ୍ଡିତ କରିଦେଇଥିଲେ ସତ, ମାତ୍ର ସେଇ ପିଲାଟି ପୁନର୍ବାର ଅଣ୍ଟା ସଳଖିବାକୁ ଧୈର୍ଯ୍ୟ ସାଉଁଟି ପାରିଥିଲା ଓ ରୁଷ୍‌ର ଧଳା ବରଫରେ କୁଦି ନାଚି ମାଟିକୁ ଚୁଚୁମି ଗେଲ କରି କାନ୍ଦି ପକାଇଥିଲା । ଏଥର ସୁନ୍ଦର ସ୍ୱପ୍ନ ଦେଖିବାକୁ, ଅସରନ୍ତି ସ୍ୱପ୍ନ ଦେଖିବାକୁ ଟ୍ରୁଡି କହିଥିଲା । ସେ ଏବେ ପାଲେନଷ୍ଟାଇନ୍‌ର ନୂଆ ସକାଳ ଦେଖୁ; ମନ ଭରି ଦେଖୁ ।

ଔପନ୍ୟାସିକ ଯୋନା ତାଙ୍କ ଛୋଟିଆ ଚରିତ୍ରଟି ମୁହଁରେ ଖୁବ୍ ସାନ ସାନ ପିଲାଳିଆ କଅଁଳ ଭାଷା ଦେଇଛନ୍ତି, ଅନେକ ଅସମାହିତ ପ୍ରଶ୍ନ ପାଠକମନକୁ ଅଶ୍ରୁପୂର୍ଣ୍ଣ କରୁଛି ଓ ସହନଶୀଳତାର ସ୍ତୁପିଭୂତ ଶିହରଣର ଆବେଗରେ ଭାବ ଗମ୍ଭୀର କରିଦେଉଛି । ପାଠକ ଭାବିବାକୁ ବାଧ ହେଉଛି ନିର୍ଯାତନା କେତେ କଠୋର ହୋଇପାରେ । କେବେ ବି କେହି କାହାକୁ ଯୁଦ୍ଧ ମୁହଁକୁ ଠେଲି ନଦେଉ; କାହାରି ବି ପିଲାଦିନ ଆତଙ୍କ ଓ ବିଭୀଷିକାରେ ହାହାକାରମୟ ନ ହେଉ । ସବୁ ପିଲା ନିଜ ପିଲା ହୁଅନ୍ତୁ:ସେମାନଙ୍କ ହସ ଖୁସିରେ ସୃଷ୍ଟି ଆନନ୍ଦମୟ ହେଉ । ■

ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ
ଜେ.ଏନ୍. କଲେଜ, କୁଆଁପାଳ
କଟକ
ମୋ: ୯୪୩୭ ୯୦୫୪୯୦

## ପତ୍ରିକା ପରିଚୟ

### ରେବତୀ

ସଂପାଦିକା : ସୁବାସିନୀ ଜେନା




ଓଟି ରୋଡ୍
ବାଲେଶ୍ୱର-୭୫୬୦୦୧
ମୂଲ୍ୟ: ୭୦ଟଙ୍କା

ସଂପୂର୍ଣ୍ଣ ରଙ୍ଗିନ ପାରିବାରିକ ଫିଚରଧର୍ମୀ ପତ୍ରିକା ଆମ ମାଟିର ସ୍ୱର 'ରେବତୀ'ର ସେପ୍ଟେମ୍ବର ସଂଖ୍ୟା ଆକର୍ଷଣୀୟ ହୋଇଛି । ସଂପାଦିକା ସୁବାସିନୀ ଜେନାଙ୍କ ସଂପାଦକୀୟ 'ଶକ୍ତିଦାୟିନୀ ମାଆ'ଠାରୁ ଆରମ୍ଭ କରି କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' 'ଶରଶଯ୍ୟାରେ ସାହିତ୍ୟ ପୁରସ୍କାର' ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ପ୍ରଥା ପରମ୍ପରା'ରେ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'ଭାଇ ଭାବନାର ଭାଷା: ଭାଇ ଜିଉଁତିଆ'ରେ ଏକ ନିଆରା ଓଷା ସଂପର୍କରେ ମାର୍ମିକ ଆଲେଖ୍ୟ ପ୍ରକାଶ ପାଇଛି । ସେହିପରି ଡକ୍ଟର ହିମାଦ୍ରି ତନୟା ମିଶ୍ରଙ୍କ 'କବିତାରେ କଳାଠାକୁର', ଆନ୍‌ପା ମାର୍ଣ୍ଡିଙ୍କ 'ଅଲ୍‌ଚିକି'ର ଜନ୍ମଦାତା', ଡ. ପ୍ରୀତିପଦ୍ମା ପଣ୍ଡାଙ୍କ 'ଗୌରଙ୍କ ଗୀତଗୁମର', ପତିତପାବନ ଗିରିଙ୍କ 'ମିଥ୍ୟର ମାୟା ଓ କବିର କାୟା', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ବାବାଧାମର ବୈଚିତ୍ର୍ୟ' ଆଦି ଲେଖାଗୁଡ଼ିକ ଉଚ୍ଚକୋଟୀର ଓ ମନଛୁଆଁ ହୋଇଛି । ସେଭଳି ସ୍ୱପ୍ନା ମିଶ୍ର, ସୁଚିତ୍ରା ପାଣିଗ୍ରାହୀ, ଭବାନୀ ପାଟଯୋଷୀ, ଡକ୍ଟର ସୁଷମା ମିଶ୍ର, ରବିପ୍ରିୟ ଦାଶ, ଡକ୍ଟର ତୁହିନାଂଶୁ ରଥ, ରାମକୃଷ୍ଣ ସାହୁ ପ୍ରମୁଖଙ୍କ କବିତା ପାଠକଙ୍କ ଚିତ୍ତକୁ ତଲ୍ଲୀନ କରିଦିଏ । ଡ. ପ୍ରିୟଲତା ଜେନା, ପ୍ରଶାନ୍ତ ଦାଶ, ମନୋରଞ୍ଜନ ପ୍ରଧାନ ପ୍ରମୁଖଙ୍କ ଗପରେ ମାନବୀୟ ଭାବାବେଗ ଓ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ସମ୍ଭବାମି ଭାରତ

ସଂପାଦିକା : ନନ୍ଦିତା ପଣ୍ଡା




ଜୟଭାରତ ଫାଉଣ୍ଡେସନ୍
ରାମଦାସପୁର, କଟକ

ଜୟ ଭାରତ ଫାଉଣ୍ଡେସନ୍ ପକ୍ଷରୁ ପ୍ରକାଶିତ ବାର୍ଷିକ ସ୍ମରଣିକା 'ସମ୍ଭବାମି ଭାରତ' ୨୦୨୫ ଆମର ହସ୍ତଗତ ହୋଇଛି । ସଂପାଦିକା ନନ୍ଦିତା ପଣ୍ଡା ଓ ସହଯୋଗୀ ସଂପାଦକ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଂପାଦନାରେ ପ୍ରକାଶିତ ଏହି ସ୍ମରଣିକାରେ ବହୁ କାଳଜୟୀ ସାହିତ୍ୟ ସ୍ରଷ୍ଟା ଓ ବିଶିଷ୍ଟ ସାହିତ୍ୟିକଙ୍କ କବିତା, ଗଳ୍ପ, ପ୍ରବନ୍ଧ ଆଦି ସଂକଳିତ ହୋଇଛି । ଓଡ଼ିଆ ସାହିତ୍ୟର କାଳଜୟୀ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ 'ପିତା ଓ ପୁତ୍ର', ଗୋଦାବରୀଶ ମହାପାତ୍ରଙ୍କ 'ମାଗୁଣିର ଶଗଡ଼', ନନ୍ଦିନୀ ଶତପଥୀଙ୍କ 'ନବ ଦିଗନ୍ତ', ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର' ଆଦି ଗଳ୍ପ ମନଛୁଆଁ ହୋଇଛି । ଏହି ସବୁ ଗପଗୁଡ଼ିକ ନିଜସ୍ୱ ସୌରଭରେ ଓଡ଼ିଆ କଥା ସାହିତ୍ୟକୁ ପରିପୁଷ୍ଟ କରିଛି । ସେହିପରି ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ବନ୍ଦୀର ଆତ୍ମକଥା', ରମାକାନ୍ତ ରଥଙ୍କ 'ଜନନୀର ସ୍ନେହ', ମଧୁସୂଦନ ଦାସଙ୍କ 'ଉତ୍କଳ ସନ୍ତାନ', ବଳରାମ ଦାସଙ୍କ 'ମାଲ୍ୟବନ୍ତରେ ବର୍ଷାକାଳ', ଭାନୁଜୀ ରାଓଙ୍କ 'କାଠଯୋଡ଼ି' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ସେଭଳି ବନଜ ଦେବୀ, ଅଖିଳ କୁମାର ମିଶ୍ର, ପୀତାମ୍ବର ତରାଇ, ରଞ୍ଜନ ବାଇ ପ୍ରମୁଖଙ୍କ କବିତାରେ ପ୍ରେମ, ଜୀବନ ଓ ମାନବୀୟ ଭାବାବେଗର ଛବି ପ୍ରତିଫଳିତ ହୋଇଛି । ସେହିପରି ଗୌରହରି ଦାସ, ମନୋଜ କୁମାର ମହାପାତ୍ର, ଅଞ୍ଜନ ଚାନ୍ଦଙ୍କ ଗପଗୁଡ଼ିକ ମାର୍ମିକ ହୋଇଛି । 'ସମ୍ଭବାମି ଭାରତ'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

### ସଂପର୍କ

ସଂପାଦକ : ଚନ୍ଦ୍ରମଣି ଭୂୟାଁ



ସଂପର୍କ ସାହିତ୍ୟ ସଂସଦ
କିଶିନାପୁର, ସାଲେପୁର
କଟକ
ମୂଲ୍ୟ: ୫୦ ଟଙ୍କା

'ସଂପର୍କ' ପତ୍ରିକାର ନୂଆଁଖାଇ-୨୦୨୫ ବିଶେଷାଙ୍କ ଚନ୍ଦ୍ରମଣି ଭୂୟାଁଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂଖ୍ୟାରେ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଓଝାଙ୍କ 'ସେବାବ୍ରତୀ ଗୋପବନ୍ଧୁ', ଅକ୍ଷୟ ପ୍ରସାଦ ବିଶ୍ୱାଳଙ୍କ 'ହେ କୁଳବୃଦ୍ଧ, ତୁମକୁ ଝୁରୁଛି ଉତ୍କଳ', ତୁଷାରକାନ୍ତ ମହାନ୍ତିଙ୍କ 'ସନ୍ଥ କବି ଭୀମଭୋଇ ଓ ମହିମା ଧର୍ମ' ଆଦି ପ୍ରବନ୍ଧଗୁଡ଼ିକ ତଥ୍ୟ ଭିତ୍ତିକ ଓ ଉଚ୍ଚକୋଟୀର ହୋଇଛି । ସେହିପରି ଗଳ୍ପ ବିଭାଗରେ ଦେବେନ୍ଦ୍ର ମହରାଣାଙ୍କ 'ଗଣପତି ଭାଇନା', ସୌମ୍ୟରଞ୍ଜନ ଭୂୟାଁଙ୍କ 'ଈଶ୍ୱରଙ୍କ ସହ ଭେଟ' ଆଦି ଗପଗୁଡ଼ିକରେ ମାନବୀୟ ସଂପର୍କ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । 'କବିଙ୍କ କବିତା'ରେ ରମାକାନ୍ତ ରଥଙ୍କ 'ଶ୍ରୀରାଧା'ର ଶେଷାଂଶ ଓ କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ 'କୋଠ ଭୋଗଖିଆ' କବିତା ଦୁଇଟି ହୃଦୟସ୍ପର୍ଶୀ ହୋଇଛି । ସେହିପରି ପ୍ରଫୁଲ୍ଲ ମିଶ୍ର, ଶ୍ରୀଧର ଶେଖର ମହାପାତ୍ର, ଅଖିଳ ଚନ୍ଦ୍ର ହୋତା, ସୁରଞ୍ଜନ ପଣ୍ଡା ପ୍ରମୁଖଙ୍କ କବିତାରେ ମଣିଷ ଜୀବନର ଆଶା, ଆକାଂକ୍ଷା, ପ୍ରେମ, ବିରହ, ଦ୍ୱନ୍ଦ୍ୱ ସଂଘର୍ଷ ଆଦିର ଚିତ୍ର ପ୍ରତିଫଳିତ ହୋଇଛି । 'ସଂପର୍କ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ବେଆଇନ ବାଣ କାରଖାନାରେ ଚଢ଼ଉ

## ଲକ୍ଷାଧିକ ଟଙ୍କାର ବାଣ ଜବତ, ବଙ୍ଗୀୟ ଯୁବକ ଗିରଫ

ଭୋଗରାଇ,୨୭।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅଧୀନ କଖଡ଼ା ପଞ୍ଚାୟତ ହାଟସରିଷା ଗ୍ରାମରେ ଥିବା ଏକଆକାଶିଆ ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିବା ସହ ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଯୁବକଜଣଙ୍କ ହେଲେ, ପଡ଼ୋଶୀ ପଶ୍ଚିମବଙ୍ଗ ପଟାସପୁର ଥାନା ଅଧୀନ ପଦିମା ଗାଁର ସୁକୁମାର ଜାନା(୪୦) । ଆଗକୁ ଦୀପାବଳି ଥିବାରୁ ସୁକୁମାର ପଶ୍ଚିମବଙ୍ଗରୁ ଓଡ଼ିଶା ସୀମା ଭିତରକୁ ଆସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ହାଟସରିଷା ଗାଁରେ ବାଣ ତିଆରି କରୁଥିଲା । ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳ ଓ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ବାଣ ତିଆରି କାରଖାନା ଉପରେ ଚଢ଼ଉ କରିଥିଲେ । ସେଠାରୁ ପାଖାପାଖି ୩ଲକ୍ଷ ଟଙ୍କାର ବାଣ ଜବତ କରିବା ସହ ପୁଲିସ ସୁକୁମାରକୁ ଗିରଫ କରିଛି । ଏ ନେଇ ଭୋଗରାଇ ପୁଲିସ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଚଳାଇଛି ।

# ସରକାରୀ କ୍ୱାର୍ଟର୍ସରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୨୭।୯ (ସମିସ): ଭୁବନେଶ୍ୱର ୟୁନିଟ୍-୬ ସ୍ଥିତ ଏକ ସରକାରୀ କ୍ୱାର୍ଟର୍ସରୁ ଶନିବାର ସନ୍ଧ୍ୟାରେ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ଛାତ୍ରୀଙ୍କ ଘର ଜଗତସିଂହପୁର ଅଞ୍ଚଳର ବୋଲି ଜଣାପଡ଼ିଛି । ଭୁବନେଶ୍ୱରରେ ଛାତ୍ରୀ ଜଣଙ୍କ ତାଙ୍କ ଭଉଣୀଙ୍କ ସହ ଏହି କ୍ୱାର୍ଟର୍ସରେ ରହୁଥିଲେ । କେଉଁ ଅବସ୍ଥାରେ ତାଙ୍କର ମୃତ୍ୟୁ ହେଲା ସେ ନେଇ କ୍ୟାପିଟାଲ ଥାନା ପୁଲିସ ପହଞ୍ଚି ଛାନ୍‌ଭିନ୍ କରୁଛି ।

# ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା,୨୭।୯ (ସମିସ): ମୟୂରଭଞ୍ଜ ଆଡ୍‌ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି । ବିଚାରପତି ସନ୍ତୋଷ କୁମାର ନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମର ଅସିତ ବେହେରା (୨୫)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଏଥିସହ ପୀଡ଼ିତାଙ୍କୁ ସହାୟତା ନିମନ୍ତେ ୨ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାନୁସାରେ, ୨୦୨୪ ନଭେମ୍ବର ୪ରେ ଅସିତ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା । ନାବାଳିକାଜଣଙ୍କ ସନ୍ଧ୍ୟାରେ ବଜାରରୁ ଘରକୁ ଫେରୁଥିବା ବେଳେ ଅସିତ ତାକୁ ଅପହରଣ କରି ଘରକୁ ନେଇଯିବା ସହ ଦୁଷ୍କର୍ମ କରିଥିଲା । ଏ ସଂପର୍କରେ କାହାରିକୁ ଜଣାଇଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲା । ପୀଡ଼ିତାଜଣଙ୍କ ଘରକୁ ଆସି ଘଟଣା ବାବଦରେ ପରିବାରକୁ ଜଣାଇଥିଲା । ଏନେଇ ପରିବାରଲୋକେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ପୀଡ଼ିତାର ବୟାନ ରେକର୍ଡ କରିଥିଲା । ଅସିତକୁ ବୈଶିଙ୍ଗା ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ସାକ୍ଷୀଙ୍କ ବୟାନ, ଡାକ୍ତରୀରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ ।

# ଅବଶିଷ୍ଟାଂଶ

## ୬୦ ହଜାର...

ଓଡ଼ିଶା ଆଡ଼କୁ ଆଗକୁ ବଢ଼ିବାକୁ ସଂକଳ୍ପ ନେଇଥିଲେ । ଆଜି କେନ୍ଦ୍ର ଏବଂ ରାଜ୍ୟରେ ସେମାନଙ୍କ ସରକାରଙ୍କ ବିକାଶ ଧାରା ସହିତ ଓଡ଼ିଶା ଦ୍ରୁତ ଗତିରେ ପ୍ରଗତି କରୁଛି । ଆମ ସରକାର ଗରିବଙ୍କ ସେବା ଏବଂ ସଶକ୍ତୀକରଣ ପାଇଁ ସଂକଳ୍ପବଦ୍ଧ । ଆଜିର କାର୍ଯ୍ୟକ୍ରମ ଏହି ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ କହିଛନ୍ତି ।

ଆଜିର କାର୍ଯ୍ୟକ୍ରମରେ ଦୂରସଞ୍ଚାର ସଂଯୋଗ କ୍ଷେତ୍ରରେ, ପ୍ରଧାନମନ୍ତ୍ରୀ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ସହିତ ପ୍ରାୟ ୩୭,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୯୭,୫୦୦ରୁ ଅଧିକ ମୋବାଇଲ୍ ୪ଜି ଟାୱାରର ଲୋକାର୍ପଣ କରିଛନ୍ତି । ଏଥିରେ ବିଏସଏନଏଲ ଦ୍ୱାରା ୯୨,୬୦୦ରୁ ଅଧିକ ୪ଜି ଟେକ୍ନୋଲୋଜି ସାଇଟ୍ ଅନ୍ତର୍ଭୁକ୍ତ । ଡିଜିଟାଲ୍ ଭାରତ ନିଧି ଅଧୀନରେ ୧୮,୯୦୦ରୁ ଅଧିକ ୪ଜି ସାଇଟ୍ ପାଇଁ ପାଣ୍ଠି ଯୋଗାଇ ଦିଆଯାଇଛି ଯାହା ଦୂରଦୂରାନ୍ତ, ସୀମାନ୍ତ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ପ୍ରାୟ ୨୬,୭୦୦ ଅପହଞ୍ଚ ଗ୍ରାମକୁ ସଂଯୋଗ କରିବ । ଏଥିସହିତ ୨୦ ଲକ୍ଷରୁ ଅଧିକ ନୂତନ ଗ୍ରାହକଙ୍କୁ ସେବା ଯୋଗାଇବ । ସେହିପରି ପ୍ରଧାନମନ୍ତ୍ରୀ ସମ୍ବଲପୁର-ସରଲାରେ ରେଳ ଫ୍ଲାଏଓଭର ପାଇଁ ଶିଳାନ୍ୟାସ, କୋରାପୁଟ-ବୈଗୁଡ଼ା ଲାଇନର ଦୋହରୀକରଣ ଏବଂ ମାନାବାର-କୋରାପୁଟ-ଗୋରାପୁର ଲାଇନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀ ବ୍ରହ୍ମପୁର ଏବଂ ଉଧନା (ସୁରଟ) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।। ଏତଦବ୍ୟତୀତ ପ୍ରାୟ ୧୧,୦୦୦କୋଟି ଟଙ୍କା ନିବେଶରେ ଆଠଟି ଆଇଆଇଟି - ତିରୁପତି, ପଲକଡ଼, ଭିଲାଇ, ଜମ୍ମୁ, ଧାରୱାଡ, ଯୋଧପୁର, ପାଟନା ଏବଂ ଇନ୍ଦୋରର ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେହିପରି ଏହି ଅବସରରେ ଦେଶବ୍ୟାପୀ ୨୭୫ଟି ରାଜ୍ୟ ଇଞ୍ଜିନିୟରିଂ ଏବଂ ପଲିଟେକ୍ନିକ୍ ପ୍ରତିଷ୍ଠାନରେ ଗୁଣବତ୍ତା, ସମାନତା, ଗବେଷଣା ଏବଂ ନବସୃଜନକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଥିବା ମେରିଟ ଯୋଜନାର ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟ ଆରମ୍ଭ କରିଛନ୍ତି ଯାହା ମାଧ୍ୟମରେ ସମ୍ବଲପୁର ଏବଂ ବ୍ରହ୍ମପୁରରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏହି ଅବସରରେ ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜ ଏବଂ ସମ୍ବଲପୁରର ଭିମସାରକୁ ବିଶ୍ୱସ୍ତରୀୟ ସୁପର-ସ୍ପେଶାଲିଟି ହସ୍ପିଟାଲ ରୂପେ ଉନ୍ନତିକରଣ କରିବା ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି ।

ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ କହିଲେ ଯେ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବାର ସୁଯୋଗ ତାଙ୍କୁ ମିଳିଛି । ଆମ ସରକାର ସାରା ଦେଶରେ ଗରିବ ପରିବାରକୁ ଚାରି କୋଟିରୁ ଅଧିକ ପକ୍କା ଘର ଯୋଗାଇ ଦେଇଥିବା ବେଳେ ଓଡ଼ିଶାରେ ହଜାର ହଜାର ଘର ଦ୍ରୁତ ଗତିରେ ନିର୍ମାଣ କରାଯାଉଛି । ଆଜି ପ୍ରାୟ ୫୦ ହଜାର ପରିବାର ନୂତନ ଘର ପାଇଁ ଅନୁମୋଦନ ପାଇଛନ୍ତି । ପିଏମ ଜନମନ ଯୋଜନା ଅଧୀନରେ ଓଡ଼ିଶାରେ ଆଦିବାସୀ ପରିବାର ପାଇଁ ୪୦ ହଜାରରୁ ଅଧିକ ଘର ମଞ୍ଜୁର କରାଯାଇଛି । ପ୍ରଧାନମନ୍ତ୍ରୀ କହିଲେ ଯେ ପ୍ରକୃତି ଓଡ଼ିଶାକୁ ପ୍ରଚୁର ପରିମାଣରେ ଆଶୀର୍ବାଦ ଦେଇଛି ଏବଂ ଆଗାମୀ ଦଶନ୍ଧି ରାଜ୍ୟବାସୀଙ୍କ ପାଇଁ ସମୃଦ୍ଧି ଆଣିବ । କେନ୍ଦ୍ର ସରକାର ସମ୍ପ୍ରତି ଓଡ଼ିଶା ପାଇଁ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ମଞ୍ଜୁର କରିଛନ୍ତି ଏବଂ ଗୋଟିଏ ସେମିକଣ୍ଡକ୍ଟର ପାର୍କ ମଧ୍ୟ ପ୍ରତିଷ୍ଠା ହେବାକୁ ଯାଉଛି । ପାରାଦୀପରୁ ଝାରସୁଗୁଡା ପର୍ଯ୍ୟନ୍ତ ଏକ ବିଶାଳ ଶିଳ୍ପ କରିଡର ବିକଶିତ ହେଉଛି । ଜାହାଜ ନିର୍ମାଣର ରଣନୀତିକ ଗୁରୁତ୍ୱ ଉପରେ ଆଲୋକପାତ କରି ସେ ଉଲ୍ଲେଖ କରିଥିଲେ ଯେ ଆର୍ଥିକ ଶକ୍ତି ପାଇଁ ଆକାଂକ୍ଷୀ ଯେକୌଣସି ରାଷ୍ଟ୍ର ଏହି କ୍ଷେତ୍ରରେ ନିବେଶ କରିବା ଉଚିତ । ଭାରତରେ ଜାହାଜ ନିର୍ମାଣ ପାଇଁ ୭୦,୦୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି । ସେ ଆକଳନ କରି କହିଲେ, ଏହା ୪.୫ ଲକ୍ଷ କୋଟି ଟଙ୍କାର ନିବେଶକୁ ଆକର୍ଷିତ କରିବ ଯାହା ଇସ୍ପାତ, ଯନ୍ତ୍ରପାତି, ଇଲେକ୍ଟ୍ରୋନିକ୍ସ ଏବଂ ଉତ୍ପାଦନ ଭଳି କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚିବ ।

ଶ୍ରୀ ମୋଦୀ କହିଲେ ଯେ ବର୍ତ୍ତମାନ ବିଏସଏନଏଲ ଭାରତରେ ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ ୪ଜି ପ୍ରଯୁକ୍ତିବିଦ୍ୟା ସଫଳତାର ସହିତ ବିକଶିତ କରିଛି । ପ୍ରଧାନମନ୍ତ୍ରୀ ବିଏସଏନଏଲର ୨୫ତମ ବାର୍ଷିକୀ ପାଳନର ସଂଯୋଗ ବିଷୟରେ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ବିଏସଏନଏଲ ଏବଂ ଏହାର ଅଂଶୀଦାରମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ମାଧ୍ୟମରେ ଭାରତ ଏକ ବିଶ୍ୱସ୍ତରୀୟ ଦୂରସଞ୍ଚାର ଉତ୍ପାଦନ କେନ୍ଦ୍ର ହେବା ଦିଗରେ ଅଗ୍ରସର ହେଉଛି । ଏହା ଓଡ଼ିଶା ପାଇଁ ଗର୍ବର ବିଷୟ ଯେ ବିଏସଏନଏଲର ସ୍ୱଦେଶୀ ୪ଜି ନେଟୱାର୍କ ଝାରସୁଗୁଡାରୁ ଆରମ୍ଭ ହେଉଛି, ଯେଉଁଥିରେ ପ୍ରାୟ ଏକ ଲକ୍ଷ ୪ଜି ଟାୱାର ଅନ୍ତର୍ଭୁକ୍ତ । ଏହି ଟାୱାରଗୁଡ଼ିକ ଦେଶର ଦୂରଦୂରାନ୍ତ ଅଞ୍ଚଳରେ ସଂଯୋଗର ଏକ ନୂତନ ଯୁଗ ଆରମ୍ଭ କରିବାକୁ ପ୍ରସ୍ତୁତ । ଗତ ୨୨ ତାରିଖଠାରୁ ଓଡ଼ିଶା ସମେତ ସାରା ଦେଶରେ ନୂତନ ଜିଏସଟି ସଂସ୍କାର କାର୍ଯ୍ୟକାରୀ ହୋଇଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହି ସଂସ୍କାରଗୁଡ଼ିକୁ ସମସ୍ତଙ୍କ ପାଇଁ ସଞ୍ଚୟର ଉପହାର । ବିଶେଷକରି ମା' ଏବଂ ଭଉଣୀମାନଙ୍କ ପାଇଁ ରୋଷେଇ ଘର ଖର୍ଚ୍ଚକୁ ଅଧିକ ସୁଲଭ କରାଯାଇଛି । ଓଡ଼ିଶାରେ ବର୍ତ୍ତମାନ ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଛି ଏବଂ ପ୍ରାୟ ୬୦ଟି ରେଳ ଷ୍ଟେସନରେ ଆଧୁନିକୀକରଣ ଚାଲିଛି । ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ବର୍ତ୍ତମାନ ଭାରତର ଅନେକ ପ୍ରମୁଖ ସହର ସହିତ ଯୋଡ଼ି ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ । ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିବାବେଳେ ଭିଡିଓ କନଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଅନେକ କେନ୍ଦ୍ର ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିଲେ ।

## ଦଳାଚକଟାରେ...

ତେବେ ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି ଯେ ବିଜୟଙ୍କୁ ଅତି ନିକଟରୁ ଦେଖିବା ପାଇଁ ଲୋକେ ତାଙ୍କ ବସ୍ ନିକଟକୁ ପଳାଇଥିଲେ । ଏଥିଯୋଗୁଁ ସ୍ଥିତି ବିଗିଡି ଯାଇଥିଲା । ଲୋକେ ଚେତା ହରାଉଥିବା ଦେଖି ବିଜୟ ଭାଷଣ ବନ୍ଦ କରି ଶାନ୍ତି ନିବେଦନ ସହ ରାଲି ଛାଡ଼ି ପଳାଇଥିଲେ । ଆଉ ଏକ ରିପୋର୍ଟରେ କୁହାଯାଇଛି ଯେ ବିଜୟ ପହଞ୍ଚିବା ପରେ ୯ ବର୍ଷର ଶିଶୁ ନିଖୋଜ ହୋଇଥିବା ସୂଚନା ମିଳିଥିଲା । ବିଜୟ ଗାଡ଼ି ଉପରୁ ଏହି ଶିଶୁକୁ ଖୋଜିବା ପାଇଁ ନିବେଦନ କରିଥିଲେ । ଏହା ପରେ ଦଳାଚକଟା ହୋଇଥିଲା । ସେହିପରି ଭିଡ଼ ନିୟନ୍ତ୍ରଣ ପାଇଁ ତାମିଲନାଡୁ ପୁଲିସ ଲାଠିଚାର୍ଜ କରିବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା ବୋଲି କୁହାଯାଉଛି ।

ଅନ୍ୟପକ୍ଷରେ ବିଜୟଙ୍କ ଏହି ରାଲି ପାଇଁ ୧୦ ହଜାର ଲୋକଙ୍କୁ ଅନୁମତି ମିଳିଥିଲା । କିନ୍ତୁ ୫୦ ହଜାର ଲୋକ ଆସିପାରନ୍ତି ବୋଲି ପ୍ରଶାସନ ଅନୁମାନ କରିଥିଲା । ମାତ୍ର ସେଠାରେ ପ୍ରାୟ ଲକ୍ଷେ ୨୦ ହଜାର ଲୋକେ ଏକାଠି ହୋଇଥିଲେ । ଅସମ୍ଭାଳ ଭିଡ଼ ଯୋଗୁଁ ଏପରି ସ୍ଥିତି ସୃଷ୍ଟି ହୋଇଥିଲା ।

ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ ଗଭୀର ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଘଟଣାକୁ ଦୁର୍ଭାଗ୍ୟଜନକ କହିଛନ୍ତି ।

ତେବେ ପ୍ରଥମ ଥର ପାଇଁ ବିଜୟଙ୍କ ରାଲିରେ ଏପରି ଭିଡ଼ ହୋଇନାହିଁ । ସେ ଚଳିତ ମାସରେ ହୋଇଥିବା ତ୍ରିଚି ରାଲିରେ ବିମାନବନ୍ଦରରୁ ଆୟୋଜନସ୍ଥଳ ପର୍ଯ୍ୟନ୍ତ ଭିଡ଼ ଲାଗିଥିଲା । ୨୦ ମିନିଟର ରାସ୍ତା ଯିବାକୁ ଲୋକଙ୍କୁ ୬ ଘଣ୍ଟା ସମୟ ଲାଗିଥିଲା ।

## ସୁନା ବଜାରରେ...

ସୁନା ମୂଲ୍ୟ ୬୬,୨୫୮ ଟଙ୍କା, ୧୮ କ୍ୟାରେଟ ମୂଲ୍ୟ ୮୪,୯୪୭ ଟଙ୍କା ଏବଂ ୨୨ କ୍ୟାରେଟ ସୁନା ମୂଲ୍ୟ ୧,୦୩,୭୪୮ କୋଟି ଟଙ୍କା ରହିଛି ।

ଇଣ୍ଡିଆ ବୁଲିୟନ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ରୁପା ମୂଲ୍ୟ ମଧ୍ୟ ରକେଟ୍ ବେଗରେ ବଢ଼ିବାରେ ଲାଗିଛି । ଶନିବାର ରୁପା କିଲୋ ସର୍ବକାଳୀନ ରେକର୍ଡ ଛୁଇଁଛି । ଏହା ୧,୩୮,୧୦୦ ଟଙ୍କାରେ ପହଞ୍ଚି ଯାଇଛି । ଗତ ଶନିବାର ରୁପା କେଜି ୧,୨୮,୦୦୦ ଟଙ୍କା ଥିଲା । ଏହି ଭଳି ଭାବେ ଚଳିତ ସପ୍ତାହରେ ରୁପା ମୂଲ୍ୟ ୧୦,୧୦୦ ଟଙ୍କା ବୃଦ୍ଧି ପାଇଲାଣି । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ରୁପା ମୂଲ୍ୟ ୫୨,୦୮୩ ଟଙ୍କା ମହଙ୍ଗା ହେଲାଣି । ଗତ ବର୍ଷ ଡିସେମ୍ବର ୩୧ରେ ରୁପା ମୂଲ୍ୟ ୮୬,୦୧୭ ଟଙ୍କା ଥିଲା । ୨୦୨୪ରେ ଏହା ୧୭ ପ୍ରତିଶତ ମହଙ୍ଗା ହୋଇଥିଲା । ଚଳିତ ବର୍ଷ ବର୍ଷ ଏ ପର୍ଯ୍ୟନ୍ତ ସୁନା ୪୯ ପ୍ରତିଶତ ଏବଂ ରୁପା ୬୦ ପ୍ରତିଶତ ରିଟର୍ଣ୍ଣ ଦେଲାଣି । ୱାର୍ଲ୍ଡ ଗୋଲ୍ଡ କାଉନସିଲର ରିପୋର୍ଟ ଅନୁଯାୟୀ ସେପ୍ଟେମ୍ବର ପ୍ରାରମ୍ଭରେ ଏହାର ମୂଲ୍ୟ ୬.୭ ପ୍ରତିଶତ ବଢ଼ିଥିଲା । କାରଣ ସୁରକ୍ଷିତ ନିବେଶ ଭାବେ ନିବେଶକ ସୁନା କ୍ରୟ କରିବାରେ ଲାଗିଛନ୍ତି ।

## 'ହାର୍ଟ ବିଟ୍' ବୁଲି...

ଗୋଷ୍ଠୀ ସହଯୋଗିତା ବିଷୟବସ୍ତୁଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା । ଏଥିସହ ଆକର୍ଷଣୀୟ ପ୍ରଦର୍ଶନୀ ଏବଂ ବାସ୍ତବ ଜୀବନର ପ୍ରଭାବଶାଳୀ କାହାଣୀ ମାଧ୍ୟମରେ ବନ୍ୟଜନ୍ତୁ ସୁରକ୍ଷା, ବାସସ୍ଥାନ ପୁନରୁଦ୍ଧାର, ଉଦ୍ଧାର ଓ ପଶୁ ସ୍ୱାସ୍ଥ୍ୟ ଏବଂ ଆଦିବାସୀ ସମୁଦାୟଙ୍କୁ ସଶକ୍ତୀକରଣ କ୍ଷେତ୍ରରେ କରାଯାଉଥିବା ପ୍ରୟାସଗୁଡ଼ିକ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା ।

## ୬ ଦିନରେ...

ଆମେରିକା ରାଷ୍ଟ୍ରପତି ଏଚ୍-୧ବି ଭିସା ଦେୟ ବଢ଼ାଇ ଲକ୍ଷେ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) କରିବାରୁ ଏହି ସଙ୍କଟ ସୃଷ୍ଟି ହୋଇଥିଲା । ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତୀୟ ଆଇଟି କମ୍ପାନୀଙ୍କ ଉପରେ ପଡ଼ିଥିଲା । ଏହି କମ୍ପାନୀଗୁଡିକର ହଜାର ହଜାର କର୍ମଚାରୀ ଆମେରିକାରେ କାମ କରୁଛନ୍ତି । ଏଥିଯୋଗୁଁ ଆଇଟି ସୂଚକାଙ୍କ ୮ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲା । ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପରେ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରୁ ଅର୍ଥ କାଢିବାରେ ଲାଗିଛନ୍ତି ।

ସେହିପରି ଔଷଧ ଉପରେ ଆମେରିକା ୧୦୦ ପ୍ରତିଶତ ଶୁଳ୍କ , କିଚେନ କ୍ୟାବିନେଟ୍ସ ଉପରେ ୫୦ ପ୍ରତିଶତ, ଆସବାବପତ୍ରରେ ୩୦ ପ୍ରତିଶତ ଏବଂ ଭାରୀ ଟ୍ରକ ଉପରେ ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି । ଏହା ମଧ୍ୟ ନିବେଶକଙ୍କ ଚିନ୍ତା ବଢ଼ାଇ ଦେଇଛି । ଏହାର ପ୍ରଭାବରେ ଏନ୍‌ଏସ୍‌ଇରେ ପଞ୍ଜୀକୃତ କମ୍ପାନୀଙ୍କ ବଜାର ପୁଞ୍ଜି ଚଳିତ ସପ୍ତାହରେ ପ୍ରାୟ ୧୬ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି । ନିଫ୍ଟି୫୦ରେ ସାମିଲ ୪୩ କମ୍ପାନୀଙ୍କ ମଧ୍ୟ କ୍ଷତି ହୋଇଛି । ଟେକ୍ ମହିନ୍ଦ୍ରାର ସବୁଠାରୁ ଅଧିକ କ୍ଷତି ହୋଇଛି । ଏହି କମ୍ପାନୀର ସେୟାର ୯.୪ ପ୍ରତିଶତ ହ୍ରାସ ପାଇଛି । ସେହିପରି ଟିସିଏସ୍‌ର ୮.୫ ପ୍ରତିଶତ ,ୱିପ୍ରୋ ଏବଂ ଟ୍ରେଣ୍ଟର ୮ ପ୍ରତିଶତ ଏବଂ ଇନ୍‌ଫୋସିସର ସେୟାର ୫.୯ ପ୍ରତିଶତ ଖସି ଆସିଛି । କ୍ଷେତ୍ର ହିସାବରେ ଆଟିର ସର୍ବାଧିକ ୮%, ରିୟଲଟିର ୬.୧%, ଫାର୍ମାର ୫.୨%, କଞ୍ଜୁମର ଡ୍ୟାରାବିଲ୍ସର ୪.୬%, ଗଣମାଧ୍ୟମଗୁଡିକର ସେୟାର ୨.୭% ହ୍ରାସ ପାଇଛି ।


GOVERNMENT OF ODISHA C-1191
HOUSING & URBAN DEVELOPMENT DEPARTMENT
OF THE NOTIFIED AREA COUNCIL,PADAMPUR
At-Padampur, Po-Rajborasambar, Dist-Bargarh, Pin-768036
Ph.No.06683-223436, E-mail:- nac.padampur@gmail.com
No. 2896 / NACP Dt. 25.09.2025

**National Competitive Bidding through e-procurement**
**Bid Identification No. NAC-PDP-04/2025-26**

The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

1. Nature of Work : Civil Work
2. No. of works : 4 (Four Nos.)
3. Estimate Cost : Rs. 2,65,562/- to Rs. Rs.9,62,188/-
4. Class of Contractor : "C" or "D" Class
5. Date & Time of availability of Bid Documents in the portal : 9.00 AM on dt.26-09-2025 up to 05.00 PM on dt.17-10-2025
6. Last date & time for receipt of Bids in the portal. : 17-10-2025 at 05.00 PM.
7. Bid opening Date : Dt.18-10-2025 at 11.00 AM

The bidders have to participate in online bidding only. Further details can be seen from the website https:// www.tendersodisha.gov.in

Executive Officer
N.A.C. Padampur
OIPR-13118/11/0041/2526



ଫର୍ମ ଏ
**ସର୍ବସାଧାରଣ ଘୋଷଣା**
(ଭାରତୀୟ ଦେବାଳିଆ ଓ ଇନସଲଭେନ୍ସି ବୋର୍ଡ ଅଫ୍ ଇଣ୍ଡିଆ ରେଗୁଲେସନ୍ ୬ ଅଧୀନରେ)
(କର୍ପୋରେଟ ପରଦାର୍ଥୀଙ୍କ ପାଇଁ ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟା ନିୟମାବଳୀ, ୨୦୧୬)
**ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର୍ ଲିମିଟେଡ (IN CIRP) ଋଣଦାତାମାନଙ୍କ ଧ୍ୟାନାକର୍ଷଣ ନିମନ୍ତେ**

| ସମ୍ପୃକ୍ତ ବିସ୍ତୃତ ବିବରଣୀ | | |
|---|---|---|
| ୧ | କର୍ପୋରେଟ୍ ଋଣଗ୍ରହୀତାଙ୍କ ନାମ | ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର୍ ଲିମିଟେଡ |
| ୨ | କର୍ପୋରେଟ୍ ଋଣଗ୍ରହୀତାଙ୍କ ରେଜିଷ୍ଟ୍ରେସନ୍ ତାରିଖ: | ୦୯/୦୬/୧୯୮୧ |
| ୩ | ଯେଉଁ କର୍ତ୍ତୃପକ୍ଷ ଅଧୀନରେ କର୍ପୋରେଟ୍ ଋଣଗ୍ରହୀତାଙ୍କ ଅନ୍ତର୍ଭୁକ୍ତି / ପଞ୍ଜିକରଣ କରାଯାଇଛି | କମ୍ପାନୀ ରେଜିଷ୍ଟ୍ରାର, କୋଲକାତା |
| ୪ | କମ୍ପାନୀ ଆଇଡେଣ୍ଟିଟି ନମ୍ବର: | U31300WB1981PLC025104 |
| ୫ | କର୍ପୋରେଟ୍ ଋଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ମୁଖ୍ୟ କାର୍ଯ୍ୟାଳୟର ଠିକଣା (ଯଦି ଥାଏ) | ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ... ସେକ୍ଟର-ଭି, ... ମହଲା, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ଭାରତ- ୭୦୦୦୯୪ ଆବାସିକ ... ଠିକଣା: କଟକ-ପୁରୀ ରୋଡ୍, ଭୁବନେଶ୍ୱର ... ଭୁବନେଶ୍ୱର, ଓଡିଶା, ଭାରତ - ୭୫୧୦୦୬ |
| ୬ | କର୍ପୋରେଟ୍ ଋଣଗ୍ରହୀତାଙ୍କ କ୍ଷେତ୍ରରେ ଇନସଲଭେନ୍ସି ଆରମ୍ଭ ତାରିଖ | ୨୬.୦୯.୨୦୨୫ (ଅର୍ଡର ଅପଲୋଡ୍ ହୋଇଥିଲା ୨୭.୦୯.୨୦୨୫ରେ) |
| ୭ | ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟାର ଅନୁମାନିତ ସମାପ୍ତି ତାରିଖ | ୨୫.୦୩.୨୦୨୬ |
| ୮ | ନାମ ଏବଂ ପଞ୍ଜିକରଣ ନମ୍ବର ଯେଉଁଠାରେ ଅନ୍ତରୀଣ ରେଜୋଲ୍ୟୁସନ ପ୍ରୋଫେସନାଲ ଅଧିକାରୀ ଅନୁମୋଦିତ | ପ୍ରଦୀପ କୁମାର କାବ୍ରା IBBI/IPA-001/IP-P01104/2017-18/11790 |
| ୯ | ବୋର୍ଡରେ ପଞ୍ଜୀକୃତ ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଜୀବୀଙ୍କ ଠିକଣା ଏବଂ ଇ-ମେଲ୍ | ପ୍ରଦୀପ କୁମାର କାବ୍ରା ... ଓଡ଼ିଆ ... ସୁରଟ, ଗୁଜରାଟ, ୩୯୫୦୦୨ ଇ-ମେଲ: pradeepkabra@gmail.com |
| ୧୦ | ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଜୀବୀଙ୍କ ସହ ପତ୍ରାଚାର ପାଇଁ ବ୍ୟବହାର ହେବାକୁ ଥିବା ଠିକଣା ଏବଂ ଇ-ମେଲ୍ | ପ୍ରଦୀପ କୁମାର କାବ୍ରା ୩୦୧, ... ସୁରଟ, ଗୁଜରାଟ, ୩୯୫୦୦୨ ଇ-ମେଲ: ip.guptapower@gmail.com |
| ୧୧ | ଦାବିପତ୍ର ଦାଖଲ କରିବାର ଶେଷ ତାରିଖ | ଶୁକ୍ରବାର, ୧୦.୧୦.୨୦୨୫ |
| ୧୨ | ଧାରା21 ଉପ-ଧାରା (6A)ର ଧାରା (b) ଅନୁସାରେ, ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଜୀବୀଙ୍କ ଦ୍ୱାରା ଚିହ୍ନିତ ଋଣଦାତାଙ୍କ ଶ୍ରେଣୀ, ଯଦି କୌଣସି ଥାଏ | ଲାଗୁ ନାହିଁ |
| ୧୩ | ଇନସଲଭେନ୍ସି ପ୍ରୋଫେସନାଲଙ୍କର ନାମ, ଯେଉଁମାନେ ଅଧିକାରୀ ହୋଇଛନ୍ତି ଦାବିଦାରଙ୍କ ପ୍ରତିନିଧି ଭାବେ (ପ୍ରତ୍ୟେକ ଶ୍ରେଣୀ ପାଇଁ ତିନୋଟି ନାମ) | ଲାଗୁ ନାହିଁ |
| ୧୪ | (a) ପ୍ରାସଙ୍ଗିକ ଫର୍ମ ଏବଂ (b) ପ୍ରାଧିକୃତ ପ୍ରତିନିଧିଙ୍କ ବିବରଣୀ ଏଠାରେ ଉପଲବ୍ଧ: | a) Web link: https://ibbi.gov.in/home/downloads b) Not applicable |

ନୋଟିସ: ଏଠାରେ ଜଣାଇ ଦିଆଯାଉଛି ଯେ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ଆଦେଶ ଦେଇଛି ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର ଲିମିଟେଡର ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟାର ଆରମ୍ଭ ୨୮ ସେପ୍ଟେମ୍ବର, ୨୦୨୫ରେ (୨୭.୦୯.୨୦୨୫ ଅର୍ଡର ଅପଲୋଡ୍ ହୋଇଅଛି) ।

ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର ଲିମିଟେଡର ସମସ୍ତ ଋଣଦାତାଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ୧୦.୧୦.୨୦୨୫ (ଶୁକ୍ରବାର) ରୁ ପୂର୍ବରୁ ସମସ୍ତ ପ୍ରମାଣ ସହିତ ଦାବିପତ୍ର Interim Resolution Professionalଙ୍କୁ (କ୍ର.ନଂ. ୧୦ରେ ଥିବା ଠିକଣାରେ) ଦାଖଲ କରନ୍ତୁ ।

ଆର୍ଥିକ ଦାବିଦାରଙ୍କୁ ତାଙ୍କର ଦାବି ପ୍ରମାଣ ସହିତ ଇଲେକ୍ଟ୍ରୋନିକ ମାଧ୍ୟମରେ ମାତ୍ର ପଠାଇବାକୁ ହେବ । ଅନ୍ୟାନ୍ୟ ଦାବିଦାରୀ ନିଜ ଦାବି ପ୍ରମାଣ ସହିତ ବ୍ୟକ୍ତିଗତ ଭାବେ, ପୋଷ୍ଟ କିମ୍ବା ଇଲେକ୍ଟ୍ରୋନିକ ମାଧ୍ୟମରେ ପଠାଇପାରିବେ ।

ଦାବିର ମିଥ୍ୟା କିମ୍ବା ଭ୍ରାମକ ପ୍ରମାଣ ଦାଖଲ କଲେ ଦଣ୍ଡନୀୟ ହେବେ ।

Sd/-
CA. IP Pradeep Kumar Kabra
IRP for M/s. Gupta Power Infrastructure Limited
Date: 28.09.2025
IBBI Registration No.: IBBI/IPA-001/IP-P01104 /2017-18/11790



**AFFIDAVIT**
By virtue of an affidavit sworn before The Executive Magistrate, Gania on dtd-22/09/2025. I, TAPASI MAHAPATRA, At-Belapadapatana, Po: Belapadapatana, Ps: Gania, Dist- Nayagarh, Odisha, Pin-752085 declare that I have changed my name from TAPASI MAHARANA to TAPASI MAHAPATRA. Henceforth, I shall be known as **TAPASI MAHAPATRA** for all future purposes.

**FOR SALE**
1 Number of .TRACTOR-NEW HOLAND-3037(2WD), Registration No.- OD-17-AC-5260, Model 2024, - ENGINE NO – S325N79437, CHASIS NO - NHN30370ZRB681112, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6, NEAR BHATLI CHOWK- BARGARH, DIST-BARGARH-768028

**FOR SALE**
1 Number of CAR-MARUTI-WAGON R ZXI+, Registration No.-OD-17-AD-1384, Model 2024, - ENGINE NO - K12NN1131006, CHASIS NO - MA3JMTC1SRKB79566, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6 NEAR BHATLI CHOWK, BARGARH, DIST-BARGARH-768028

**FOR SALE**
1 Number of KUBOTA COMBINE HARVESTER –TRACK, Registration No.- NA, Model 2023, - ENGINE NO - BNU3263, CHASIS NO - KBH83900ENTK01995, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6 NEAR BHATLI CHOWK, BARGARH, DIST-BARGARH-768028

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/25-26/E-Tender/76,ତା.25.09.2025ରିଖ
(1) ଟେଣ୍ଡର ନଂ.e-tender-BrKUR-251-2025,ତା.16.09.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର(ବ୍ରିଜ୍)/କଟକ-II ପରିସୀମା ଅଧୀନସ୍ଥ ଉଭିଦାସପୁର-ପାରାଦ୍ୱୀପ ସେକ୍ସନ ନିମନ୍ତେ 30.06.2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ ଜୋନାଲ (Zonal) ଚୁକ୍ତି (ବ୍ରିଜ୍ କାର୍ଯ୍ୟ) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 72.40 ଲକ୍ଷ, EMD (ଟଙ୍କାରେ) : 1,44,800/- ।
(2) ଟେଣ୍ଡର ନଂ.e-tender-EASTKUR-252-2025,ତା.16.09.2025ରିଖ
ବିବରଣୀ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ଡିପୋଜିଟ୍ ସ୍କିମ୍ ଅଧୀନସ୍ଥ ପାରାଦ୍ୱୀପ ଠାରେ ଗ୍ରାଉଣ୍ଡ ଉତ୍ତୋଳନ କାର୍ଯ୍ୟ" ସହିତ ପ୍ରସ୍ତାବିତ ଟ୍ରାକ୍ ଯୋଡ଼ିବା (Linking) କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 113.41 ଲକ୍ଷ, EMD (ଟଙ୍କାରେ) : 2,06,700/- ।
ଶେଷ ହେବା ଅବଧି : 08 ମାସ (କ୍ରମ ନଂ.1 ପାଇଁ) ଏବଂ 10 ମାସ (କ୍ରମ ନଂ.2 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.10.2025 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୁରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-647/Q/25-26

**AFFIDAVIT**
By virtue of an affidavit sworn before Notary public Bhubaneswar on dated, 26.09.2025, I Sarat Biswal permanent resident At-Purunasahi, Po- Luhamunda, Dist- Angul, Odisha, PIN-759127, declare that I have changed my name from Sarat Chandra Biswal to Sarat Biswal. Henceforth I shall be known as **SARAT BISWAL** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, dated: 26/09/2025, I, Sagari Mahapatra, resident of At: Damodarpur, PO: Brahmanbadi, PS: Cuttack Sadar, Dist- Cuttack, Pin-754130, Odisha declare that I have changed my name from Sagari Behera to Sagari Mahapatra. Henceforth, I shall be known as **Sagari Mahapatra** for all purposes.
**Sagari Mahapatra**

**AFFIDAVIT**
I, Shilpa Mohanty (29), D/o - DEEPTI MOHANTY, resident of Saharsahi, Ward No-8, Po-Baripada, Ps-Baripada town, Dist-Mayurbhanj, Pin-757001, Odisha, declared by this affidavit No-104(9) dtd-26/09/2025 that now onwards my mother shall be known as **DIPTI MOHANTY** for all future purposes.

**AFFIDAVIT**
I, Shilpa Mohanty (29), D/o-SUBRATA MOHANTY / SUBRATA KUMAR MOHANTY, resident of Saharsahi, Ward No-8, Po-Baripada, Ps-Baripada Town, Dist-Mayurbhanj, Pin-757001 Odisha, declared by this affidavit No-104(8) dtd-26/09/2025 that now onwards my father shall be known as **SUBRAT MOHANTY** for all future purposes.

**AFFIDAVIT**
I, Bajrang Bihani H/o Laxmi Devi Bihani, Resident of At Ward No.13, Naba Mishra Colony, PO- Hatatota, Talcher, Dist- Angul, Odisha, PIN- 759100, declare by this affidavit No.5949 dtd 26.09.2025 that now onwards I shall be known as **BAJRANG LAL BIHANI** for all future purposes.

**AFFIDAVIT**
By virtue of an affidavit No-02 sworn before the Executive Magistrate, Jatni on dt 19/09/2025, I **Pratap Chandra Maharathi**, S/o-Late Pramod Maharathi, resident of At- Bhatakhuri, Po- Gangapada, Ps- Infovaley, Dist- Khordha, Pin-752054, Odisha. I am the deponent. I have changed my minor daughter's name from **Bhagrovi Maharathi** (old name) to **Bhargovi Maharathi** (new name). Henceforth, both name **Bhagrovi Maharathi** and **Bhargovi Maharathi** is one & same person she will be known as **Bhargovi Maharathi** for all future purposes.
**Pratap Chandra Maharathi**

**AFFIDAVIT**
I, Laxmi Bihani W/o Bajrang Lal Bihani, Resident of At Ward No.13, Naba Mishra Colony, PO- Hatatota, Talcher, Dist-Angul, Odisha, PIN- 759100, declare by this affidavit No.5950 dtd 26.09.2025 that now onwards I shall be known as **LAXMI DEVI BIHANI** for all future purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Bharat Swain, S/o-Raj Kishor Swain resident of Vill/Po/Ps-Jhinti Sasan, Khordha, PIN-752100, Odisha declare by this affidavit no.-156210, dated-08/09/2025 that now onwards I shall be known as **BHARAT CHANDRA SWAIN** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Anandapur, dated. 19.09.2025, I **Bhagaban Murmu**, Address- AT-Suapur, PO- Baripal, P.S.-Ghasipura, Dist- Keonjhar, Odisha, Pin-758025 declare that I have changed the name of my daughter from **Singa Murmu to Sinigo Murmu.** Henceforth, she Shall be known as **Sinigo Murmu** for all purposes.
**Bhagaban Murmu**

**AFFIDAVIT**
By virtue of an affidavit before the Notary Public, Titilagarh, on dated-27/09/2025. I, **Atulya Kumar Sahu** (new name), formerly called as Atulya Sahu (old name), S/o Amulya Kumar Sahu, permanent resident of AT- Padmanavpur, PO- Titilagarh, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Atulya Sahu** (old name) to **Atulya Kumar Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Atulya Kumar Sahu** (new name).
**Atulya Kumar Sahu**

**AFFIDAVIT**
By virtue of an affidavit (CF No.01, date- 20/06/2025) sworn before the Executive Magistrate, Padampur. I, **Mahendra Nayak,** S/o- Rabishankar Nayak, permanent & current resident of At- Haridatal, PO- Kermelabahal, Dist- Bargarh, PIN- 768039, Odisha declare that I have changed my minor daughter's name from **Lilima Nayak** (old name) to **Nilima Nayak** (new name). Henceforth, she shall be known as **Nilima Nayak** (new name) for all purposes.
**Mahendra Nayak**

**AFFIDAVIT**
By virtue of an affidavit No. 4240 sworn before the Notary Public Swampatna on dated-26/09/2025. I **Mandakini Behera**, aged 41 years, D/O- Hrusikesh Behera, W/O- Ranjit Sethi, resident of At/Po-Mushakhori, Ps-Patna, Dist-Keonjhar, Odisha. My surname in my Aadhar card is mentioned as **SETHI** & D.O.B as **04/05/1989** instead of **BEHERA** & **D.O.B 29/04/1983**. Henceforth I shall be known as **Mandakini Behera**, D/O- Hrusikesh Behera and date of birth as **29/04/1983** for all future purposes
**Mandakini Behera**

**AFFIDAVIT**
I, Jyoshna Mohapatra, W/o- Bikash Chandra Mohapatra, resident of Gopinathpur, Marshaghai, Dist-Kendrapara, Pin-754213, Odisha declared by this affidavit No.788, dtd- 26/09/2025 that now onwards I shall be known as **JYOSHNA RANI MOHAPATRA** for all future purposes.

**AFFIDAVIT**
By virtue of an affidavit (SL No. 306, dtd- 26/09/2025) before the Notary Public, Bhubaneswar. I, **Sthitapragnya Mohapatra,** W/o Indrajit Panda, resident of At: RP-57, Pandav Nagar, Road No. 4, Tankapani Road, Bhubaneswar- 751018, Dist-Khordha, Odisha declare that, I want to change my name from **Sthitapragyan Mohapatra** to **Sthitapragnya Mohapatra** in my son's (Aryan Panda) school record. Henceforth, I shall be known as **Sthitapragnya Mohapatra** (new name) for all future purposes.
**Sthitapragnya Mohapatra**


**IN THE COURT OF THE CIVIL JUDGE, (SR.DIVN) LR & LTV, ANGUL**
C.S NO: 97/2016
Saila Dehury and others .................. Plaintiffs
Versus
Sulochana Dehury and others .................. Defendants

**DRAFT NOTICE**
U/O 5, RULE 20 OF CIVIL PROCEDURE CODE

To,
D.5 Suchitra Dehury, Wife of Late Basistha Dehury, Presently wife of Sushanta Biswal, Son of Dinabandhu Biswal, At/P.O/P.S: Nalco Nagar, Dist: Angul.

Whereas the above-named Plaintiffs filed a suit for cancellation of RSD bearing no.5900/2013 and injunction.

You are hereby noticed to appear in this Court in person or by a pleader duly instructed and able to answer all material questions relating to the case, or who shall be accompanied by some persons able to answer all such questions, on the **27th day of October 2025, at 10 ½ O'clock** in the forenoon, to answer the claim if any; and directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set-off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list [to be annexed to the written statement.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **25th day of September 2025.**

Sd/- Court of the Civil Judge (Sr.Divn)
LR & LTV, Angul.

ସକାଳ THE SAKALA



## ପୂର୍ତ୍ତ ବିଭାଗରେ ଅଚଳାବସ୍ଥା

# କାହା ଇଙ୍ଗିତରେ କାର୍ଯ୍ୟ କରୁଛନ୍ତି ଅଧୀକ୍ଷଣ ଯନ୍ତ୍ରୀ

ନୟାଗଡ଼,୨୭।୯(ସମିସ)

ନୟାଗଡ଼ ରାସ୍ତା ଓ ଗୃହ ନିର୍ମାଣ ବିଭାଗରେ ସୃଷ୍ଟି ହୋଇଛି ଅଚଳାବସ୍ଥା। ଜିଲ୍ଲାର କୌଣସି କୋଣରେ କାର୍ଯ୍ୟ ସଠିକ ଭାବେ ହେଉନଥିବା ବେଳେ ରଣପୁରରେ କିଛୁ ବିଲ୍ ଅଟକୁନାହିଁ ଏଭଳି ସ୍ଥିତିକୁ ନେଇ ଠିକାଦାରମାନେ ପ୍ରବଳ ଅସନ୍ତୋଷ ଅବସ୍ଥାରେ ରହିଛନ୍ତି। ନୟାଗଡ଼, ଦଶପଲ୍ଲା ନିର୍ବାଚନ ମଣ୍ଡଳୀକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିବା ଜଣାପଡ଼ିଛି। ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ସରିଥିବା ଅନେକ ପ୍ରକଳ୍ପର ବିଲ୍ ମଧ୍ୟ ପ୍ରଦାନ କରାଯାଉନାହିଁ। ଖଣ୍ଡପଡ଼ାରେ ଯେନତେନ କାର୍ଯ୍ୟ ହେଉଥିବା ବେଳେ ରଣପୁରରେ ଚୁନ ଖସୁନାହିଁ। ରଣପୁରରେ ବିନା ଟେଣ୍ଡର ତଥା ସ୍ଲିପ୍ କାମଠାରୁ ଆରମ୍ଭ କରି ନାନାଦି ନୂଆ ପ୍ରକଳ୍ପକୁ ଅନୁମୋଦନ କରାଯାଇ କାର୍ଯ୍ୟ କରାଯାଉଥିବା ବେଳେ ଜିଲ୍ଲାର ଅନ୍ୟ ସମସ୍ତ ପ୍ରକଳ୍ପକୁ ଦୃଷ୍ଟି ଦିଆଯିବା ଆବଶ୍ୟକ ରହିଛି। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟଧାରାକୁ ନେଇ ଦଶପଲ୍ଲା ଏକ୍ସିଓ ତେରେଛା ବାଣ ମାରିଥିବା ବେଳେ ଜିଲ୍ଲାର କାର୍ଯ୍ୟରତ ଅନ୍ୟ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିବା ଆରମ୍ଭ କରିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ବର୍ଷ ବର୍ଷ ଧରି ଛୋଟ ଛୋଟ କାମ କରି ପେଟ ପୋଷୁଥିବା ଠିକାଦାରମାନେ ଏବେ ପକେଟ ଖର୍ଚ୍ଚ କରିବାକୁ ଟଙ୍କାଟିଏ ପାଉନଥିବା ଜଣାପଡ଼ିଛି। ଜରୁରୀ କାଳୀନ ସ୍ଥିତିରେ ଦାୟିତ୍ୱ ମୁଣ୍ଡାଉଥିବା ଠିକାଦାରମାନେ ମୁହଁ ଫେରାଇବା ଆରମ୍ଭ କରିଛନ୍ତି। ନୟାଗଡ଼ ଜିଲ୍ଲାରେ ଅନେକ ନୂତନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁନଥିବା ବେଳେ ନିର୍ମାଣାଧୀନ ଅବସ୍ଥାରେ ଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ନୟାଗଡ଼ ଡାହୁକା ନଦୀ ବ୍ରିଜ, ପିଟିଏସଠାରୁ ଜଗନ୍ନାଥ ମନ୍ଦିର ରାସ୍ତା, ସରଥାନାଠାରୁ କ୍ଷେତ୍ରିବରପୁର ରାସ୍ତା, ମହିପୁର ବାହାଡ଼ାଖୋଲା ରାସ୍ତା, ଖଣ୍ଡପଡ଼ା କଳାପଥର ରାସ୍ତା, କାଳିଗିରି ବ୍ରିଜ, ଖଣ୍ଡପଡ଼ା ପଶ୍ଚିମାଞ୍ଚଳ ସେତୁ କାର୍ଯ୍ୟକୁ ନେଇ ଜନଅସନ୍ତୋଷ ତୀବ୍ର ହେଉଛି। ନୟାଗଡ଼ ଜିଲ୍ଲାରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ୨୫ରୁ ଉର୍ଦ୍ଧ୍ୱ ରାସ୍ତା ଅଧା ଅଧୁରା ଅବସ୍ଥାରେ ରହିଥିବା ବେଳେ ୫ଟି ପୋଲ ଅବସ୍ଥା ମଧ୍ୟ ସମାନ। ନୟାଗଡ଼ ଜିଲ୍ଲା ସଦର ବ୍ଲକ ବାଲୁଗାଁ ନିକଟସ୍ଥ ଡାହୁକା ନଦୀ ଉପରେ ଦୀର୍ଘବର୍ଷ ତଳୁ ପୋଲ ନିର୍ମାଣ କାମ ଆରମ୍ଭ ହୋଇଛି। ଏହାର ଗୋଟିଏ ପ୍ରକାର କାମ ଶେଷ ହୋଇଥିବା ବେଳେ ଅବଶିଷ୍ଟ କାମ ଶେଷ କରିବାକୁ ଅନ୍ୟୁନ ୪ ବର୍ଷ ଲାଗିବ ବୋଲି ଅନୁମାନ କରାଯାଉଛି। ଏହି ପୋଲ ନିର୍ମାଣ ପାଇଁ ୧୦ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ୧ କୋଟି ୮୧ ଲକ୍ଷ ଟଙ୍କା ଠିକାଦାରଙ୍କୁ ବିଲ୍ ପ୍ରଦାନ କରାଯାଇଛି। ସେହିଭଳି

### ରଣପୁରକୁ ଗୁରୁତ୍ୱ; ଅନ୍ୟ ସବୁ ଉପେକ୍ଷା

ଭାବେ ଶରଣକୁଳ ଦର୍ପନାରାୟଣପୁର ଦୁଆଣ୍ଟ ନଦୀ ଉପରେ ପୋଲ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏଥିପାଇଁ ୧୧ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ୨୦୨୫ ମସିହା ଫେବୃୟାରୀ ସୁଦ୍ଧା ନିର୍ମାଣ ଶେଷ କରିବାକୁ ଲକ୍ଷ ରହିଥିଲା। ମହୀପୁର ବାହାଡ଼ାଖୋଲା ରାସ୍ତା ନିର୍ମାଣ କରାଯାଉଥିବା ୫୦ ମିଟର ହାଇଲେଭେଲ ବ୍ରିଜ କାମ ପାଇଁ ୬ କୋଟି ୩୨ ଲକ୍ଷ ବ୍ୟୟ ବରାଦ ହୋଇଥିବା ବେଳେ କାମ ସାମାନ୍ୟ ସରିଥିବା ଦେଖାଯାଉଛି। ଉକ୍ତ ପୋଲ ୨୦୨୪ ଡିସେମ୍ବର ମଧ୍ୟରେ ସାରିବାକୁ ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଉକ୍ତ ପୋଲ ନିର୍ମାଣ କାମ ଶେଷ ହେବାକୁ ୩ ବର୍ଷରୁ କମ ସମୟ ଲାଗିବ ନାହିଁ ବୋଲି ଅନୁମାନ ହେଉଛି। ସବୁଠାରୁ ବ୍ୟସ୍ତ ବହୁଳ ରାସ୍ତା ରାଜସୁନାଖଳା ଚାନ୍ଦପୁର ରାସ୍ତା ଉପରେ ଦୀର୍ଘଦିନର ଦାବି ମହାକିନା ସେତୁ ନିର୍ମାଣ ପାଇଁ ୭ କୋଟି ୩୫ ଲକ୍ଷ ବ୍ୟୟ ବରାଦ ହୋଇଥିବା ବେଳେ କାମ ୨୦୨୪ ମସିହା ଅଗଷ୍ଟ ମାସ ସୁଦ୍ଧା ଶେଷ କରିବାକୁ ଲକ୍ଷ ରଖାଯାଇଥିଲା। ଅଧୁନା ଉକ୍ତ ପୋଲ ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଓଡ଼ଗାଁ ବାହାଡ଼ାଖୋଲା ନୂଆଗାଁ ରାସ୍ତା କୁସୁମୀ ନଦୀ ଉପରେ ନିର୍ମାଣାଧୀନ ପୋଲ ପାଇଁ ୮ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ କାମ ଅଧାଅଧୁରା ଅବସ୍ଥାରେ ରହିଛି। ସେହିଭଳି ଭାବେ ଅତ୍ୟନ୍ତ ଜରୁରୀପୂର୍ଣ୍ଣ ଭାପୁର ବ୍ଲକ କାଳିଗିରି ବ୍ରିଜ ନିର୍ମାଣ କାର୍ଯ୍ୟ ଅଧା ଅଧୁରା ଅବସ୍ଥାରେ ରହିଛି। ୯ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ବ୍ରିଜ କାମ କେବେ ଶେଷ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ଭାବେ ନିର୍ମାଣ ହେବାକୁ ଥିବା ଅନେକ ବ୍ରିଜ ଦୁର୍ବଳ ଅବସ୍ଥାରେ ରହିଥିବା ବେଳେ ସେଗୁଡ଼ିକ କେବେ କାର୍ଯ୍ୟକ୍ଷମ ହେବ ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ଦର୍ପନାରାୟଣପୁର ରାସ୍ତାରେ ୩ଟି ବ୍ରିଜ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ନୟାଗଡ଼ ବୋଦାପଡ଼ା ନିକଟସ୍ଥ ଲୁଣିଗୋଠାରେ ଦୀର୍ଘବର୍ଷ ତଳୁ ନୂଆ ବ୍ରିଜ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏସବୁ ପ୍ରତି ବିଭାଗ ନିର୍ବାଚନ ପରଠାରୁ ସମ୍ପୂର୍ଣ୍ଣ ଅଣଦେଖା କରି ଆସୁଛି। ଅନେକ ନିର୍ମାଣାଧୀନ ରାସ୍ତା କାର୍ଯ୍ୟ ଶେଷ ହୋଇପାରୁନଥିବା ବେଳେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ଅନେକ କୋଠା କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହେଉନଥିବା ଜଣାପଡ଼ୁଛି। ବର୍ଷାଧିକ କାଳ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବିଲ୍ ପ୍ରଦାନ ଅବହେଳା ମୁଖ୍ୟ ସମସ୍ୟା ବୋଲି ଜଣାପଡ଼ିଛି। ଅନେକ ନିର୍ମାଣ କାର୍ଯ୍ୟ ସରିଥିବା ପ୍ରକଳ୍ପ ହସ୍ତାନ୍ତର ହୋଇପାରୁନଥିବା ମଧ୍ୟ ଜଣାପଡ଼ୁଛି। ଜିଲ୍ଲାର ଜଣେ ବିଧାୟକଙ୍କ ଚାପରେ ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ ଚାପ ଗ୍ରସ୍ତ ହୋଇଥିବା ଆଲୋଚନା ହେଉଛି। ଏପରିକି ଜିଲ୍ଲା ପ୍ରଶାସନକୁ ମଧ୍ୟ ପୂର୍ତ୍ତ ବିଭାଗ ଅଣଦେଖା କରୁଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ଜିଲ୍ଲା ବିକାଶ ପଥରେ ଆଗେଇବ ନାଁ ବିନାଶ ପଥରେ ଆଗେଇବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୫ ବର୍ଷ ପରେ ବି ସରୁନି କାଳିଗିରି ପୋଲ ନିର୍ମାଣ



ଭାପୁର,୨୭।୯(ସମିସ): ଅଞ୍ଚଳର ବିକାଶ ଏହାର ଗମନାଗମନ ଓ ରାସ୍ତା ଘାଟ ଉପରେ ନିର୍ଭର କରିଥାଏ। ମାତ୍ର ଠିକାଦାରଙ୍କ ମନମାନୀ ଓ ପ୍ରଶାସନିକ ଛାଡ଼ିବା ଯେ କିପରି ଲକ୍ଷ ଲକ୍ଷ ଲୋକଙ୍କ ପ୍ରଗତିରେ ବାଧକ ହୋଇପାରେ ତାହା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କାଳିଗିରି ପୋଲ ଏକ ଜ୍ୱଳନ୍ତ ଉଦାହରଣ। ଖୋର୍ଦ୍ଧା ଜିଲ୍ଲାର ବାଘମାରିଠାରୁ କଳାପଥର, ଫତେଗଡ଼, କଣ୍ଟିଲୋ ଦେଇ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଯାଉଥିବା ୪୮ ନମ୍ବର ରାଜ୍ୟ ରାଜପଥ ଫତେଗଡ ଠାରେ ଥିବା କାଳିଗିରି ପୋଲଟି ପୂର୍ବରୁ ନିଚା ଥିବାରୁ ମହାନଦୀର ବନ୍ୟା ପାଣି ଆସିଲେ ଏହା ବୁଡି ଯାଉଥାଏ। ନୟାଗଡ଼ ଜିଲ୍ଲାର ଭାପୁର, ଖଣ୍ଡପଡା, ଗଣିଆ ଓ ଦଶପଲ୍ଲା ବ୍ଲକର ଜୀବନରେଖା ଭାବେ ପରିଚିତ ଏହି ରାସ୍ତା ପରିଚିତ। ଏହି ପୋଲ ଯୋଗୁଁ ବର୍ଷା ଦିନେ ରାଜଧାନୀ ସହ ଅନେକ ସମୟରେ ଅଞ୍ଚଳ ବାସୀଙ୍କ ସଂଯୋଗ କଟିଯାଉଥାଏ। ଅଞ୍ଚଳ ବାସୀଙ୍କ ବାରମ୍ବାର ଦାବୀ ପରେ ରାଜ୍ୟ ସରକାର ଏହି ନଦୀ ଉପରେ ଏକ ନୂତନ ପୋଲ ନିର୍ମାଣ ପାଇଁ ୧୧ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି ପୋଲ ଉଚ୍ଚତା ଅଧିକ ହେବା ସହ ଅଧିକ ପ୍ରଶସ୍ତ ମଧ୍ୟ ହେବ। ଏହାର ଟେଣ୍ଡର ଭୁବନେଶ୍ୱରର ତକ୍ଷଶିଳା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ୍ କାମ ନେଇ ୨୦୨୧ ମସିହାଠାରୁ କାର୍ଯ୍ୟ ଆରମ୍ଭ କରିଛି। ଏହାର ନିର୍ମାଣ କାର୍ଯ୍ୟ ୨୦୨୨ ମସିହା ଏପ୍ରିଲ ମାସରେ ସରିବା କଥା। ମାତ୍ର, ନିର୍ମାଣ ସମ୍ପୂର୍ଣ୍ଣ ହେବାର ଅବଧି ସରିବାର ଚାରି ବର୍ଷ ପରେ ଏହା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଏହାର ନିର୍ମାଣ ଅଧୁରା ଏବଂ ବର୍ଷ ଲାଗିବ ବୋଲି କୁହାଯାଉଛି। ଠିକାଦାରଙ୍କ ମନମାନୀ ଓ ଶିଥିଳତା ପଛରେ ବିଭାଗୀୟ ବଡ଼ଅଧିକାରୀମାନଙ୍କ ଆଶୀର୍ବାଦ ରହିଛି। ଏପରିକି ଠିକାଦାର ବିଭାଗୀୟ ଯନ୍ତ୍ରୀଙ୍କ କଥାକୁ ଖାତିର କରୁ ନାହିଁ ବୋଲି ଆଲୋଚନା ହେଉଛି। ଗୋଟିଏ ଦୁଇଟି ବଡ ଧରଣର ବର୍ଷା ହେଲେ ଏହାର ଅସ୍ଥାୟୀ ରାସ୍ତା ବୁଡି ଯାଉଛି। ଏପରି ଅବସ୍ଥାରେ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ଦାବି ହେଉଛି।

## ସାମାଜିକ ସଚେତନତା ଦିଗରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ



ନୟାଗଡ଼,୨୭।୯(ସମିସ): ନାଟକ ଜୀବନର କଥା କହେ। ଏହା କେବଳ ମନୋରଂଜନ ପାଇଁ ନୁହେଁ। ସମାଜକୁ ସଚେତନ କରିବା ତଥା ନୂତନ ଦିଗ ଦେଖାଇବାର ଏକ ସଶକ୍ତ ମାଧ୍ୟମ। ନାଟକ ସିଧାସଳଖ ଭାବେ ଦର୍ଶକଙ୍କ ହୃଦୟକୁ ଛୁଏଁ ଏବଂ ସେମାନଙ୍କୁ ଭାବିବା ପାଇଁ ପ୍ରେରିତ କରେ ମଧ୍ୟ। ଏଥିପାଇଁ ନାଟକକୁ ସମାଜର ଦର୍ପଣ କୁହାଯାଏ ବୋଲି ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ଇନସ୍ଥାୟାର ସଭାଗୃହ ପରିସରରେ ନୟାଗଡ଼ ଜିଲ୍ଲା ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ସମ୍ମାନନୀୟ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଓ ନାଟ୍ୟକାର ଶ୍ରୀଧର ସାହୁ ଏବଂ କବୀ ଗୀତାଞ୍ଜଳି ମହାପାତ୍ର ଯୋଗଦେଇ ନାଟକର ସ୍ୱରୂପ ତଥା ନୟାଗଡ଼ ନାଟକର ବିକାଶ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ନାଟ୍ୟ ସଂଘର ଜିଲ୍ଲା ସଂଯୋଜକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅଧ୍ୟାପିକ ନିଳୀମା ନନ୍ଦ। ଏହି ଅବସରରେ +୨ ଓ +୩ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଏକକ ଅଭିନୟ, ମୁକାଭିନୟ ଓ ସଂଳାପ କହିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥି ବିଚାରକ ରୂପେ ଯୋଗଦେଇଥିଲେ ମିଷ୍ଟର କାଳିଆ, କାମାକ୍ଷା ପ୍ରସାଦ ଦାଶ ଓ ଗୋକୁଳ କୁମାର ଷଡ଼ଙ୍ଗୀ। ବରିଷ୍ଠ ଅଭିନେତା ନିରଞ୍ଜନ ମହାପାତ୍ରଙ୍କ ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ନେଇ ଏକକ ଅଭିନୟ ଥିଲା ହୃଦୟସ୍ପର୍ଶୀ।

## ବଢୁଛି ମହାନଦୀ ଜଳସ୍ତର

ଗଣିଆ,୨୭।୯(ସମିସ): ଲଘୁଚାପ ଜନିତ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବଢିବା ଯୋଗୁଁ ହୀରାକୁଦରୁ ୧୬ଟି ଗେଟ୍ ଯୋଗେ ଜଳ ନିଷ୍କାସନ ହେଉଛି। ଯାହା ଫଳରେ ମହାନଦୀରେ ଜଳସ୍ତର ବଢିବାରେ ଲାଗିଛି। ଗତ ୩ ଦିନ ଧରି ଲଗାଣ ବର୍ଷା ଜନଜୀବନ ଅସ୍ତବ୍ୟସ୍ତ କରି ଦେଇଛି। ଗଣିଆ ବ୍ଲକ ଦେଇ ମହାନଦୀ ପ୍ରବାହିତ ହେଉଥିବା ବେଳେ ନଦୀକୂଳିଆ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ନଦୀରେ ପାଣି ବଢୁଥିବା ଯୋଗୁଁ ବ୍ଲକର ନଦୀକୂଳିଆ ୱାଲିପୁର, ରାଉତପଡା, ପତୁରିଆ, ଛାମୁଣ୍ଡିଆ, ବଡସିଲିଙ୍ଗା, ରାସଙ୍ଗ ଅଞ୍ଚଳବାସୀଙ୍କ ମଧ୍ୟରେ ବନ୍ୟା ଆଶଙ୍କା ଦେଖାଦେଇଛି। ବିଭାଗୀୟ ସୂତ୍ରରୁ ଜଣାପଡିଛି ଯେ ମଣିଭଦ୍ରା ଠାରେ ଜଳସ୍ତର ବିପଦ ସଙ୍କେତ ତଳେ ଥିବା ଜଣାପଡିଛି। ବର୍ତ୍ତମାନ ଜଳସ୍ତର ୪.୬୫ମି ଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ବର୍ଷା ଲାଗି ରହିଥିବାରୁ ଜଳସ୍ତର ବୃଦ୍ଧି ପାଇପାରେ ବୋଲି ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

## ହ୍ୟାଣ୍ଡବଲ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭାପୁର,୨୭।୯(ସମିସ): ନୟାଗଡ଼ ଜିଲ୍ଲା ହ୍ୟାଣ୍ଡବଲ୍ ଆସୋସିଏସନ ଆନୁକୂଲ୍ୟରେ ୧୪ ବର୍ଷରୁ କମ ବାଳକ ବାଳିକାଙ୍କ ପାଇଁ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲାରେ ତୃଣମୂଳ ସ୍ତରରୁ ହାଣ୍ଡବଲକୁ ଆଦୃତ କରିବ ଉଦ୍ଦେଶ୍ୟରେ ଜିଲ୍ଲା ଆସୋସିଏସନ ଏହି ପ୍ରୟାସ କରିଛି। ଜିଲ୍ଲାର ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ଓଳାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଦିନ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ଅନେକ ବିଦ୍ୟାଳୟ ବାଳକ ବାଳିକାମାନେ ଭାଗ ନେଇଥିଲେ। ଶିବିରକୁ ପରିଚାଳନା କରିଥିଲେ ରାଜ୍ୟ ସ୍ତରୀୟ ଖେଳାଳି କାହ୍ନୁଚରଣ ମହାରଣା, କରନ ମହାପାତ୍ର, ସୌମ୍ୟ ରଞ୍ଜନ କାଠୁଆ, ଗୋବିନ୍ଦ ସାହୁ, ବଳରାମ ବେହେରା, ଶିବୁନା ବସନ୍ତରା। ଖେଳକୁ ଉଦଘାଟନ କରିଥିଲେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୈଦନାଥ ବେହେରା ,ଜିଲ୍ଲା କ୍ରିଡା ସମ୍ପାଦକ ବିଷ୍ଣୁପ୍ରସାଦ ପଟ୍ଟନାୟକ। ସହଯୋଗ କରିଥିଲେ ପରିଚାଳନା କମିଟିର ସଭାପତି ମନୋଜ କୁମାର ବାରିକ।

## ମହିଳାଙ୍କ ମୃତ୍ୟୁ ସନ୍ଦେହଘେରରେ

ଶରଣକୁଳ,୨୭।୯(ସମିସ): ଶରଣକୁଳ ଥାନା ଅନ୍ତର୍ଗତ କୁଟୁଣୀ ଗ୍ରାମର ବଧୂ ମୀରା ନାୟକଙ୍କ ଶୁକ୍ରବାର ମୃତ୍ୟୁ ହୋଇଥିବା ଜଣାପଡିଛି। ମୀରା ନାୟକ ନିଜେ ବିଷ ପିଇ ଆତ୍ମହତ୍ୟା କରିଛି ନା ତା'କୁ ବିଷ ପିଆଇ ଦିଆଯାଇଛି ତାହା ସଠିକ ଭାବରେ ଜଣାପଡିନାହିଁ। ମୀରାଙ୍କ ବାପା ମହେଶ୍ୱର ପ୍ରଧାନ ତାଙ୍କ ଝିଅକୁ ଶାଶୁ ଘର ଲୋକେ ମାରି ଦେଇଥିବା ଶରଣକୁଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଶରଣକୁଳ ଥାନା ପୁଲିସ କେସ୍ ନମ୍ବର ୨୧୪/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ନୂଆଗାଁ ଥାନା ଅଧୀନ ଲୁଣିସରା ଗ୍ରାମର ମହେଶ୍ୱର ପ୍ରଧାନଙ୍କ ଝିଅ ମୀରା ୫ ବର୍ଷ ତଳେ କୁଟୁଣୀ ଗ୍ରାମର ପୀତବାସ ନାୟକ(୩୦) ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବର୍ତ୍ତମାନ ସେମାନଙ୍କର ୪ ବର୍ଷ ଗୋଟିଏ ଝିଅ ଅଛି। ଶୁକ୍ରବାର ମୀରାଙ୍କୁ ଚିକିତ୍ସା ପାଇଁ ନୟାଗଡ଼ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ଶରଣକୁଳ ପୁଲିସ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଘଟଣାର ତଦନ୍ତ ପାଇଁ ମୀରାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

### ■ ପଦାରେ ପଡ଼ିଲା ବିଜେପି ଗୋଷ୍ଠୀ କନ୍ଦଳ

## କର୍ମୀଙ୍କୁ ଦୁର୍ବ୍ୟବହାର କରି ଛେଚା ଖାଇଲେ ସାଂସଦ ପ୍ରତିନିଧି

ଦଶପଲ୍ଲା,୨୭।୯(ସମିସ): କର୍ମୀ ବଡ଼ ନା ନେତା ବଡ଼ ଏହାର ରାଜନୈତିକ ତର୍ଜମା ଜାରି ରହିଥିବା ବେଳେ ଆଜି ଦଶପଲ୍ଲାରେ ଏହାର ପରୀକ୍ଷାମୂଳକ ଫଳାଫଳ ଦେଖିବାକୁ ମିଳିଛି। ଆଜି ସନ୍ଧ୍ୟାରେ ସ୍ଥାନୀୟ ମେଡିକାଲ ଛକରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଭୁବନେଶ୍ୱର ଫେରିବା ବାଟରେ ସମବେତ ବିଜେପି କର୍ମୀଙ୍କୁ ସୌଜନ୍ୟ ମୂଳକ ଭାବରେ ଭେଟିଥିଲେ। ସାଂସଦ କର୍ମୀଙ୍କୁ ଶୃଙ୍ଖଳା ଓ ଅନୁଶାସନ ମାନି ସଂଗଠନକୁ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଆସନ୍ତାକାଲି ଦଶପଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ଅନୁରୋଧ କରି ଦଶପଲ୍ଲା ଛାଡିଥିଲେ। ଏହା ପରେ ଉପସ୍ଥିତ କର୍ମୀମାନେ ସାଂସଦ ପ୍ରତିନିଧିଙ୍କୁ ତାଙ୍କ ସାଂଗଠନିକ ଅପାରଗତା ଯୋଗୁଁ ତୀବ୍ର ସମାଲୋଚନା ସହିତ ପଦବୀରୁ ଦୂରେଇ ଯିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସାଂସଦ ପ୍ରତିନିଧି ଜନୈକ କର୍ମୀଙ୍କୁ ତୁ କିଏ କହି କୁଆଡେ ଚାପୁଡ଼ା ମାରିଥିଲେ। ପରିଣାମର ସ୍ୱରୂପ ଉତ୍ୟକ୍ତ କର୍ମୀଙ୍କ ସମୂହ ରୋଶର ଶିକାର ହୋଇ ପ୍ରବଳ ମାଡ଼ ଖାଇଥିବା ପ୍ରତ୍ୟକ୍ଷଦର୍ଶୀ ସୂତ୍ରରୁ ପ୍ରକାଶ। ଏଥି ନେଇ ସ୍ଥାନୀୟ ପୁଲିସ କିଛି କର୍ମୀଙ୍କୁ ଉଠାଇ ନେଇ ଅଟକ ରଖିଥିବା ବେଳେ ରିପୋର୍ଟ ଲେଖା ଯିବା ବେଳକୁ ଏହାର ଆପୋଷ ସମାଧାନ ନିମନ୍ତେ ଚେଷ୍ଟା ସହିତ ଥାନା ପରିସରରେ ଗହଳି ଦେଖିବାକୁ ମିଳିଛି।

## ବିପଦପୂର୍ଣ୍ଣ ଶ୍ରୀନୀଳମାଧବଙ୍କ ପାର୍କିଂ ସ୍ଥଳୀ



କଣ୍ଟିଲୋ,୨୭।୯(ସମିସ): ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ଶ୍ରୀନୀଳମାଧବ କ୍ଷେତ୍ର ସୁପରିଚିତ। ଏଠାକୁ ପ୍ରତ୍ୟେହ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଆସିଥାନ୍ତି। କିନ୍ତୁ ବିଡମ୍ବନାର ବିଷୟ ଯାତ୍ରୀଙ୍କ ସୁବିଧା ସୁଯୋଗ ପାଇଁ ଏଠାରେ କୌଣସି ସୁବ୍ୟବସ୍ଥା ନାହିଁ। ନୀଳମାଧବଙ୍କ ପୂର୍ବ ଦ୍ୱାର ନିକଟରେ ଥିବା ପାର୍କିଂ ବ୍ୟବସ୍ଥା ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନା ଅନୁଯାଇ ଆଜି ମଧ୍ୟାହ୍ନ ସମୟରେ ଉକ୍ତ ପାର୍କିଂ ସ୍ଥଳରେ ଥିବା ବିଶାଳ ବରଗଛର ଏକ ବୃହତ ଅଂଶ ଭାଙ୍ଗି ଏକ ବୁଲାଗାଈ ଉପରେ ପଡିବାରୁ ଗାଈଟି ଗଭୀର କ୍ଷତାକ୍ତ ହେଇଛି। ତେଣୁ ଉକ୍ତ ଜାଗାକୁ ସୁରକ୍ଷା ଏବଂ ସୁରକ୍ଷିତ ରଖିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ଦେବୋତ୍ତର ବିଭାଗ ଓ ପ୍ରଶାସନ ନିକଟରେ ସ୍ଥାନୀୟ ବାସିନ୍ଦା ମାନେ ଦାବି କରିଛନ୍ତି।

## ବାହାଡ଼ାଶୁଣୀ ପର୍ବ ଉଦ୍‌ଘାଟିତ




ଖଣ୍ଡପଡା,୨୭।୯(ସମିସ): ଖଣ୍ଡପଡା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ଅନ୍ତର୍ଗତ ବାହାଡ଼ା ଗ୍ରାମରେ ଦୀର୍ଘ ଦୁଇଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପୂଜା ପାଉଥିବା ମା' ବାହାଡ଼ାଶୁଣୀଙ୍କ ବାର୍ଷିକ ଯାତ୍ରା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବହୁ ପୁରାତନ ଶକ୍ତିପୀଠ ମା' ବାହାଡ଼ାଶୁଣୀଙ୍କ ଶାରଦୀୟ ପର୍ବ ପୀଠେ ଷଷ୍ଠୀ, ସପ୍ତମୀ ଓ ଅଷ୍ଟମୀରେ ମା'ଙ୍କ ପୀଠରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭିଡ଼ ଜମେଇଥାନ୍ତି। ଯାତ୍ରାରେ ଦୁଇ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ସାମାଜିକ ନାଟକ ପରିବେଷଣ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ଜଣାଯାଇଛି। ତେବେ ରବିବାର ମା'ଙ୍କର ମହାସପ୍ତମୀ ପୂଜାରେ ଉଭା କାର୍ଯ୍ୟ ହେବ ବୋଲି ଜଣାଯାଇଛି। ଅଧିକ ଜନସମାଗମ ହେବାର ସମ୍ଭାବନା ଥିବାରୁ ଫତେଗଡ଼ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ଜନ୍ମେଜୟ ଦଳେଇ, ରବିନ୍ଦ୍ର ବେହେରା, ଦୟାନିଧି ଦଳେଇ, ପ୍ରଫୁଲ୍ଲ ଖଟୁଆ, ଅଗାଧୁ ପ୍ରଧାନ, ଦଣ୍ଡଧର ମଲ୍ଲ, ମହେଶ୍ୱର ସାହୁ, ନବକିଶୋର ମଲ୍ଲ, ମାନଗୋବିନ୍ଦ ନାୟକ, ପ୍ରଫୁଲ୍ଲ ମଲ୍ଲ, ସୂରିଆ ନାୟକ, ସୁକାନ୍ତ ଖଟୁଆ, ଗୋପାଳ ଦଳେଇ, ପ୍ରସନ୍ନ ଖଟୁଆ, ଶ୍ରୀନିବାସ ଖଟୁଆ, ରବିନ୍ଦ୍ର ଦଳେଇ, ପ୍ରଭାକର ନାୟକ, କେଶବ ନାୟକ, ଅନନ୍ତ ବେହେରା, ଧନୁ ଦଳେଇ, ପ୍ରକାଶ ସ୍ୱାଇଁ, ହାଡିବନ୍ଧୁ ସ୍ୱାଇଁ, ସୁରେନ୍ଦ୍ର ବେହେରା, ମକୁନ୍ଦା ନାଏକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଅବ୍ୟବହୃତ ଗୋଷ୍ଠୀ ଶୌଚାଳୟ



ଗଣିଆ,୨୭।୯(ସମିସ): ଗଣିଆ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପାଖରେ ଥିବା ଗୋଷ୍ଠୀ ଶୌଚାଳୟ ଅବ୍ୟବହୃତ ହୋଇ ପଡ଼ିରହିଛି। ଶୌଚାଳୟ ସମ୍ମୁଖରେ ଅଳିଆ ଆବର୍ଜନା ଗଦା ହୋଇ ପଡ଼ି ରହିଥିବା ବେଳେ ଅନାବନା ବୃକ୍ଷରେ ପରିପୂର୍ଣ୍ଣ ହୋଇ ଜଙ୍ଗଲ ପାଲଟିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ମିଶନ ଜରିଆରେ ଦୁଇଲକ୍ଷ ଦଶ ହଜାର ଟଙ୍କା ବ୍ୟୟରେ ଏହି ଶୌଚାଳୟ ନିର୍ମାଣ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସୁଥିବା ମହିଳା ତଥା ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ଭାବେ ଉପକୃତ ହେବା ଲକ୍ଷ୍ୟରେ ଏହା ନିର୍ମାଣ କରାଯାଇଥିଲା। ଏହାର ପ୍ରକୃତ ଲକ୍ଷ୍ୟ ସାଧନ ହୋଇପାରୁନାହିଁ। ସବୁବେଳେ ତାଲା ପଡ଼ି ବନ୍ଦ ହୋଇ ରହୁଥିବା ବେଳେ ଏହା ସମ୍ମୁଖ ଆବର୍ଜନାମୟ ହୋଇ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ସ୍ୱଚ୍ଛତା ପାଇଁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଖୋଦ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପାଖରେ ଥିବା ଶୌଚାଳୟ ଅବସ୍ଥା ନକହିବା ଭଲ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବ୍ରାହ୍ମଣ ସମାଜର ବାର୍ଷିକ ବୈଠକ



ଓଡ଼ଗାଁ,୨୭।୯(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ଶ୍ରୀ ରଘୁନାଥ ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ବୈଠକ ସଭାପତି ଭଗବାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ହ୍ୱାଇଟ ହାଉସ୍ କଲ୍ୟାଣୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବ୍ରାହ୍ମଣ ସମାଜରେ ଉମେଶ ଚନ୍ଦ୍ର ମିଶ୍ର ଏବଂ ବୈକୁଣ୍ଠ ବିହାରୀ ମିଶ୍ରଙ୍କୁ ନୂତନ ସଭ୍ୟ ଭାବରେ ଗ୍ରହଣ କରାଯାଇଥିଲା। ଫଳରେ ବର୍ତ୍ତମାନ ପାଇଁ ପରିବାର ସଂଖ୍ୟା ୪୩ରୁ ୪୫କୁ ବୃଦ୍ଧି ପାଇଛି। ସଭାପତି ସମାଜର ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କ ସହିତ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ଧନେଶ୍ୱର ଦାଶଙ୍କ ପୁଣ୍ୟତିଥିରେ ତାଙ୍କର ସ୍ମୃତିଚାରଣ କରା ଯାଇଥିଲା। ଅନ୍ୟମାନଙ୍କ ସହିତ ସରକାରୀ ଅଧିବକ୍ତା ଇନ୍ଦୁଭୂଷଣ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଳନ୍ଧର ରଥ, ଜଗଦୀଶ ମିଶ୍ର, ପ୍ରଫୁଲ ମହାପାତ୍ର, ଶିକ୍ଷକ ଭାବଗ୍ରାହୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ସ୍ୱସ୍ତି ବାଚନ କରାଯାଇ ବୈଠକ ସମାପିତ ହୋଇଥିଲା।

## ପୃଥକ୍ ପୃଥକ୍ ଘଟଣାରେ ୩ ଗିରଫ

ଖଣ୍ଡପଡ଼ା,୨୭।୯(ସମିସ)



ପୃଥକ ପୃଥକ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୧ ଗ୍ରାମ ସୁନା, ୪ଟି ମୋବାଇଲ ଫୋନ ଏବଂ ୩ଟି ବାଇକ ଜବତ କରିଥିବା ନେଇ ସୂଚନା ମିଳିଛି। ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ଗ୍ରାମର କୌଶଲ୍ୟା ସାହୁ (୫୪) ଗୁରୁବାର ଚୋରି ନେଇ ଥାନାରେ ଏତଲା ହୋଇଥିଲା। ଗୁରୁବାର ରାତି ପ୍ରାୟ ସାଢେ ୮ ଟାରେ ମହିଳା ଜଣକ ନିଜ ପାନ ଦୋକାନରେ ବସିଥିବା ବେଳେ ଦୁଇ ଦୁର୍ବୃତ୍ତ ସିଗାରେଟ ମାଗିଥିଲେ। ତେବେ ପଇସା ଦେବା ବାହାନାରେ ହଠାତ ତାଙ୍କ ବେକରେ ଥିବା ମାଳି ଝାମ୍ପି ନେଇଥିଲେ। ତେବେ ପାଟି ତୁଣ୍ଡ ଶୁଣି ସ୍ଥାନୀୟ ବାସିନ୍ଦା ପହଞ୍ଚିବାରୁ ଦୁଇ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଖସିଯାଇଥିବା ବେଳେ ଅନ୍ୟ ଜଣଙ୍କୁ କାବୁ କରିଥିଲେ। ତେବେ ସ୍ଥାନୀୟ ପୁଲିସ ଖବର ପାଇ ପିଛା କରିବା ପରେ ଅନ୍ୟ ଜଣକୁ ମଧ୍ୟ ମାଡ଼ିବସିଥିଲା। ଗିରଫ ଦୁଇ ଦୁର୍ବୃତ୍ତ ହେଲେ ନୟାଗଡ ଜଜାଙ୍ଗିସାହିର କୃଷ୍ଣ ସାହୁ (୪୫) ଏବଂ କୈଳାସ ପ୍ରଧାନ (୨୪)। ଦୁହିଁଙ୍କ ନାମରେ ପୂର୍ବରୁ ମଧ୍ୟ ଏକାଧିକ ମାମଲା ରହିଥିବା ସୂଚନା ମିଳିଛି। ପୁଲିସ ଉଭୟଙ୍କ ଠାରୁ ୧୧ ଗ୍ରାମ ସୁନା, ଗୋଟିଏ ମୋବାଇଲ ଏବଂ ବାଇକ ଜବତ କରିଥିବା ସୂଚନା ଦେଇଛି। ସମାନଭାବେ ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ସୌମ୍ୟବିହାର ପରିସରରୁ ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଏତଲା ହୋଇଥିବା ବେଳେ ଘଟଣାର ଖୋଲତାଡ କରିବା ପରେ ବୋଦସା ଗ୍ରାମର ସୁଶାନ୍ତ ବସ୍ତି (୨୭)କୁ ଗିରଫ କରିଛି। ଗତକାଲି ରାତିରେ ସୁଶାନ୍ତ ଭୁବନେଶ୍ୱର ଅଞ୍ଚଳରୁ ଏକ ବାଇକ ଚୋରି କରିଥିବା ବେଳେ ବିଳମ୍ବିତ ରାତିରେ ସୌମ୍ୟବିହାର ପରିସରରେ ପଶି ମୋବାଇଲ ଲୁଟ କରିଥିଲା। ସୁଶାନ୍ତ ନିକଟରୁ ଚୋରି ହୋଇଥିବା ମୋବାଇଲ ଫୋନ ସମେତ ଗୋଟିଏ ବାଇକ ଜବତ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଅଧିକ ତଦନ୍ତ କରାଯାଉଥିବା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମଦନ ମୋହନ ପ୍ରଧାନ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି, ଏସଆଇ ମନସ୍ମିତା ସାହୁ, ଏସ୍ଆଇ ଗୋପବନ୍ଧୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ହିନ୍ଦୀ ଦିବସ ସମାରୋହ

ଗଣିଆ,୨୭।୯(ସମିସ): ଗଣିଆ ବ୍ଲକ ହିନ୍ଦୀ ଶିକ୍ଷକ ସଂଘ ତରଫରୁ ବ୍ଲକ ସ୍ତରୀୟ ହିନ୍ଦୀ ଦିବସ ସମାରୋହ ସ୍ଥାନୀୟ ଗୁପ୍ତେଶ୍ୱର ବିଦ୍ୟାପୀଠ ଛାମୁଣ୍ଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୀ ଶିକ୍ଷକ ସଂଘ ଅଧ୍ୟକ୍ଷ ନବକିଶୋର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ରାଉତରାୟ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଗୋଦାବରୀ ବସନ୍ତିଆ, ଅଧ୍ୟାପକ ନିରାକାର ସ୍ୱାଇଁ, ପ୍ରଧାନଶିକ୍ଷକ ରଜତ କୁମାର ପ୍ରଧାନ, ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କିଶୋର ପ୍ରସାଦ ପ୍ରଧାନ ଶିକ୍ଷକ ଜଗଦୀଶ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର, ସରପଞ୍ଚ ଦୀପ୍ତି ରେଖା ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ଗଣିଆ ବ୍ଲକର ସମସ୍ତ ହିନ୍ଦୀ ଶିକ୍ଷକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ହିନ୍ଦୀ ଶିକ୍ଷା ପ୍ରତି ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହିତ ହିନ୍ଦୀ ଆମ ରାଷ୍ଟ୍ର ଭାଷା ହୋଇଥିବାରୁ ସମସ୍ତେ ହିନ୍ଦୀ ଶିକ୍ଷାକୁ ଗୁରୁତ୍ୱ ଦେବା ଦରକାର ବୋଲି ଅତିଥି ମାନେ ମତବ୍ୟକ୍ତ କରିଥଲେ।

**● ତପି ହତ୍ୟା ମାମଲାର ରାୟ ପ୍ରକାଶ**

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ



ଖୋର୍ଦ୍ଧା, ୨୭।୯(ସମିସ): ୨୦୧୯ ଜାନୁଆରୀ ୩୦ରେ ସିମୋର ଛକ ନିକଟ ଅର୍ଦ୍ଧନିର୍ମିତ ଘରେ କଣ୍ଠାମଲିମର ସତ୍ୟବ୍ରତ ପାଇକରାୟ ଓରଫ୍ ତପି ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଖୋର୍ଦ୍ଧା ପ୍ରଥମ ଏଡିଜେ ରଞ୍ଜୁଲତା ଲେଙ୍କା ଏହି ମାମଲାର ବିଚାର କରି ଅଭିଯୁକ୍ତ କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ଓଗାଳପୁର ଗ୍ରାମର ନରେନ୍ଦ୍ର ମହାରଣା ଓରଫ୍ ବାବୁଲି (୪୯)କୁ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

କଣ୍ଠାମଲିମ ଗ୍ରାମର ଗୋପାଳ ଚନ୍ଦ୍ର ପାତ୍ରଙ୍କର ଖୋର୍ଦ୍ଧା ଥାନା ବାଘମାରୀ ଫାଣ୍ଡି ଅନ୍ତର୍ଗତ ସିମୋର ଛକ ନିକଟରେ ଏକ ଘର ନିର୍ମାଣ ଚାଲିଥିଲା। ଅଭିଯୁକ୍ତ ବାବୁଲି ନିର୍ମାଣ କାର୍ଯ୍ୟ ତଦାରଖ କରୁଥିଲା। ବାବୁଲି ସବୁବେଳେ ନିଶାସକ୍ତ ଅବସ୍ଥାରେ ରହୁଥିବାରୁ ଗୋପାଳଙ୍କ ବଡ଼ ପୁଅ ତପି ତାକୁ ବିରୋଧ କରି ଆସୁଥିଲା। ଏହାକୁ ନେଇ ଘଟଣା ଦିନ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଏଥିରେ ରାଗିଯାଇ ବାବୁଲି ଏକ ଟାଙ୍ଗିଆରେ ତପିଙ୍କୁ ହତ୍ୟା କରି ଫେରାର୍ ହୋଇଯାଇଥିଲା। ଏ ସଂପର୍କରେ ଗୋପାଳ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ବାବୁଲି ହିଁ ତପିଙ୍କୁ ହତ୍ୟା କରିଛି। ତେଣୁ ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ଓ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରଜନୀକାନ୍ତ ପଟ୍ଟନାୟକ ମାମଲାକୁ ପରିଚାଳନା କରୁଥିଲେ।

## ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି

ବେଗୁନିଆ,୨୭।୯(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଳି ଗ୍ରାମସ୍ଥିତ ଶ୍ରୀରଘୁନାଥଦେବ ସରକାରୀ ଉଚ୍ଚ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହୋଇଛି। ଏଥିରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ଭାଗିରଥି ଗୁରୁ ଶନିବାର ପୂର୍ବାହ୍ଣରେ କୋଠରି ତାଲା ଭଙ୍ଗାଯାଇଥିବାରୁ ତୁରନ୍ତ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ବବିନା ନାୟକ ଓ ପ୍ରଧାନଶିକ୍ଷୟିତ୍ରୀ ସ୍ନିଗ୍ଧା ମହାପାତ୍ରଙ୍କୁ ଜଣାଇଥିଲେ। ପରେ କୋଠରି ଭିତରେ ପ୍ରବେଶ କରି ୫ ବସ୍ତା ଚାଉଳ ଚୋରି ହୋଇଛି ବୋଲି ଦେଖିବାକୁ ପାଇ ରାତ୍ରଜଗୁଆଳି ବିରଞ୍ଚି ପାତାଳସିଂହଙ୍କୁ ପଚାରିବାରେ ଚାଉଳ ଚୋରି ହୋଇଥିବାର ଦେଖିନାହିଁ ବୋଲି ଜଣାଇଥିଲେ। ଏପରିକି ପୂର୍ବରୁ ସିସିଟିଭି କ୍ୟାମେରା ଚୋରି, ଆଜ୍‌ବେଷ୍ଟସ୍, ପାଣି ପାଇପ୍ ଓ ଟ୍ୟାପ୍ ଆଦି ଭଙ୍ଗାରୁଜା ହେବା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମହାପାତ୍ର ଅବଗତ କରିଥିଲେ। ଏହି ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇ ନ ଥିବାର ଜଣାପଡ଼ିଛି।

## ଗ୍ୟାସ୍ ସିଲିଣ୍ଡର ଫାଟି ଜଳିଗଲା ଘର

ବୋଲଗଡ଼,୨୭।୯(ସମିସ): ରୋଷେଇ ହେଉଥିବାବେଳେ ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟି ଜଳିଗଲା ଘର। ଫଳରେ ଜଣେ ଗୁରୁତର ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ପିଚୁକୁଳି ପଞ୍ଚାୟତ ପିଚୁକୁଳି ପାଟଣାସାହିରେ ଘଟିଛି ଏଭଳି ଅଗ୍ନିକାଣ୍ଡ। ଉକ୍ତ ସାହିର କୃପାସିନ୍ଧୁ ପଟ୍ଟନାୟକଙ୍କ ଘରେ ରୋଷେଇ ଚାଲିଥିବାବେଳେ ଘରର ଗ୍ୟାସ୍ ଟାଙ୍କି ପ୍ରଥମେ ଲିକ୍ ହୋଇଥିଲା। ପରେ ନିଆଁ ଲାଗି ଜଳିଯାଇ ଗ୍ୟାସ୍ ସିଲିଣ୍ଡରଟି ଫାଟିଯାଇଥିଲା। ତେବେ ଘରେ ନିଆଁ ଜଳିବା ଦ୍ୱାରା ଘରେ ଥିବା ସମସ୍ତ ଆସବାବପତ୍ର ସହିତ ବିଭିନ୍ନ ସାମଗ୍ରୀ, ଖାଦ୍ୟଶସ୍ୟ ଆଦି ଜଳି ନଷ୍ଟ ହୋଇଯାଇଛି। ଖବର ପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଶିକ୍ଷକ ଗୁରୁତର

ବେଗୁନିଆ,୨୭।୯(ସମିସ): ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ପିଚୁକୁଳିସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଶିକ୍ଷକ ଗୁରୁତର ଆହତ ହୋଇଛନ୍ତି। ବେଗୁନିଆ ପୁଲିସ ପହଞ୍ଚି ପ୍ରଥମେ ରାଜସୁନାଖଲା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଭୁବନେଶ୍ୱର ଏମ୍ସ ଏବଂ ସେଠାରୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଜଣକ ହେଲେ ନୟାଗଡ଼ ଜିଲ୍ଲା ଶରଣକୁଳ ନିକଟସ୍ଥ ବରସାହି ଗ୍ରାମର ଶିକ୍ଷକ ବିପିନ ସ୍ୱାଇଁ। ବାଇକ୍‌ରେ ଭୁବନେଶ୍ୱରରୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି।

## ପରିଛଲ କପ୍ କ୍ରିକେଟ୍: ଆଇଆର୍‌ସି ଭିଲେଜ ବିଜୟୀ

ଖୋର୍ଦ୍ଧା,୨୭।୯(ସମିସ): ପରିଛଲ ୟୁଥ୍ କ୍ଲବ୍ ଦ୍ୱାରା ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ୩୩ତମ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶନିବାର ମ୍ୟାଚ୍ ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍, କୁମାରବସ୍ତ ଏବଂ ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର ଟିମ୍ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ୧୫ ଓଭରରେ ଟସ୍ ଜିତି ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୭ଟି ୱିକେଟ୍ ବିନିମୟରେ ୧୭୨ ରନ୍ ସଂଗ୍ରହ କରିଥିଲା। ବସନ୍ତ ସାହୁ ୨୨ଟି ବଲ୍ ଖେଳି ୫୫ ରନ୍ ଏବଂ କୁଲଦୀପ ପାଇକରାୟ ୧୭ ବଲ୍‌ରେ ୩୦ ରନ୍ କରିଥିଲେ। ଜବାବରେ ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର ଟିମ୍ ୧୩ ଓଭରରେ ୧୭୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଟିମ୍‌ର ଅମୂଲ୍ୟ ପାତ୍ର ୨୬ ବଲ୍‌ରେ ୬୫ ରନ୍ ଏବଂ ସୌରଭ ଦାସ ୧୩ ବଲ୍‌ରେ ୨୯ ରନ୍ କରିଥିଲେ। ଅମୂଲ୍ୟ ପାତ୍ର ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ଶ୍ରୀନିବାସ ବାରିକ ଓ ଦିନବନ୍ଧୁ ବିଶ୍ୱାଳ ପରିଚାଳନା କରିଥିଲେ।

# ୩ ବସ୍ ସିରିଜ୍ ଦୁର୍ଘଟଣା; ଜଣେ ମୃତ, ୫ ଆହତ



**ଟାୟାର ଜାଳି ଗ୍ରାମବାସୀଙ୍କ ରାସ୍ତା ଅବରୋଧ**

ବାଲୁଗାଁ,୨୭।୯(ସମିସ)

୧୬ ନମ୍ବର ଜାତୀୟ ରାଜପଥର ବାଣପୁର-ବାଲୁଗାଁ ବାଇପାସ୍ ଓଭରବ୍ରିଜ୍ ନିକଟସ୍ଥ ବେଲପଡ଼ା ଛକ ନିକଟରେ ଶନିବାର ସକାଳେ ୩ଟି ବସ୍ ମଧ୍ୟରେ ସିରିଜ୍ ଦୁର୍ଘଟଣା ଘଟିଯାଇଛି। ଏହି ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସ୍ଥାନୀୟ ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିବାରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଥିବାବେଳେ ପୁଲିସ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲା।

ସୂଚନା ମୁତାବକ, ଶିମିଳିଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ବସ୍ ଶନିବାର ସକାଳେ ବାଣପୁର-ବାଲୁଗାଁ ବାଇପାସ୍‌ର ବେଲପଡ଼ା ଛକ ନିକଟରେ ରାସ୍ତାରେ ବୁଲୁଥିବା ଗାଈଗୋରୁଙ୍କୁ ବଞ୍ଚେଇବାକୁ ଯାଇ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ପାଶ୍ୱର୍ରେ ଅଟକି ରହିଥିଲା। ସେହି ସମୟରେ ପଛରୁ ଆସୁଥିବା ଅନ୍ୟ ୨ଟି ବସ୍ ମଧ୍ୟରୁ ପାଇଲଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବସ୍‌ଟି ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ବାଇକ୍‌କୁ ଶକ୍ତ ଧକ୍କା ଦେଇଥିବାବେଳେ ପଛରୁ ଆସୁଥିବା ବିଶାଖାପାଟଣାରୁ କୋଲକାତା ଅଭିମୁଖେ ଯାଉଥିବା ଅନ୍ୟ ଏକ ବସ୍ ଆଗ ବସ୍‌ଟିକୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ବସିଥିବା ନିମିକ୍ଷେତା ଗ୍ରାମର ଶୁଭମ୍‌ଜ୍ୟୋତି ପ୍ରହରାଜଙ୍କ ମୃତ୍ୟୁ ଘଟିଥିବାବେଳେ ବାଇକ୍ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ୨ ଜଣ ଯାତ୍ରୀ, ସହକାରୀ ବସ୍ ଚାଳକ ଓ ହେଲ୍‌ପର ଆହତ ହୋଇ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଘଟଣା ପରେ ୩ଟି ବସ୍‌ର ଡ୍ରାଇଭର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ତେବେ ଘଟଣାଟି ପ୍ରଚାର ହେବାରୁ ସ୍ଥାନୀୟ ଗ୍ରାମବାସୀ ଓ ପଥଚାରୀ ଘଟଣାସ୍ଥଳରେ ଏକତ୍ରିତ ହୋଇ ରାସ୍ତାର ଉଭୟ ପାଶ୍ୱର୍ରେ ଟାୟାର ଜାଳି ରାସ୍ତା ଅବରୋଧ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହେବା ସହ ଯାନବାହନ ଯାତାୟାତରେ ବାଧା ଉପୁଜିଥିଲା। ଖବର ପାଇ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ସମେତ ବାଣପୁର ଓ ବାଲୁଗାଁ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହାୟତାରେ ଆହତମାନଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାକୁ ପଠାଇଥିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପ୍ରାୟ ଏକ ଘଣ୍ଟା ପରେ ରାଜପଥରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ୩ଟି ବସ୍‌ର ଯାତ୍ରୀମାନଙ୍କୁ ଅନ୍ୟ ବସ୍ ସହାୟତାରେ ଗନ୍ତବ୍ୟସ୍ଥଳକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

**ଆଜି ବିଶ୍ୱ ଜଳାତଙ୍କ ଦିବସ**

## ବର୍ଷକରେ କୁକୁର, ବିଲେଇ ଓ ମାଙ୍କଡ଼ କାମୁଡ଼ାରେ ୬୯୪୯ ଆକ୍ରାନ୍ତ

**ଖୋର୍ଦ୍ଧାରେ ନାହାନ୍ତି ଜଳାତଙ୍କ ରୋଗୀ**

ଖୋର୍ଦ୍ଧା,୨୭।୯(ସମିସ): ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖରେ ଜୁନୋଟିକ୍ ରୋଗ ରାବିଜ୍ ବିଷୟରେ ବିଶ୍ୱବ୍ୟାପୀ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ଜଳାତଙ୍କ ଦିବସ ପାଳନ କରାଯାଉଛି। ମନୁଷ୍ୟ ଓ ପ୍ରାଣୀ ଉପରେ ଜଳାତଙ୍କ ପ୍ରଭାବ ଏବଂ ଏହାର ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୨୦୦୭ରୁ ଏହି ଦିବସ ପାଳିତ ହୋଇଆସୁଛି। ଜଳାତଙ୍କ ରୋଗ ଏକ ଜୁନେଟିକ୍ ରୋଗ। ଯାହା ରାବିଜ୍ ନାମକ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ପଶୁ କାମୁଡ଼ିବା ଦ୍ୱାରା ମଣିଷକୁ ସଂକ୍ରମଣ ହୋଇଥାଏ। ସାଧାରଣତଃ କୁକୁର କାମୁଡ଼ିବା ଦ୍ୱାରା ଏହି ରୋଗ ହୋଇଥାଏ ବୋଲି ସମସ୍ତେ ଭାବନ୍ତି। କିନ୍ତୁ ଏହା ବିଲେଇ, ମାଙ୍କଡ଼, ଫେରେଟ୍ସ, ଛେଳି, ବାଦୁଡ଼ି, ଠେକୁଆ ସମେତ ଅନ୍ୟ କେତେକ ପ୍ରାଣୀଙ୍କ କାମୁଡ଼ିବା ଦ୍ୱାରା ମଧ୍ୟ ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି। ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କରାଯାଇଥିବା ବେଳେ ବିଏମ୍‌ସିକୁ ବାଦ୍ ଦେଇ ବର୍ଷକ ମଧ୍ୟରେ ଗୋଟିଏ ମାତ୍ର ଜଳାତଙ୍କ ରୋଗୀ ଦେଖାଯାଇ ନ ଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୟାମା ପ୍ରସନ୍ନ ମିତ୍ରଙ୍କ ସୂଚନା ଅନୁସାରେ, ୨୦୨୪ ଅଗଷ୍ଟ ୧ରୁ ଚଳିତ ବର୍ଷ ଅଗଷ୍ଟ ୩୧ ସୁଦ୍ଧା କୁକୁର, ବିଲେଇ ଓ ମାଙ୍କଡ଼ କାମୁଡ଼ାରେ ମୋଟ୍ ୬୯୪୯ ଜଣ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ୪୭୮୨ ଜଣ କୁକୁର କାମୁଡ଼ାର ଶିକାର ହୋଇଥିବାବେଳେ ୧୮୩୧ ଜଣ ବିଲେଇ, ୩୩୬ ଜଣ ମାଙ୍କଡ଼ କାମୁଡ଼ାରେ ଆକ୍ରାନ୍ତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହୋଇଛନ୍ତି। ଆକ୍ରାନ୍ତକାରୀଙ୍କ ମଧ୍ୟରୁ ତୃତୀୟ ବର୍ଗ ଅର୍ଥାତ୍ ଗୁରୁତରଙ୍କୁ ଦୁଇ ପ୍ରକାର (ର୍‌ୟାବ୍ ଓ ରିଗ୍) ଭ୍ୟାକ୍ସିନ୍ ଦିଆଯାଉଛି। ଅନ୍ୟପକ୍ଷରେ ପ୍ରଥମ ବର୍ଗ ତଥା ସାମାନ୍ୟ ଆହତଙ୍କୁ ସାଧାରଣ ଭ୍ୟାକ୍ସିନ୍ (ର୍‌ୟାବ୍) ଦିଆଯାଉଥିବା ଡା. ମିତ୍ର ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଘରେ ରଖୁଥିବା ପୋଷା ବିଲେଇ, ବୁଲା କୁକୁରଙ୍କ କାମୁଡ଼ାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଦେଖାଯାଇଛି। ଘରେ ରଖୁଥିବା ପଶୁମାନଙ୍କ ସଂସ୍ପର୍ଶରେ ଆସିଲେ ହାତକୁ ପରିଷ୍କାର କରିବା ସହ ସେମାନଙ୍କୁ ଭ୍ୟାକ୍ସିନେସନ୍ କରିବା ଉଚିତ୍। ବୁଲା କୁକୁରଙ୍କ ଦୌରାତ୍ମ୍ୟ ବଢୁଥିବାବେଳେ ଏହାକୁ ରୋକିବାକୁ ଅର୍ବାନ ହାଉସିଂ ଡେଭଲପ୍‌ମେଣ୍ଟ ସହ ମିଶି ସରକାର ବୁଲା କୁକୁରଙ୍କୁ ଟୀକାକରଣ କରିବା ଲାଗି ପଦକ୍ଷେପ ନିଆଯାଉଥିବା ପୌର କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଡାକ୍ତରଙ୍କ କହିବା ଅନୁଯାୟୀ, ଜଳାତଙ୍କ ରୋଗ କୁକୁର, ବିଲୁଆ, ଗଧିଆ, ନେଉଳ, ବାଦୁଡ଼ି ପ୍ରଭୃତି ପ୍ରାଣୀକୁ ସଂକ୍ରମଣ କରୁଥିବା ଏକ ଭୂତାଣୁଜନିତ ରୋଗ। ସେଇ ସଂକ୍ରମିତ ପ୍ରାଣୀ ମନୁଷ୍ୟକୁ କାମୁଡ଼ିଲେ କିମ୍ବା ସେମାନଙ୍କ ଲାଳ ସଂସ୍ପର୍ଶରେ ଆସିଲେ ଏହି ରୋଗ ହୋଇଥାଏ। ତେଣୁ ଏ ଦିଗରେ ସଚେତନତାକୁ ବ୍ୟାପକ କରାଯାଉଛି। ଏହି ରୋଗ ବିଷୟରେ ସଚେତନତା କରିବା ପାଇଁ ବିଶ୍ୱ ଜଳାତଙ୍କ ଦିବସ ପାଳନ କରିବା ଏକମାତ୍ର ଉଦ୍ଦେଶ୍ୟ ନୁହେଁ ବରଂ ଜଳାତଙ୍କର କାରଣ, ନିରାକରଣ, ବିଶେଷ କରି ଟୀକାକରଣକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ଅଟେ ବୋଲି ଡା. ମିତ୍ର ସୂଚନା ଦେଇଛନ୍ତି। ତେବେ ଭେଷଜ ବିଭାଗ ମୁଖ୍ୟ ଡା. ବିଶ୍ୱନାଥ ପାଢ଼ୀଙ୍କ ସୂଚନା ଅନୁସାରେ, ବର୍ଷକ ମଧ୍ୟରେ କୌଣସି ଜଳାତଙ୍କ ରୋଗୀ ଡିଏଚ୍‌ଏଚ୍‌କୁ ଆସିନାହାନ୍ତି।

**ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ**

## ମଙ୍ଗଳାଯୋଡ଼ିକୁ ପକ୍ଷୀ ଅଭୟାରଣ୍ୟ ଘୋଷଣା ଦାବି

ଟାଙ୍ଗୀ,୨୭।୯(ସମିସ): ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଟାଙ୍ଗୀ ବ୍ଲକ୍‌ର ପରିବେଶ ପର୍ଯ୍ୟଟନ ମାନ୍ୟତାପ୍ରାପ୍ତ ବିହଙ୍ଗ ବିହାର ମଙ୍ଗଳାଯୋଡ଼ି ପ୍ରକୃତି ନିବାସ ପରିସରରେ ପରିବେଶ ପର୍ଯ୍ୟଟନ ଗୋଷ୍ଠୀ ତରଫରୁ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ଏଥିରେ ଗୋଷ୍ଠୀର ସଭାପତି ତଥା ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ ଅଧ୍ୟକ୍ଷତା କରିଥିବାବେଳେ ବାଲୁଗାଁ ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀ ଅମ୍ଳାନ ନାୟକ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ମୁଖ୍ୟବକ୍ତା, ଟାଙ୍ଗୀ ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ଟାଙ୍ଗୀ ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀ ଚିତ୍ରସେନ ଜେନା, ମଙ୍ଗଳାଯୋଡ଼ିର ବନପାଳ ମୀନାକୁମାରୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କ୍ଷେତ୍ର ପରିଚାଳକ ଦୀପ୍ତି ରଞ୍ଜନ ମହାନ୍ତି ପ୍ରାରମ୍ଭିକ ସୂଚନା ଦେବା ପରେ ପରିବେଶ କର୍ମୀ ତଥା ପରିବେଶ ପର୍ଯ୍ୟଟନ ଗୋଷ୍ଠୀର ସକ୍ରିୟ ସଦସ୍ୟ ମାନସ ପ୍ରଧାନ ଅତିଥି ପରିଚୟ, ଉଦ୍ଦେଶ୍ୟ ଜ୍ଞାପନ ସହିତ ବିହଙ୍ଗ ବିହାର ମଙ୍ଗଳାଯୋଡ଼ିରେ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ପ୍ରସ୍ତାବ ରଖିଥିଲେ। ବିଦେଶାଗତ ଅତିଥି ପକ୍ଷୀଙ୍କ ସୁରକ୍ଷା, ଚିଲିକାକୁ ପ୍ରଦୂଷଣମୁକ୍ତ କରିବା, ବେଆଇନ ମାଗୁର ମାଛ ଚାଷକୁ ନିଷେଧ କରିବା, ଘରୋଇ ମାଛ ଚାଷରେ ପ୍ରୟୋଗ କରାଯାଉଥିବା ଅଖାଦ୍ୟ ଓ ରାସାୟନିକ ସାର ପ୍ରୟୋଗକୁ ନିରୁତ୍ସାହିତ କରିବା, ସନ୍ଧ୍ୟା ସମୟରେ ପର୍ଯ୍ୟଟକଙ୍କୁ ଅମୋଦିତ କରିବା ପାଇଁ ସ୍ଥାନୀୟ ଲୋକକଳାକୁ ପ୍ରୋତ୍ସାହିତ କରିବା, ଚିଲିକା ଉପକୂଳରେ ଥିବା ବିସ୍ତୀର୍ଣ୍ଣ ନଳ ଘାସକୁ ଉତ୍ପାଟନ କରି ମତ୍ସ୍ୟଜୀବୀମାନଙ୍କ ଡଙ୍ଗା ନେବାଆଣିବା କରିବାକୁ ସହଜ କରିବା ଆଦି ଆଲୋଚନା କରାଯାଇଥିଲା। ଏହି ବିହଙ୍ଗ ବିହାର ମଙ୍ଗଳାଯୋଡ଼ିକୁ ପକ୍ଷୀ ଅଭୟାରଣ୍ୟ ଘୋଷଣା କରିବାକୁ ପରିବେଶବିତ୍ ଶ୍ରୀ ପ୍ରଧାନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନିକ ସୀମା ସରହଦ ମଧ୍ୟରେ ଯାହା ସମ୍ଭବ ତାହା ନିଶ୍ଚିତ ରୂପେ କରାଯିବ ବୋଲି ବନ୍ୟପ୍ରାଣୀ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଥିଲେ। ଗୋଷ୍ଠୀର ପବିତ୍ର ଦଳାଇ, ଶିବ ମାଝୀ, କ୍ଷେତ୍ର ପରିଚାଳକ ଦୀପ୍ତିରଞ୍ଜନ ମହାନ୍ତି, ମମତା ବେହେରା, ହରପ୍ରିୟା ବେହେରା, କାଳିକା ବେହେରାଙ୍କ ସମେତ ଲକ୍ଷ୍ମୀପ୍ରିୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଓସିଏସ୍ ପରୀକ୍ଷାରେ ଅନ୍ୱେଷା ଓ ସସ୍ମିତାଙ୍କ ସଫଳତା



ବାଲୁଗାଁ,୨୭।୯(ସମିସ): ରାଜ୍ୟ ପ୍ରଶାସନିକ ସେବା ପରୀକ୍ଷାରେ ବାଣପୁର ଅଞ୍ଚଳର ଝିଅ ଆଦ୍ୟା ଅନ୍ୱେଷା ନାୟକ ଓ ସସ୍ମିତା ସାହୁ କୃତକାର୍ଯ୍ୟ ହୋଇଛନ୍ତି। ବାଣପୁର ଥାନା ଅନ୍ତର୍ଗତ ଗାଲୁଆ ପଞ୍ଚାୟତ ଭୀମପୁରର ସ୍ୱର୍ଗତ କାର୍ତ୍ତିକ ନାୟକ ଓ ପୁଷ୍ପାଞ୍ଜଳି ନାୟକଙ୍କ ଝିଅ ଆଦ୍ୟା ଅନ୍ୱେଷା ୧୭୭ତମ ସ୍ଥାନ ଅଧିକାର କରିଥିବାବେଳେ ବାଣପୁର ଏନ୍‌ଏସି ଅନ୍ତର୍ଗତ ବିଷରପାଟଣା ସାହିର ପ୍ରମୋଦ ସାହୁ ଓ ବବିତାଞ୍ଜଳି ସାହୁଙ୍କ ଝିଅ ସସ୍ମିତା ୧୭୧ତମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୱେଷା ୨୦୨୩ରେ ଭୁବନେଶ୍ୱର ଓୟୁଏଟିରୁ କୃଷି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷାଲାଭ ପରେ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ ଦ୍ୱିତୀୟ ପ୍ରଚେଷ୍ଟାରେ ଏହି ସଫଳତା ଅର୍ଜନ କରିଛନ୍ତି। ସସ୍ମିତା ଖୋର୍ଦ୍ଧା ଜବାହର ନବୋଦୟ ବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ଶେଷ ହେବା ପରେ ଆନ୍ଧ୍ରପ୍ରଦେଶ ଶ୍ରୀ ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟର ଲର୍ଣ୍ଣିଙ୍ଗ୍ ମହାବିଦ୍ୟାଳୟରୁ ସାମାଜିକ ବିଜ୍ଞାନରେ ସ୍ନାତକୋତ୍ତର ଶେଷ ହେବା ପରେ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ସେ ମଧ୍ୟ ଦ୍ୱିତୀୟ ପ୍ରଚେଷ୍ଟାରେ ସଫଳତା ଅର୍ଜନ କରିଛନ୍ତି।

## ବିପୁଳ ପରିମାଣର ବାଣ ଜବତ



ବେଗୁନିଆ,୨୭।୯(ସମିସ): ବାଘମାରୀ ଥାନା ଅନ୍ତର୍ଗତ ପଙ୍ଗାରସିଂହ ଗ୍ରାମର ମୁବାରକ ଖାନଙ୍କ ଘରେ ଶୁକ୍ରବାର ସନ୍ଧ୍ୟାରେ ବାଣ ଜବତ କରିବା ସହ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସୂଚନା ଅନୁଯାୟୀ, ପଙ୍ଗାରସିଂହ ଗ୍ରାମର ଶ୍ରୀ ଖାନ୍‌ଙ୍କ ଘରୁ ଆନୁମାନିକ ୮୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକାର ପ୍ରସ୍ତୁତ ବାଣ ଜବତ ହୋଇଛି।

## ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ: ବାରଙ୍ଗ ବିଜୟୀ



ବୋଲଗଡ଼,୨୭।୯(ସମିସ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ବାଙ୍କୋଇ କଚେରୀବର କବାଡ଼ି ଖେଳ ପଡ଼ିଆରେ ମା’ ରାମଚଣ୍ଡୀ କବାଡ଼ି ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୪୫ତମ ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟର ଶନିବାର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ବାରଙ୍ଗ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ପୁରୀ ଜିଲ୍ଲା ଗଡ଼ସାନପୁଟ କବାଡ଼ି ଟିମ୍‌କୁ ଅଧିକ ୧୫ ପଏଣ୍ଟ ବ୍ୟବଧାନରେ ବାରଙ୍ଗ ଟିମ୍ ପରାସ୍ତ କରିଛି। ରେଫରୀ ଭାବେ ଭାଗିରଥୀ ଜେନା, ଗୋପାଳ ଚନ୍ଦ୍ର ମହାନ୍ତି, ନୀଳକଣ୍ଠ ବେହେରା, ଅଜୟ ବଳିଆରସିଂହ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ରୂପେ ପୂର୍ବତନ ସମିତିସଭ୍ୟ ବଂଶୀଧର ସାହୁ, ସମ୍ମାନିତ ଅତିଥି ଭାବେ ବିଶ୍ୱରଞ୍ଜନ ବିଶ୍ୱାଳ, ସୁମନ୍ତ ଛୋଟରାୟ, ପ୍ରଦୀପ ପଟ୍ଟନାୟକ ଓ ସାମ୍ବାଦିକ ସୁରେଶ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

## ଦେଶୀ ମଦ ଓ ଗଞ୍ଜେଇ ଜବତ, ୨ ଗିରଫ

ବାଲୁଗାଁ,୨୭।୯(ସମିସ): ସମଗ୍ର ବାଣପୁର ବାଲୁଗାଁ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣରେ ନିଶା କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏପରିସ୍ଥଳେ ଶନିବାର ଅବକାରୀ ବିଭାଗ ପକ୍ଷରୁ ୨ଟି ସ୍ଥାନରେ ପୃଥକ୍ ଭାବେ ଚଢ଼ଉ କରି ୭୦ ଲିଟର ଦେଶୀ ମହୁଲି ମଦ ସମେତ ୧୧ କେଜି ଗଞ୍ଜେଇ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ସୂଚନା ମୁତାବକ, ବେଆଇନ ଭାବେ ମଦ ଓ ଗଞ୍ଜେଇ ବିକ୍ରି ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଶନିବାର ପୂର୍ବାହ୍ଣରେ ଚଢ଼ଉ କରି ବାଣପୁର ଥାନା ଅଧୀନ ଡୁମୁରାପୁଟ ଗ୍ରାମର କାର୍ତ୍ତିକ ସେଠୀଙ୍କୁ ଗିରଫ କରି ତାଙ୍କ ନିକଟରୁ ୭୦ ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ଟାଙ୍ଗୀ ଥାନା ଅଧୀନ ସୋରଣ ଗ୍ରାମରେ ଚଢ଼ଉ କରି ବାଦଲ ଚମ୍ପତିଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୧ କେଜି ଗଞ୍ଜେଇ ଜବତ କରିଥିଲେ। ଏହି ଚଢ଼ଉରେ ଅବକାରୀ ବିଭାଗର ଟାଙ୍ଗୀ ଅଧିକାରୀ ରମେଶ ଚନ୍ଦ୍ର ବାରିକ, ଏସ୍‌ଆଇ ମୀନକେତନ ମାହାଲିକ, ରଞ୍ଜିତ ପଟେଲ, ସୁନିତା ମହାରଣା, ଅନିଲ ପ୍ରଧାନ, ଅଶେଷ ପ୍ରଧାନ, ତୁଷାରକାନ୍ତ ଚମ୍ପତି ଓ କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ପିଚୁକୁଳିରେ ଆମ ପୁଲିସ କାର୍ଯ୍ୟକ୍ରମ

ବେଗୁନିଆ,୨୭।୯(ସମିସ): ବେଗୁନିଆ ଥାନା ପିଚୁକୁଳି କଲ୍ୟାଣ ମଣ୍ଡପଠାରେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ମୁଖ୍ୟଅତିଥି, ଉପଖଣ୍ଡ ପୁଲିସ ଅଧିକାରୀ ନିହାର ରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଓ ବେଗୁନିଆ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଲେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଦୂର ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ ଜୟନ୍ତୀ ପ୍ରଧାନ, ପିଚୁକୁଳି ସମବାୟ ସମିତି ସଭାପତି ପବିତ୍ର ମୋହନ ମାଝୀ ପରିଚାଳନା କରିଥିଲେ।

**ଜିଲ୍ଲା ପରିଷଦର ପଞ୍ଚମ ସାଧାରଣ ବୈଠକ**

# ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ ଓ ପାନୀୟଜଳ ଯୋଗାଣ ନିମନ୍ତେ ଗୁରୁତ୍ୱ

ଖୋର୍ଦ୍ଧା,୨୭।୯(ସମିସ)



**ଜିଲ୍ଲାରେ ଖାଲିପଡ଼ିଛି ୨୨୩ ଡାକ୍ତର ପଦ**

ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନୂତନ ସଭାଗୃହ ପରିସରରେ ଷଷ୍ଠ ଜିଲ୍ଲା ପରିଷଦର ପଞ୍ଚମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହଙ୍କ ଅଧ୍ୟକ୍ଷତାରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବା, ଚାଷୀମାନଙ୍କୁ ସାର ଠିକ୍ ସମୟରେ ଯୋଗାଇବା, ଶିକ୍ଷାନୁଷ୍ଠାନରେ ବିଶୁଦ୍ଧ ପାନୀୟଜଳ ଉପଲବ୍ଧି କରାଇବା, ବନ୍ଦ ରଖାଯାଇଥିବା ପ୍ରାଥମିକ ସ୍କୁଲଗୁଡ଼ିକୁ ଚାଲୁ କରିବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଡିଓମାନେ ଯେଉଁ ପ୍ରକଳ୍ପଗୁଡ଼ିକ ସୁପାରିସ୍ କରୁଛନ୍ତି ସେଗୁଡ଼ିକ ସମ୍ପୃକ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷାମାନଙ୍କ ସହ ଆଲୋଚନା କରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକର ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଉଠା ଜଳସେଚନ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ଓ କୃଷି ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ଜିଲ୍ଲାରେ ଚାଷ କ୍ଷେତର ମାଟି ଉର୍ବରତା ବଜାୟ ରଖିବାକୁ ହେଲେ ଜୈବ ପଦ୍ଧତି କୃଷି କ୍ଷେତ୍ରରେ ଆପଣେଇବାକୁ କହିଥିଲେ। ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଛତାବର ଆଦିବାସୀ ବହୁଳ ଗ୍ରାମ ପଞ୍ଚାୟତରେ ବିଶୁଦ୍ଧ ପାନୀୟଜଳର ସମସ୍ୟା ଲାଗିରହିଥିବା ବେଳେ ତାହାର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଜିଲ୍ଲାର ସମସ୍ତ ବ୍ଲକ୍‌ରେ କେଉଁଠି କେଉଁଠି ଲୌହମିଶ୍ରିତ ପାଣି ନଳକୂଅରୁ ବାହାରୁଛି, ତାହାର ବିସ୍ତୃତ ତାଲିକା ପ୍ରଦାନ କରିବାକୁ ଗ୍ରାମ୍ୟ ପାନୀୟଜଳ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲାରେ ଚାଲିଥିବା ୯ଟି ମେଗା ପାଇପ୍ ଲାଇନ୍ ଜଳ ପ୍ରକଳ୍ପଗୁଡ଼ିକର ବିଳମ୍ବକୁ ନେଇ ମନ୍ତ୍ରୀ ସମସ୍ତ ବିଧାୟକ, ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା, ଜିଲ୍ଲାପାଳଙ୍କୁ ନେଇ ସ୍ୱତନ୍ତ୍ର ଭାବେ ଏକ ଆଲୋଚନା ବୈଠକ ଡାକିବାକୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଗ୍ରାମାଞ୍ଚଳ ସମସ୍ୟାଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରାଯାଇ ମାନବ ସେବା ହିଁ ମାଧବ ସେବା ମନ୍ତ୍ରରେ ସମସ୍ତେ ଅନୁପ୍ରାଣିତ ହୋଇ ସ୍ୱଚ୍ଛତା ବଜାୟ ରଖିବା ପାଇଁ ମତବ୍ୟକ୍ତ କରିଥିଲେ। ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଜୟଦେବ ନିର୍ବାଚନମଣ୍ଡଳୀର ରାସ୍ତାଘାଟ ମରାମତି ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଆୟତପୁର ଗ୍ରାମ ପଞ୍ଚାୟତ ବେଲଡିହ ଗ୍ରାମୀଣ ସେତୁ, ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତ ବରଡିହ ଗ୍ରାମକୁ ସଂଯୋଗ କରୁଥିବା ସେତୁ, କାର୍ଯ୍ୟରେ ଅହେତୁକ ବିଳମ୍ବ ଦିଗରେ, ବାଣପୁର ଚିକିତ୍ସାଳୟରେ ଡେପୁଟେସନରେ ଥିବା ଡାକ୍ତର ଓ କର୍ମଚାରୀଙ୍କ ନିର୍ଦ୍ଦେଶ ବାତିଲ କରିବା, ସଠିକ୍ ସମୟରେ ଚାଷୀଙ୍କୁ ସାର ଯୋଗାଇବା ଆଦି କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ଦିଗରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସ୍ୱାସ୍ଥ୍ୟ ବିଭାଗର ସୂଚନା କ୍ରମେ ଜିଲ୍ଲାରେ ୫୦୩ ଡାକ୍ତର ପଦ ଥିବାବେଳେ ୨୨୩ଟି ଖାଲି ଅଛି। ପ୍ରଧାନମନ୍ତ୍ରୀ ବୟୋ ବନ୍ଦନା କାର୍ଡ ଜିଲ୍ଲାରେ ୪୦ ହଜାର ବଣ୍ଟାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ୍ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ବିଭାଗକୁ ଚିଠି ଲେଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ବିଡିଓ ନିଜ ଅଧୀନରେ ବର୍ଷରେ ୧୦ଟି ଆଦର୍ଶ ଗ୍ରାମ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମସ୍ତ ଜିଲ୍ଲା ପରିଷଦ ଜୋନ୍ ସଦସ୍ୟା, ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଡିଭାଇଡରକୁ ଧକ୍କା ଦେଇ ପଲଟିଲା କାର୍, ୫ ମୃତ

ଗୁରୁଗ୍ରାମ୍, ୨୭।୯(ଏଜେନ୍ସି): ହରିୟାଣାର ଗୁରୁଗ୍ରାମରେ ଶନିବାର ଭୋର ୪.୩୦ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦିଲ୍ଲୀ ଆଡୁ ଦ୍ରୁତଗିତରେ ଆସୁଥିବା ଏକ ଥର୍ ନିୟନ୍ତ୍ରଣ ହରାଇ ଡିଭାଇଡରରେ ପିଟି ହେବା ଫଳରେ ପଲଟି ଯାଇ ଦୁର୍ଘଟଣା ସମ୍ମୁଖୀନ ହୋଥିଲା। ଏଥିରେ ୫ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରିଛି। ଏହି କଳା ରଙ୍ଗର ଥର୍‌ରେ ୬ ଜଣ ଯାତ୍ରା କରୁଥିଲେ। ଏଥିରେ ୩ ଜଣ ଯୁବକ ଓ ୩ ଜଣ ଯୁବତୀ ସାମିଲ ଥିଲେ। ମୃତ୍ୟୁବରଣ କରିଥିବା ଜଣେ ଯୁବତୀ ହେଉଛନ୍ତି ରାୟବରେଲିର ଜଜ୍ ଚନ୍ଦ୍ରମଣି ମିଶ୍ରାଙ୍କ ଝିଅ ପ୍ରତିଷ୍ଠା ମିଶ୍ରା। ସୂଚନା ମିଳିବା ମାତ୍ରେ ଗୁରୁଗ୍ରାମ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡିକୁ ଜବତ କରି ଯାଞ୍ଚ ଆରମ୍ଭ କରିଛି। ଦୁର୍ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି ଓ ଏଥିରେ ଥର୍ ଦ୍ରୁତ ଗତିରେ ଆସି ଡିଭାଇଡରରେ ପିଟି ହୋଇଥିବାର ଲକ୍ଷ୍ୟ କରାଯାଇଛି। ମୃତକଙ୍କ ହାତରେ ଏକ କ୍ଲବର ବ୍ୟାଣ୍ଡ ଦେଖିବାକୁ ମିଳିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏମାନେ କ୍ଲବରେ ପାର୍ଟି କରି ଘରକୁ ଫେରିଥିବା ଅନୁମାନ କରାଯାଉଛି।

## ୧୮ ଦିନ ପରେ ସାମ୍ନାକୁ ଆସିଲେ ଓଲି

କାଠମାଣ୍ଡୁ, ୨୭।୯(ଏଜେନ୍ସି): ନେପାଳ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଇସ୍ତଫା ଦେବାର ୧୮ ଦିନ ପରେ ସାମ୍ନାକୁ ଆସିଛନ୍ତି। ସେ ପାର୍ଟିର ଛାତ୍ର ସଂଗଠନର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଭକ୍ତପୁର ପହଞ୍ଚିଥିଲେ। ଜେନ-ଜେଡ୍ ବିରୋଧ ପ୍ରଦର୍ଶନ ପାଇଁ ସେପ୍ଟେମ୍ବର ୯ରେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। ହିଂସାତ୍ମକ ଆନ୍ଦୋଳନ ମଧ୍ୟରେ ଓଲିଙ୍କୁ ନେପାଳ ସେନା ହେଲିକପ୍ଟର ଜରିଆରେ ଉଦ୍ଧାର କରିଥିଲା ଓ ଏକ ଅସ୍ଥାୟୀ ଘରେ ସ୍ଥାନାନ୍ତର କରିଥିଲା। ଏବେକାର ସରକାରକୁ ସେ ସମାଲୋଚନା କରିଛନ୍ତି। ଏବେକାର ସରକାର ଜନତାଙ୍କ ଇଚ୍ଛା ଅନୁସାରେ ନିର୍ବାଚିତ ହୋଇନାହିଁ। ହିଂସା ଓ ପୋଡାଜଳା ମାଧ୍ୟମରେ ଏହି ସରକାର ଗଠନ ହୋଇଛି। ଆନ୍ଦୋଳନରତ ଯୁବକଙ୍କୁ ମୋ ସରକାର ଗୁଳି କରିବାକୁ ଆଦେଶ ଦେଇ ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। କିନ୍ତୁ ଏଥିପାଇଁ ଆମକୁ ମୂଲ୍ୟ ଦେବାକୁ ହୋଇଥିଲା। ମୋତେ ଧମକ ମିଳୁଥିବା ବେଳେ ସରକାର ସୁରକ୍ଷା ଦେଇ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ଜାତିସଂଘ ମୁଖ୍ୟାଳୟ ସାମ୍ନାରେ ୟୁନୁସଙ୍କ ବିରୋଧରେ ବିକ୍ଷୋଭ

ୱାଶିଂଟନ, ୨୭।୯(ଏଜେନ୍ସି): ବାଂଲାଦେଶ ପ୍ରବାସୀ ଶୁକ୍ରବାର ଜାତିସଂଘ ମୁଖ୍ୟାଳୟ ଆଗରେ ବାଂଲାଦେଶ ଅନ୍ତରୀଣ ସରକାର ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ୟୁନୁସଙ୍କୁ ପାକିସ୍ତାନୀ ବୋଲି ଆଖ୍ୟା ଦେଇଥିଲେ। ୟୁନୁସ ପାକିସ୍ତାନ ଫେରିଯାଆନ୍ତୁ ବୋଲି ସେମାନେ ସ୍ଲୋଗାନ ଦେଇଥିଲେ। ୟୁନୁସ ବାଂଲାଦେଶକୁ ତାଲିବାନ ଭଳି ଦେଶରେ ପରିଣତ କରିବାକୁ ପ୍ରୟାସ କରୁଛନ୍ତି ଓ ସେ ଇସ୍‌ଲାମିକ୍ ଜିହାଦୀ କଟରପନ୍ଥୀଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ୨୦୨୪ ଅଗଷ୍ଟ ୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ପଦରୁ ହଟାଇବା ପରେ, ଅଳ୍ପସଂଖ୍ୟକ ଖାସ୍ କରି ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢ଼ାଇବା ନେଇ ୟୁନୁସଙ୍କ ବିରୋଧରେ ଅଭିଯୋଗ ଆସିଛି। ୟୁନୁସ କ୍ଷମତାକୁ ଆସିବା ପରେ ବାଂଲାଦେଶରେ ମାନବାଧିକାରର ପ୍ରବଳ ଉଲ୍ଲଂଘନ ହୋଇଛି ଓ ଏଥିପାଇଁ କେତେକ ଲୋକ ଦେଶ ଛାଡି ଚାଲିଯିବାକୁ ବାଧ ହୋଇଛନ୍ତି। କେବଳ ସେତିକି ନୁହେଁ, ହସିନା ସରକାରଙ୍କୁ ବେଆଇନ ଭାବେ କ୍ଷମତାରୁ ହଟାଯାଇଛି। ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ୍ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଉପରେ ଅତ୍ୟାଚାରକୁ ଆମେ ବିରୋଧ କରୁଛି ବୋଲି ପ୍ରବାସୀ ବାଂଲାଦେଶୀ କହିଛନ୍ତି। ହିନ୍ଦୁ ନେତା ଚିନ୍ମୟ କୃଷ୍ଣ ଦାସଙ୍କୁ ଜେଲ୍‌ରୁ ଖଲାସ କରାଯାଉ ବୋଲି ସେ ସେମାନେ ଦାବି କରିଛନ୍ତି। ୟୁନୁସ ଚିନ୍ମୟଙ୍କୁ ବେଆଇନ ଭାବେ ଜେଲ୍‌ରେ ରଖିଛନ୍ତି।

## କପିଳ ଶର୍ମାଙ୍କୁ ଧମକ ଦେଇଥିବା ବ୍ୟକ୍ତି ଗିରଫ

ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): କମେଡିଆନ କପିଳ ଶର୍ମାଙ୍କୁ ମେଲ୍ ଜରିଆରେ ହତ୍ୟା ଧମକ ଦେବା ସହ ୧ କୋଟି ଟଙ୍କାର ଦାଦାବଟି ମାଗିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ମୁମ୍ବଇ କ୍ରାଇମ୍ ବ୍ରାଞ୍ଚ ଏହି ବ୍ୟକ୍ତିକୁ ପଶ୍ଚିମବଙ୍ଗର ୨୪ ପ୍ରଗଣାରୁ ଗିରଫ କରିଛି। ଧମକ ଦେଇଥିବା ଏହି ବ୍ୟକ୍ତି ହେଉଛନ୍ତି ଦିଲୀପ ଚୌଧୁରୀ। ଦିଲୀପ ନିଜକୁ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବରାର ଓ ରୋହିତ ଗୋଦାରା ଗ୍ୟାଙ୍ଗର ସଦସ୍ୟ ଭାବେ ପରିଚୟ ଦେଇ କପିଳଙ୍କଠାରୁ ୧ କୋଟି ଟଙ୍କାର ଦାଦାବଟି ମାଗିଥିଲା।

## ରାଜସ୍ଥାନ, ମଧ୍ୟପ୍ରଦେଶ, ମୁମ୍ବଇରେ ପ୍ରବଳ ବର୍ଷା ଆଶଙ୍କା

ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): ମୌସୁମୀ ବାୟୁ ଶୁକ୍ରବାର ରାଜସ୍ଥାନରୁ ନିର୍ଦ୍ଧାରିତ ସମୟର ୪ ଦିନ ପୂର୍ବରୁ ବିଦାୟ ନେଇଛି। ସେହିପରି ମଧ୍ୟପ୍ରଦେଶର ୧୧ଟି ଜିଲ୍ଲାରୁ ମୌସୁମୀ ବିଦାୟ ନେଇ ସାରିଛି। ଏହା ସତ୍ତ୍ୱେ ଏହି ଦୁଇଟି ରାଜ୍ୟରେ ବର୍ଷା ଏବେ ମଧ୍ୟ ଜାରି ରହିଛି। ଶନିବାରଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଦୁଇଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରିଛି। ସେହିପରି ତେଲଙ୍ଗାନାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି। ସେହିପରି ମୁମ୍ବଇରେ ଶନିବାର ସକାଳୁ ବର୍ଷା ଜାରି ରହିଛି। ଦିନସାରା ବର୍ଷା ହେବ ବୋଲି ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ହାଇଦରାବାଦ୍‌ରେ ଗତ ରାତିରେ ମୂଷଳଧାରାରେ ବର୍ଷା ହୋଇଛି। ଫଳରେ ସହରର କେତେକ ଅଞ୍ଚଳରେ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ପାଣି ପଶିଯାଇଛି। ଏହାକୁ ଦୃଷ୍ଟିରେ ରଖି ହିମାୟତା ସାଗର ଜଳାଶୟର ଗୋଟିଏ ଗେଟ୍‌କୁ ଖୋଲି ଦିଆଯାଇଛି। ଫଳରେ ସ୍ଥିତି ଆହୁରି ବିଗିଡି ଯାଇଛି। ସହରର ବିଭିନ୍ନ ସ୍ଥାନରେ ଫସି ରହିଥିବା ୫୫ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଚାଦରଘାଟ ନିକଟରେ ମୁସି ନଦୀରେ ପ୍ରବଳ ବନ୍ୟା ଆସିଛି।

## ଟ୍ରମ୍ପ ପ୍ରଶାସନର ଆଉ ଏକ ଅମାନବୀୟ କାଣ୍ଡ

### ୭୧ ବର୍ଷୀୟ ମହିଳାଙ୍କ ହାତ, ଗୋଡ଼ରେ ବେଡ଼ି ପକାଇ ଭାରତ ପଠାଇଲା



ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): ଆମେରିକାରେ ୩୨ ବର୍ଷ ଅବସ୍ଥାନ କରିବା ପରେ ପ୍ରତ୍ୟର୍ପଣ ହୋଇଥିବା ପଞ୍ଜାବର ୭୧ ବର୍ଷୀୟ ବୟସ୍କା ହରଜିତ କୌର ସାମ୍ନାକୁ ଆସି ନିଜ ଦୁଃଖ ବ୍ୟକ୍ତ କରିଛନ୍ତି। ମୋତେ ଗିରଫ କରାଯିବା ପରେ ଅପରାଧୀ ଭଳି ବ୍ୟବହାର କରାଯାଇଥିଲା। ହାଜର ହେବା ପ୍ରକ୍ରିୟା ବେଳେ ମୋତେ ଗିରଫ କରି ଏକ ଥଣ୍ଡା କୋଠରୀରେ ବନ୍ଦକରି ଦିଆଯାଇଥିଲା। ସେ ୧୦ ଦିନ ଡିଟେନସନ ସେଲ୍‌ରେ ରହିଥିଲେ। ଘୋଡାଇ ହେବାକୁ ତାଙ୍କୁ ଆଲୁମିନିୟମ ଫାଇଲ ଦିଆଯାଇଥିଲା। ଶୋଇବା ପାଇଁ କାଠ ପଟା ଦିଆଯାଇଥିଲା। ଖାଇବା ପାଇଁ ଥଣ୍ଡା ବ୍ରେଡ୍ ଓ ବିଫ୍ ଦିଆଯାଇଥିଲା। ଏହାକୁ ଖାଇ ନ ଥିଲି। କେବଳ ଚିପ୍ସ ଓ ବିସ୍କୁଟ୍ ଖାଇ ୧୦ ଦିନ ବିତାଇଥିଲି ବୋଲି ସେ କହିଛନ୍ତି। ୩୨ ବର୍ଷ ଆମେରିକାର ରହିବା ପରେ ମଧ୍ୟ ତାଙ୍କୁ ଗତ ୨୪ ତାରିଖରେ ଚେନ୍‌ରେ ବାନ୍ଧି ଭାରତ ପଠାଯାଇଥିଲା। ଏବେ ସେ ନିଜ ଭଉଣୀଙ୍କ ଘରେ ରହୁଥିବା କହିଛନ୍ତି। ପ୍ରତି ୬ମାସରେ ନିୟମିତ ଭାବେ ହାଜର ଲଗାଇବାକୁ ସେ ଯାଉଥିଲେ। ୧୯୯୨ରେ ସେ ନିଜର ଦୁଇ ପୁଅଙ୍କ ସହ ଆମେରିକା ଯାଇଥିଲେ। କିନ୍ତୁ ବେଆଇନ୍ ଭାବେ ସେ ଆମେରିକାରେ ରହୁଥିବା କଥା କୁହାଯାଇଥିଲା। ଫଳରେ ତାଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇଥିଲା। ଭାରତରେ କେହି ନିଜର ନଥିବାରୁ ସମସ୍ୟାର ସମ୍ମୁଖୀନ ହେଉଛି ଓ ଏବେ ମୋ ଭବିଷ୍ୟତ ଅନ୍ଧାର ବୋଲି ହରଜିତ କହିଛନ୍ତି।

### ଜାତିସଂଘରେ ପାକିସ୍ତାନକୁ ଦୃଢ଼ ଜବାବ ଦେଲା ଭାରତ

## ଧ୍ୱସ୍ତ ଏୟାରବେସ୍‌କୁ ନେଇ ଖୁସି ମନାଉଛି ପାକ୍

ନ୍ୟୁୟର୍କ, ୨୭।୯ (ଏଜେନ୍ସି): ମିଳିତ ଜାତିସଂଘ ସାଧାରଣ ପରିଷଦ (ୟୁଏନଜିଏ) ବୈଠକରେ ପାକିସ୍ତାନକୁ ଦୃଢ଼ ଜବାବ ଦେଇଛି ଭାରତ। ପୁଣିଥରେ ଆତଙ୍କବାଦକୁ ସମର୍ଥନ ଦେଉଥିବା ଏହି ରାଷ୍ଟ୍ର ଏବଂ ଏହାର ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ମୁଖା ଖୋଲି ଦେଇଛି। ଭାରତଠାରୁ ବିଜୟ ଦାବି କରିଥିବା ଶାହବାଜ ପୁଣି ଆତଙ୍କବାଦର ମହିମାମଣ୍ଡନ କରୁଛନ୍ତି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପେଟଲ ଗେହଲଟ କହିଛନ୍ତି। ସେ ଶନିବାର ୟୁଏନଜିଏରେ ପାକିସ୍ତାନକୁ ତୀବ୍ର ଭର୍ତ୍ସନା କରିଛନ୍ତି। ପେଟଲ କହିଛନ୍ତି ଯେ ପାକିସ୍ତାନ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛି ଏବଂ ମିଛ କହୁଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ହାସ୍ୟାସ୍ପଦ ନାଟକ କରୁଛନ୍ତି। ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ଶାହବାଜଙ୍କ ବିଦେଶ ନୀତିର ଅଂଶବିଶେଷ। କୌଣସି ଡ୍ରାମା କିମ୍ବା ମିଛ ଦ୍ୱାରା ସତକୁ ଲୁଚା ଯାଇପାରିବ ନାହିଁ।

ଗତ ମେ' ମାସରେ ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ସରିଫ ଯେଉଁ ଦାବି କରିଥିଲେ ତାହାକୁ ପେଟଲ ଖାରଜ କରିଦେଇଛନ୍ତି। ସେ କହିଛନ୍ତି ଯେ ମେ' ୯ ତାରିଖ ପର୍ଯ୍ୟନ୍ତ ଭାରତ ଉପରେ ଆକ୍ରମଣ ପାଇଁ ପାକିସ୍ତାନ ଧମକ ଦେଇ ଚାଲିଥିଲା। ଏହା ପରିଦନ (ମେ'୧୦) ପାକିସ୍ତାନର ଅନେକ ଏୟାରବେସ୍‌କୁ ଭାରତୀୟ ସେନା ଧ୍ୱଂସ କରିଦେଇଥିଲା। ଏହା ପରେ ଯୁଦ୍ଧ ବନ୍ଦ କରିବା ପାଇଁ ପାକିସ୍ତାନ କାକୁତିମିନତି ହୋଇଥିଲା। ଯଦି ଧ୍ୱଂସ ଏୟାରବେସ ବିଜୟର ପ୍ରତୀକ ତେବେ ପାକିସ୍ତାନ ଉତ୍ସବ ମନାଇବା କଥା। ଏହା ପୂର୍ବରୁ ଶାହବାଜ ଶୁକ୍ରବାର ଜାତିଂସଘରେ ଭାରତକୁ ଶତ୍ରୁ କହିଥିଲେ। ମେ'ରେ ହୋଇଥିବା ଭାରତ ସହ ସଂଘର୍ଷରେ ପାକିସ୍ତାନ ବିଜୟୀ ହୋଇଛି ଏବଂ ଭାରତର ୭ ବିମାନ ଧ୍ୱଂସ କରିଦେଇଛି ବୋଲି ସେ ଦାବି କରିଥିଲେ। ମାତ୍ର ଆଜି ଭାରତ ଏହି ଦାବିକୁ ମିଛ ଏବଂ ଭ୍ରାନ୍ତ କହି ଖାରଜ କରିଦେଇଛି।



### ଜାତିସଂଘରେ ନାଟକ କରୁଛନ୍ତି ଶାହବାଜ ସରିଫ

### ଯୁଦ୍ଧ ବିରତି ପାଇଁ ନେହୁରା ହୋଇଥିଲା ପାକ୍ ସେନା

ପେଟଲ କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିବା ସବୁ ପ୍ରସଙ୍ଗର ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ଏଥିରେ କୌଣସି ତୃତୀୟ ପକ୍ଷର ଆବଶ୍ୟକତା ନାହିଁ। ଶାନ୍ତି ନେଇ ପାକିସ୍ତାନ କରିଥିବା ଦାବି ଉପରେ ପେଟଲ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଶାହବାଜଙ୍କ ଦେଶ ଘୃଣାରେ ଅନ୍ଧ ହୋଇଯାଇଛି। ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଆପଣା ଯିବ ବୋଲି ଭାରତ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। 'ଅପରେସନ ସିନ୍ଦୂର' ସମୟରେ ପାକିସ୍ତାନର ବାହବଲପୁର ଏବଂ ମୁରିଦକେରେ ନିପାତ ହୋଇଥିବା ଆତଙ୍କବାଦୀଙ୍କ ସୂଚନା ଦେଇଥିଲେ।

ପାକିସ୍ତାନ ଏହି ଦୁର୍ଦ୍ଦାନ୍ତ ଆତଙ୍କବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ଦେଇଥିବା ଅଭିଯୋଗ ଲଗାଇ ଥିଲେ। ସେ ଫଟୋ ମଧ୍ୟ ଦେଖାଇ ଥିଲେ। ଗୋଟିଏ ଫଟୋ ହଜାରେ ଶବ୍ଦ କହୁଛି। ଏହି ଫଟୋରେ ଆତଙ୍କବାଦୀଙ୍କୁ ପାକିସ୍ତାନ ସେନା ଏବଂ ନେତା ଶ୍ରଦ୍ଧାଞ୍ଜଳି ଦେଉଥିବା ଦେଖାଯାଉଛି। ଯେଉଁଠି ସେନା ଅଧିକାରୀ ଆତଙ୍କବାଦୀଙ୍କୁ ଖୋଲାଖୋଲି ଭାବେ ସମ୍ମାନ ଦେଉଛନ୍ତି, ସେଇଠି ଶାସକ ଉପରେ ସନ୍ଦେହ ସୃଷ୍ଟି ହେବନି କି? ଭାରତର ନିର୍ଦ୍ଦୋଷ ଜନତାଙ୍କ ଉପରେ ପାକିସ୍ତାନ ଆତଙ୍କବାଦୀ ଆକ୍ରମଣ କରୁଛି। ଲୋକଙ୍କ ସୁରକ୍ଷା ଏବଂ ଜବାବ ଦେବାର ଅଧିକାରକୁ ପ୍ରୟୋଗ କରି ଭାରତ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଅପରାଧିଙ୍କୁ ନ୍ୟାୟର କାଠଗଡ଼ାରେ ଛିଡ଼ା କରିଥିଲା। ନିଜ ଦେଶରେ ଥିବା ସବୁ ଆତଙ୍କବାଦୀ ଶିବିରକୁ ପାକିସ୍ତାନ ବନ୍ଦ କରି ଆତଙ୍କବାଦୀଙ୍କୁ ଭାରତକୁ ହସ୍ତାନ୍ତର କରୁ ବୋଲି ପେଟଲ ଦାବି କରିଛନ୍ତି।

ସେ ଇସଲାମାବାଦକୁ ଚେତାବନୀ ମଧ୍ୟ ଦେଇଛନ୍ତି। ପରମାଣୁ ଆକ୍ରମଣର ଧମକରେ ନ ଡରି ଭାରତ ଆତଙ୍କବାଦୀ ଏବଂ ଏହାର ପ୍ରାୟୋଜକଙ୍କୁ ଦାୟୀ କରିବ ବୋଲି ପେଟଲ କହିଛନ୍ତି। ଏହି ପାକିସ୍ତାନ ଆତଙ୍କବାଦୀଙ୍କୁ ସୁରକ୍ଷା ଦେବା ପାଇଁ ବିଶ୍ୱ ମଞ୍ଚକୁ ବ୍ୟବହାର କରୁଛି। ଗତ ଏପ୍ରିଲ ୨୫ରେ ପାକିସ୍ତାନ ୟୁଏନ୍‌ଏସ୍‌ସିରେ ଆତଙ୍କବାଦୀ ସଂଗଠନ 'ରେସିଷ୍ଟାନ୍ସ ଫୋର୍ସ'କୁ ସୁରକ୍ଷା ଦେଇଥିଲା। ଜମ୍ମୁ-କଶ୍ମୀରରେ ପର୍ଯ୍ୟଟକଙ୍କ ହତ୍ୟା ପାଇଁ ଏହି ଆତଙ୍କବାଦୀ ସଂଗଠନ ଦାୟୀ ଥିଲା। ଆତଙ୍କବାଦର ପ୍ରଚାରପ୍ରସାର କରୁଥିବା ଏହି ଦେଶ ଟିକେ ବି ଲଜ୍ଜା ଅନୁଭବ କରୁନାହିଁ। ୧୦ ବର୍ଷ ପର୍ଯ୍ୟନ୍ତ ପାକିସ୍ତାନ ଓସାମା ବିନ୍ ଲାଡେନକୁ ଲୁଚାଇ ରଖିଥିଲା। ଦେଶ ଦୀର୍ଘ ଦଶନ୍ଧି ହେଲା ଆତଙ୍କବାଦୀ ଶିବିର ଚଳାଉଛି ବୋଲି ପାକିସ୍ତାନ ମନ୍ତ୍ରୀ ମଧ୍ୟ ସ୍ୱୀକାର କରିଛନ୍ତି। ପୁଣିଥରେ ପାକିସ୍ତାନର ଦୋମୁହାଁ ନୀତି ସାମ୍‌ନାକୁ ଆସିଯାଇଛି।

## ପାକିସ୍ତାନ, ଚୀନ୍ ସୀମାରେ ମୁତୟନ ହେବ 'ଅନନ୍ତ ଶସ୍ତ୍ର'

ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): ଭାରତୀୟ ସେନାର ଏୟାର ଡିଫେନ୍ସି ସିଷ୍ଟମ ଆହୁରି ଦୃଢ଼ ତଥା ଶକ୍ତିଶାଳୀ ହେବାକୁ ଯାଉଛି। ଏଥିପାଇଁ ଭାରତ ଇଲେକଟ୍ରୋନିକ୍ସ ଲିମିଟେଡ (ବିଇଏଲ୍)କୁ ସେନା ଏକ ବଡ଼ ଟେଣ୍ଡର ପ୍ରଦାନ କରିଛି। ପାଖାପାଖି ୩୦ ହଜାର କୋଟି ଟଙ୍କା ବିନିମୟରେ 'ଅନନ୍ତ ଶସ୍ତ୍ର' ସରଫେସ୍ ଟୁ ଏୟାର ଅର୍ଥାତ ଭୂପୃଷ୍ଠରୁ ଆକାଶ ମିସାଇଲ ୱିପନ ସିଷ୍ଟମ କ୍ରୟ କରିବା ପାଇଁ ଟେଣ୍ଡର ଜାରି କରିବ। ଏହାକୁ ଡିଫେନ୍ସ ରିସର୍ଚ୍ଚ ଡେଭଲପମେଣ୍ଟ ଅର୍ଗାନାଇଜେସନ (ଡିଆରଡିଓ) ତିଆରି କରିବ। ପୂର୍ବରୁ ଏହାକୁ କୁଇକ୍ ରିଆକସନ ସରଫେସ ଟୁ ଏୟାର ମିସାଇଲ (କ୍ୟୁଆରଏସ୍‌ଏଏମ୍) କୁହାଯାଉଥିଲା। ଏବେ ଏହାର ନାମ ପରିବର୍ତ୍ତନ କରାଯାଇଛି 'ଅନନ୍ତ ଅସ୍ତ୍ର' ରଖାଯାଇଛି। ଅନନ୍ତ ଅସ୍ତ୍ରର ୫ରୁ ୬ଟି ରେଜିମେଣ୍ଟ କିଣାଯିବ ଓ ଏହାକୁ ପାକିସ୍ତାନ ଓ ଚୀନ୍ ସୀମାରେ ନିୟୋଜିତ କରାଯିବ। ଅନନ୍ତ ଅସ୍ତ୍ର ଚାଲୁଥିବା ବେଳେ ଶତ୍ରୁର ଟାର୍ଗେଟ୍‌କୁ ମାଡ଼ କରିବାର କ୍ଷମତା ରଖୁଛି। ପୁଣି ବହୁତ କମ୍ ସମୟ ମଧ୍ୟରେ ଏହା ଫାୟାର କରିପାରିବ। ଏହା ୩୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟକୁ ଭେଦ କରିପାରିବ। ଏହା ସେନାରେ ଏବେ ଥିବା ଆକାଶତୀର ମିଡିୟମ ରେଞ୍ଜ ସରଫେସ୍ ଟୁ ଏୟାର ମିସାଇଲ (ଏମ୍‌ଆରଏସ୍‌ଏଏମ୍) ସିଷ୍ଟମକୁ ସହାୟତା ପ୍ରଦାନ କରିବ। ଅନନ୍ତ ଅସ୍ତ୍ରକୁ ଦିନ ଓ ରାତିରେ ସଫଳତାର ସହ ପରୀକ୍ଷଣ କରାଯାଇଛି। ଚଳିତ ବର୍ଷ ଅପରେସନ ସିନ୍ଦୂର ପରେ ଏହି ପ୍ରକଳ୍ପକୁ ସବୁଜ ସଙ୍କେତ ପ୍ରଦାନ କରାଯାଇଥିଲା। ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ଡ୍ରୋନ ଓ ମିସାଇଲ ଆକ୍ରମଣକୁ ସେନାର ଏୟାର ଡିଫେନ୍ସ ୟୁନିଟ୍ ବନ୍ଧୁକ ଓ ମିସାଇଲ୍ ଦ୍ୱାରା ନିଷ୍କ୍ରିୟ କରିଥିଲା। ସେନାକୁ ଏବେ ଆହୁରି କେତୋଟି ସ୍ୱଦେଶୀ ଅସ୍ତ୍ର ମିଳିବ। ଏହିକ୍ରମରେ ସେନାକୁ ରାଡାର, ସର୍ଟ ରେଞ୍ଜ ଏୟାର ୱିପନ, ଜାମର ଓ ଲେଜର ଆଧାରିତ ଆଣ୍ଟି ଡ୍ରୋନ୍ ସିଷ୍ଟମ ମଧ୍ୟ ସେନାକୁ ମିଳିବ। ସେନା ଏବେ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଉପରେ ଅଧିକ ଭରସା କରୁଛି। ଅପରେସନ ସିନ୍ଦୂରରେ ଆକାଶତୀର ଡିଫେନ୍ସ ସିଷ୍ଟମ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା।

### ମୁନୀରଙ୍କୁ ନିଲମ୍ବନ କରିବା ପ୍ରଶ୍ନରେ ଫସିଲେ ପାକିସ୍ତାନ ମନ୍ତ୍ରୀ

## ଦେଶରେ ହାଇବ୍ରିଡ୍ ସରକାର ଚାଲିଛି

ଇସଲାମାବାଦ, ୨୭।୯ (ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ ପୁଣିଥରେ ନିଜ ଦେଶର ମୁଖା ଖୋଲି ଦେଇଛନ୍ତି। ସେ ସାରା ବିଶ୍ୱରେ ପାକିସ୍ତାନର ସତକୁ ଉଜାଗର କରି ନିଜେ ଫସି ଯାଇଛନ୍ତି। ପାକିସ୍ତାନ ସେନା ଏବଂ ସରକାର ମିଳିମିଶି ସହମତିରେ ଦେଶରେ ହାଇବ୍ରିଡ ସରକାର ଚଳାଉଛନ୍ତି ବୋଲି ସେ ଏକ ସାକ୍ଷାତକାରରେ ସ୍ୱୀକାର କରିଛନ୍ତି। ଏହା ସହିତ ଆମେରିକାକୁ ମଧ୍ୟ ସମାଲୋଚନା କରିଛନ୍ତି। ନିଜ ଦେଶକୁ ସୁରକ୍ଷା ଦେବାକୁ ଯାଇ ଆମେରିକା ଗଣତନ୍ତ୍ରକୁ 'ଡିପ୍ ଷ୍ଟେଟ୍' କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ବିଷୟରେ ପଚାରିବାରୁ ଆସିଫ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଛନ୍ତି।


ସାକ୍ଷାତକାରରେ ଉପସ୍ଥାପକ ଆସିଫଙ୍କୁ ପଚାରି ଥିଲେ ଯେ ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ପାକିସ୍ତାନ ସେନାମୁଖ୍ୟ ଅଧିକ କ୍ଷମତାଶାଳୀ। ତେବେ ଉତ୍ତରରେ ସେ ନା କରିଥିଲେ ଏବଂ ନିଜକୁ ନିର୍ବାଚିତ ପ୍ରତିନିଧି ଦର୍ଶାଇ ଥିଲେ। ପରେ ଉପସ୍ଥାପକ ପ୍ରଶ୍ନ କରିଥିଲେ ଯେ ଆମେରିକାରେ ପ୍ରମୁଖ ଜେନେରାଲଙ୍କୁ ପ୍ରତିରକ୍ଷାମନ୍ତ୍ରୀ ପଦରୁ ହଟାଇ ପାରିବେ। କିନ୍ତୁ ପାକିସ୍ତାନରେ ଏପରି ହେଉନାହିଁ। ଉତ୍ତରରେ ଆସିଫ କହିଥିଲେ ଯେ ପାକିସ୍ତାନରେ ସାମିରକ ଶାସକଙ୍କ ଯୋଗୁଁ ସେନାର ପ୍ରଭାବ ଅଧିକ ରହିଛି। କିନ୍ତୁ ଆମେରିକାରେ ଡିପ୍ ଷ୍ଟେଟ ରହିଛି। ଏହା ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛି। ପାକିସ୍ତାନ ସେନାମୁଖ୍ୟ ଅସୀମ ମୁନୀରଙ୍କ ସହ ମତଭେଦ ହେଲେ ସହମତିର ସହ କାମ କରାଯାଇଥାଏ। ସହମତି ନ ହେଲେ ବି ମିଳିମିଶି ନିଷ୍ପତ୍ତି ନିଆଯାଇଥାଏ। ଆସିଫ ଦାବି କରିଥିଲେ ଯେ ଇମ୍ରାନ ଖାନ୍ ରାୱଲପିଣ୍ଡିର ଆଦିୟାଲା ଜେଲ୍‌ରୁ ନିଜ ଏକ୍ସ ଆକାଉଣ୍ଟ ଚଲାଉଛନ୍ତି। କିନ୍ତୁ ଏହି ସମୟରେ ଉପସ୍ଥାପକ ତାଙ୍କ ପୁରୁଣା ମନ୍ତବ୍ୟକୁ ମନେ ପକାଇ ଦେବାରୁ ଆସିଫ ଫସି ଯାଇଥିଲେ । ପୂର୍ବରୁ ଭାରତରୁ ଇମ୍ରାନଙ୍କ ଆକାଉଣ୍ଟ ଚଳା ଯାଉଥିବା ନେଇ ସେ ଦାବି କରିଥିଲେ। ସତ କ'ଣ ବୋଲି ସେ ପଚାରି ଥିଲେ। ଏହାର ଉତ୍ତରରେ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ଇମ୍ରାନ ଜେଲ୍‌ରୁ ନିଜ ଆକାଉଣ୍ଟ ଚଳାଉ ଥିବେ, ନଚେତ ଏହାକୁ କିଏ ଚଳାଉଛି ବୋଲି ସେ କହିବା ଉଚିତ।

## ମା' ସାମ୍ନାରେ ମୁଣ୍ଡ କାଟି ୫ ବର୍ଷର ପୁଅକୁ ହତ୍ୟା

ଧାର, ୨୭।୯(ଏଜେନ୍ସି): ମଧ୍ୟପ୍ରଦେଶର ଧାର ସହର ନିକଟସ୍ଥ ଏକ ଛୋଟିଆ ଗାଁରେ ଶୁକ୍ରବାର ଏକ ହୃଦୟ ବିଦାରକ ଘଟଣା ଘଟିଛି। ଜଣେ ମା'ଙ୍କ ସାମ୍ନାରେ ତାଙ୍କର ୫ ବର୍ଷର ପୁଅକୁ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ମୁଣ୍ଡ କାଟି ହତ୍ୟା କରିଛି। ଏଥିରେ ଉତକ୍ଷିପ୍ତ ହୋଇ ଗାଁ ଲୋକେ ଅଭିଯୁକ୍ତକୁ ପଟିପିଟି ହତ୍ୟା କରିଛନ୍ତି। ୨୫ ବର୍ଷୀୟ ମହେଶ ନାମକ ଜଣେ ଯୁବକ ଏକ ବାଇକ୍‌ରେ ଆସି କାଲୁ ସିଂଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ପରିବାର ଲୋକ ପୂର୍ବରୁ କେବେ ଦେଖି ନ ଥିଲେ କି ଜାଣି ନ ଥିଲେ। ମହେଶ ସେଠାରେ ହଠାତ ପହଞ୍ଚିବା ପରେ ପଡ଼ିଥିବା ଏକ ଧାରୁଆ ଅସ୍ତ୍ର ଉଠାଇ ବିକାଶ ନାମକ ଶିଶୁର ମୁଣ୍ଡ କାଟି ଦେଇଥିଲା ବୋଲି ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ବିକାଶର ମା' ତାକୁ ବଞ୍ଚାଇବାକୁ ପ୍ରୟାସ କରିଥିଲେ କିନ୍ତୁ ଏହି ଆକ୍ରମଣରେ ସେ ଆହତ ହୋଇଥିଲେ। ତାଙ୍କ ପାଟି ଶୁଣି ଗାଁ ଲୋକ ଏକାଠି ହୋଇଥିଲେ ଓ ମହେଶକୁ ଧରି ପିଟିଥିଲେ। ହସ୍ପିଟାଲ ନିଆଯିବା ବାଟରେ ମହେଶ ମୃତ୍ୟୁବରଣ କରିଥିଲା ବୋଲି ଧାର ଏସ୍‌ପି ମୟଙ୍କ ଅବସ୍ଥି କହିଛନ୍ତି। ମୃତଦେହର ବ୍ୟବଚ୍ଛେଦ ପରେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ଏହି ଡବଲ୍ ମର୍ଡର ମାମଲାରେ ବିଚାରବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ମହେଶର ଘର ଅଲିରାଜପୁର ଜିଲ୍ଲାର ଜୋବାଟ ବାଗଡ଼ିରେ। ସେ ମାନସିକ ବିକୃତିର ଶିକାର ହୋଇଥିଲା ଓ ଗତ ୩-୪ ଦିନ ହେବ ଘରକୁ ଆସି ନଥିଲା ବୋଲି ତା'ର ପରିବାର ଲୋକେ କହିଛନ୍ତି।

## ୱାଙ୍ଗଚୁକ୍‌ଙ୍କ ପାଇଁ ଅଡୁଆ ବଢ଼ିଲା

ଲେହ, ୨୭।୯(ଏଜେନ୍ସି): ଲଦାଖ ହିଂସା ପାଇଁ ଗିରଫ ହୋଇଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ରାଜସ୍ଥାନର ଜୟପୁର ଜେଲ୍‌କୁ ପଠାଇ ଦିଆଯାଇଛି।



ଇତିମଧ୍ୟରେ ୱାଙ୍ଗଚୁକ୍‌ଙ୍କୁ ନେଇ ଲଦାଖ ଡିଜିପି ଏସ୍‌ଡି ସିଂ ଜାମୱାଲ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ୱାଙ୍ଗଚୁକ୍‌ଙ୍କ ସହ ପାକିସ୍ତାନ ଗୁଇନ୍ଦା ସଂସ୍ଥା (ପିଆଇଓ) ସଦସ୍ୟର ସମ୍ପର୍କ ଥିଲା। ପିଆଇଓର ଏହି ସଦସ୍ୟଙ୍କୁ ପୁଲିସ କିଛି ଦିନ ତଳେ ଧରିଥିଲା। ସେ ଜରୁରୀ ସୂଚନା ପାକିସ୍ତାନକୁ ପଠାଉଥିଲା। ଆମ ପାଖରେ ଏହାର ରେକର୍ଡ ଅଛି ବୋଲି ସେ କହିଛନ୍ତି। କେବଳ ସେତିକି ନୁହଁ ୱାଙ୍ଗଚୁକ୍ ପାକିସ୍ତାନର ଜଣାଶୁଣା ଖବର କାଗଜ ଡନ୍‌ର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏବେ ଏହି ସବୁ ମାମମଲାର ଯାଞ୍ଚ୍ କରାଯାଉଛି। ୱାଙ୍ଗଚୁକଙ୍କ ଗତିବିଧି ସନ୍ଦେହଜନକ ଥିଲା ବୋଲି ସେ କହିଛନ୍ତି।

ୱାଙ୍ଗଚୁକ୍‌ଙ୍କୁ ପୁଲିସ ତାଙ୍କ ଗାଁ ଉଲ୍ୟକୋଟୋପେରୁ

### ପାକିସ୍ତାନୀ ଗୁଇନ୍ଦା ସହ ସଂପର୍କ ଥିଲା: ଡିଜି

### ବାଂଲାଦେଶ ଗସ୍ତରେ ବି ଯାଇଥିଲେ

ଗିରଫ କରିଥିଲା। ତାଙ୍କୁ ବିମାନ ଯୋଗେ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ ଜେଲ୍‌କୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ରାଷ୍ଟ୍ରୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଲଗାଯାଇଛି। ଏହା ଅନୁସାରେ ବିନା ଜାମିନରେ ତାଙ୍କୁ ଦୀର୍ଘ ଦିନ ଧରି ଜେଲ୍‌ରେ ରଖାଯାଇପାରିବ। ଗତ ସେପ୍ଟେମ୍ବର ୨୪ରେ ଲେହରେ ହୋଇଥିବା ହିଂସା ପାଇଁ ତାଙ୍କୁ ସରକାର ଦାୟୀ କରିଛନ୍ତି। ସେ ଉତ୍ତେଜିତ କଲା ଭଳି ମନ୍ତବ୍ୟ ଦେବା କାରଣରୁ ଆନ୍ଦୋଳନ ହିଂସାର ରୂପ ନେଇଥିଲା ବୋଲି ପୁଲିସ୍ କହିଛି। ଏଥିରେ ୪ ଜଣ ଯୁବକ ମୃତ୍ୟୁବରଣ କରିଥିବା ବେଳେ ୮୦ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ୪୦ଜଣ ପୁଲିସକର୍ମୀ ସାମିଲ ଥିଲେ। ଏହି ଘଟଣାରେ ଏପର୍ଯ୍ୟନ୍ତ ୬୦ ଜଣଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଅପରାହ୍ଣ ୨.୩୦ରେ ସାମ୍ବାଦିକ ସମ୍ମିଳନୀ କରିବା ପୂର୍ବରୁ ତାଙ୍କୁ ଗିରଫ କରାଯାଇଥିଲା। ଯେତେବେଳେ ସେ ଲେହରେ ପହଞ୍ଚି ନଥିଲେ ଆୟୋଜକଙ୍କ ସନ୍ଦେହ ହୋଇଥିଲା। ପରେ ଗିରଫ ହେବା ନେଇ ଖବର ମିଳିଥିଲା। କିନ୍ତୁ ଏହା ସତ୍ତ୍ୱେ ସମ୍ବାଦିକ ସମ୍ମିଳନୀ ହୋଇଥିଲା। ଯୁବକମାନେ ନିୟନ୍ତ୍ରଣ ବାହାରକୁ ଯାଇ ହିଂସା କରିଥିଲେ ବୋଲି ଆୟୋଜକ ସ୍ୱୀକାର କରିଛନ୍ତି। ତେବେ ଏଥିରେ କୌଣସି ବିଦେଶୀ ଶକ୍ତିଙ୍କର ହାତ ନାହିଁ ବୋଲି ସେମାନେ କହିଛନ୍ତି। ଲେହ ଆପେକ୍ସ ବଡି (ଏଲ୍‌ଏବି)ର ଉପାଧ୍ୟକ୍ଷ ଚୋରିଂ ଦୋର୍ଜେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ପୁଲିସ ଓ ସିଆରପିଏଫ୍ ଚେତାବନୀ ଦେଇ ନଥିଲା କି ପାଣି ପକାଇ ନଥିଲା। ସିଧା ଆଖିବୁଜା ଗୁଳି ଚଳାଇଥିଲା। ପୁଣି କେନ୍ଦ୍ର ଗୃହମନ୍ତ୍ରଣାଳୟ ଆଲୋଚନା ପାଇଁ ଡକାଉ ନାହିଁ। ତେଣୁ ଆନ୍ଦେଳନ ଆହୁରି ଜୋରଦାର ହେବ ବୋଲି ଧମକ ଦିଆଯାଇଛି।

## ହରିୟାଣାରେ ୩.୪ ତୀବ୍ରତାର ଭୂକମ୍ପ

ସୋନିପତ, ୨୭।୯(ଏଜେନ୍ସି): ହରିୟାଣାର ସୋନିପତ ଜିଲ୍ଲାରେ ଗତ ରାତିରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲାରେ ୩.୪ ଥିଲା। ଅଚାନକ ଏହି ଭୂକମ୍ପର ଝଟ୍‌କାରେ ଲୋକଙ୍କ ନିଦ ଭାଙ୍ଗିଯାଇଥିଲା ଓ ସେମାନେ ଘରୁ ବାହରକୁ ଚାଲିଯାଇଥିଲେ। କିନ୍ତୁ କେହି କିଛି ଜାଣି ପାରି ନଥିଲେ। ମିଳିଥିବା ସୂଚନା ମୁତାବକ, ଭୂକମ୍ପ ରାତି ୧.୪୭ ମିନିଟ୍‌ରେ ଆସିଥିଲା। ଏହାର କେନ୍ଦ୍ର ସୋନିପତ ଥିଲା। ହାଲ୍‌କା ଝଟ୍‌କା ହୋଇଥିଲେ ମଧ୍ୟ ଏହା ସ୍ପଷ୍ଟ ଭାବେ ଅନୁଭବ କରାଯାଇଥିଲା। ଭୂକମ୍ପ ଝଟ୍‌କା ପରେ ଆତଙ୍କ ଖେଳିଯାଇଥିଲା। କିନ୍ତୁ କୌଣସି ପ୍ରକାର ଧନଜୀବନର କ୍ଷତି ହୋଇନାହିଁ ବୋଲି କୁହାଯାଇଛି। ଉତ୍ତରାଖଣ୍ଡର ଡେରାଡୁନ୍‌ଠାରୁ ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲା ପର୍ଯ୍ୟନ୍ତ ମାଟି ତଳେ ଏକ ଫ୍ଲାଟ ଲାଇନ୍ ଅଛି। ଏଥିରେ ଯେତେବେଳେ ପ୍ଲେଟ ମୁଭ୍‌ମେଣ୍ଟ ହୋଇଥାଏ, ସେତେବେଳେ ପ୍ଲେଟଗୁଡିକ ପରସ୍ପରକୁ ଧକ୍କା ଦେଇଥାନ୍ତି। ଫଳରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥାଏ ବୋଲି ଭୂକମ୍ପ ବିଜ୍ଞାନ କେନ୍ଦ୍ର ତରଫରୁ କୁହାଯାଇଛି। ଏହି କାରଣରୁ ହରିୟାଣାରେ ବାରମ୍ବାର ଭୂକମ୍ପ ଅନୁଭୂତ ହୋଇଥାଏ ।

# 'ବୋଉ ବୁଟୁ ଭୂତ'ର ହିନ୍ଦୀ ରିମେକ୍



ଓଡ଼ିଆରେ ସବୁଠୁ ବେଶି ଆୟ କରିଥିବା ସିନେମା 'ବୋଉ ବୁଟୁ ଭୂତ'ର ହିନ୍ଦୀ ରିମେକ୍ ଆସିବା ନେଇ ଚର୍ଚ୍ଚା ଜୋର୍ ଧରିଛି । ଫିଲ୍ମ ଇନଫରମେଶନ ପତ୍ରିକାରେ ପ୍ରକାଶିତ ନୋଟିସ୍‌ରେ ଧର୍ମାର ମୁଖ୍ୟ ଆଇନ ଅଧିକାରୀ ରଖୀ ବାଜପେୟୀ ଏହି କଥା କହିଛନ୍ତି । କରଣ ଜୋହରଙ୍କ ଧର୍ମା ପ୍ରଡକସନ୍ ଏହାର ରିମେକ୍ ରାଇଟ୍ କିଣିବା ପ୍ରକ୍ରିୟା ଆରମ୍ଭ କରିଛି । ଏହିବର୍ଷ ଜୁନ୍ ୧୨ରେ ଉକ୍ତ ଫିଲ୍ମ ମୁକ୍ତିଲାଭ କରିଥିଲା । ଏହାର ମୁଖ୍ୟ ଚରିତ୍ରରେ ବାବୁଶାନ, ଅର୍ଚ୍ଚିତା ଏବଂ ଅପରାଜିତା ନଜର ଆସିଥିଲେ । ■




# ଚର୍ଚ୍ଚାରେ 'ମୁରବି' ପୋଷ୍ଟର

ମେଣ୍ଟିସ୍ ଫିଲ୍ମସ୍‌ର ପ୍ରଥମ ଫିଚର୍ ଫିଲ୍ମ ହେଉଛି 'ମୁରବି' । ଏକ ନିଆରା ଦୃଶ୍ୟ ସମ୍ବଳିତ ଏହାର ପୋଷ୍ଟରଟି ବେଶ୍ ଆଦୃତ ହୋଇଛି । ପୋଷ୍ଟରରେ ଦେଖିବାକୁ ମିଳିଛି, ବରିଷ୍ଠ ଅଭିନେତା କୁନା ତ୍ରିପାଠୀ ତାଙ୍କ ଅନ୍ତରଙ୍ଗ ବନ୍ଧୁ ଚୌଧୁରୀ ଜୟପ୍ରକାଶ ଦାସଙ୍କ ମୁଣ୍ଡର ଘୋଡ଼ଣି ଖୋଲି କିଛି ମରାମତି କରୁଛନ୍ତି । ଜୟ ପ୍ରକାଶଙ୍କ ମସ୍ତିଷ୍କରେ କିଛି କେମିକାଲ୍ ଲୋଚା ରହିଯାଇଛି, ଯାହାକୁ ଠିକ୍ କରୁଛନ୍ତି କୁନା । ତେବେ ଏଭଳି ରୋଚକ ପୋଷ୍ଟରର ପୃଷ୍ଠଭୂମିରେ ଥିବା ଅସଲ କଥାଟି କ'ଣ ପୂରା ଫିଲ୍ମ ଦେଖିଲେ ହିଁ ଜଣା ପଡ଼ିବ । କୁନା ଓ ଜୟପ୍ରକାଶଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ଉଦିତ ଗୁରୁ, ପ୍ରସନଜିତ, ଅଙ୍କିତା ମହାନ୍ତି, କଳ୍ପନା, ବିଜୟିନୀ ମିଶ୍ର, ମାଙ୍କେ, ଲୋଟନ ଖଟେଇ, ସୁସ୍ମିତା ପ୍ରଧାନ, ଦେବାଶିଷ, ସୁଧୀର ଲେଙ୍କା, ଅମିର ଦାସ, ପ୍ରଗତି ଗୁରୁ ପ୍ରମୁଖ ନଜର ଆସିବେ ।

'ମୁରବି'ରେ ରହିଛି ବିପରୀତଧର୍ମୀ ଦୁଇ ପରିବାରର କଥା । ଓଡ଼ିଶାର ମଧ୍ୟବିତ୍ତ ଜୀବନର ଏକ ଖାଣ୍ଟି ଓ ହୃଦୟସ୍ପର୍ଶୀ କାହାଣୀ ଏଥିରେ ଦେଖିବାକୁ ମିଳିବ । କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା ଓ ବିଶାଲ ମୌର୍ଯ୍ୟ । ଏହାର ସହ ପ୍ରଯୋଜକ ଅଛନ୍ତି ସୁମନ୍ତ ବୈରାଗୀ ଓ ଅଗ୍ନିମିତ୍ର । ନିର୍ଦ୍ଦେଶନାରେ ଅଛନ୍ତି ଯୁବ ନିର୍ଦ୍ଦେଶକ ଶିଶିର କୁମାର ସାହୁ ଓ ପିନାକୀ ସିଂ । ସିନେମାର ସଙ୍ଗୀତ ଦେଇଛନ୍ତି ଅଗ୍ନିମିତ୍ର । ସଂଳାପ, ଚିତ୍ରନାଟ୍ୟ ଓ ଗୀତ ରଚନା କରିଛନ୍ତି ପି. ସନ୍ତୋଷ । ଏହି ସିନେମାଟି ନଭେମ୍ବରରେ ମୁକ୍ତିଲାଭ କରିବ । ■



# ଦଶହରାରେ 'ଦଶମ'

ସେପ୍ଟେମ୍ବର ୨୮ ତାରିଖରେ ରାଜା ଡିଙ୍କ ନିର୍ଦ୍ଦେଶିତ ଓଡିଆ ଫିଲ୍ମ 'ଦଶମ' ସନ୍ଧ୍ୟା ୬ଟା ୩୦ରେ ଦଶହରା ଅବସରରେ ଜୀ ସାର୍ଥକରେ ଦେଖିବାକୁ ମିଳିବ । ପରମ୍ପରା ଏବଂ ଭୟର ଆବଦ୍ଧ ସମାଜରେ 'ଦଶମ' ହେଉଛି ପ୍ରତ୍ୟେକ ଛାତ୍ରଙ୍କ ମାନସିକ ଏବଂ ଭାବପ୍ରବଣତା ରହିତ ଯାତ୍ରାର କାହାଣୀ । ପୁଣି ଏହି ଫିଲ୍ମଟି ହେଉଛି ପ୍ରଥମ ଓଡ଼ିଆ ମ୍ୟୁଜିକାଲ ଫିଲ୍ମ, ଯେଉଁଥିରେ ବାବୁଶାନ୍ ମଧ୍ୟ ଏକ ପ୍ରମୁଖ ଗୀତରେ କଣ୍ଠଦାନ କରିଛନ୍ତି । ଫିଲ୍ମରେ ଶୈଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ଫନୀ ପ୍ରତିକ, ଅର୍ମାନ ମହାନ୍ତି, ଜଣ୍ଟି, ସିମରନ, ନୀଲାଖି, ସୁମନ ପଟ୍ଟନାୟକଙ୍କ ସମେତ ରବି ମିଶ୍ର ଏବଂ ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଛନ୍ତି । ସ୍କୁଲବେଳର କିଛି ଖଟା ମିଠା କଥା, ଦଶମ ଶ୍ରେଣୀର କିଛି ଅନୁଭୂତିକୁ ନେଇ ନିର୍ମିତ ଏହି ଫିଲ୍ମ ହଲ୍‌ରେ ବହୁତ ଭଲ ପ୍ରଦର୍ଶନ କରିଥିଲା । ■

# ପ୍ରେକ୍ଷାଳୟରେ 'ଚାରିଧାମ' ଓ 'ଚ୍ୟାଲେଞ୍ଜ'

ଦଶହରା ଅବସରରେ 'ଚାରିଧାମ' ଏବଂ 'ଚ୍ୟାଲେଞ୍ଜ' ମୁକ୍ତିଲାଭ କରିଛି । 'ଚାରଧାମ'ର ପ୍ରମୁଖ ଚରିତ୍ରରେ ଅନୁଭବ ଥିବା ବେଳେ 'ଚ୍ୟାଲେଞ୍ଜ'ରେ ଅଛନ୍ତି ଅର୍ଦ୍ଧେନ୍ଦୁ । ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମାଣ ହୋଇଥିବା ବଡ଼ ବଜେଟର ଓଡ଼ିଆ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ର ମଖମଲ୍ଲୀ ଗୀତକୁ ଲୋକେ ପସନ୍ଦ କରିଛନ୍ତି । ବାପୁ ଗୋସ୍ୱାମୀ ରଚନା କରିଥିବା ଗୀତକୁ ହ୍ୟୁମାନ ସାଗର ଓ ଅନନ୍ୟା ଶ୍ରୀତମ ନନ୍ଦ କଣ୍ଠଦାନ କରିଛନ୍ତି । ଗୌରବ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଚ୍ୟାଲେଞ୍ଜର ସମସ୍ତ ଗୀତ ହୃଦୟସ୍ପର୍ଶୀ ହୋଇଛି । ଓଡ଼ିଆ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଏହି ଗୀତଗୁଡ଼ିକ ରେକର୍ଡ ହୋଇଛି । ପ୍ରଥମଥର ପାଇଁ ଓଲିଉଡ଼ ଜଗତରେ ମଲ୍‌ଟି ଷ୍ଟାର୍‌ଙ୍କୁ ଏହି ସିନେମାରେ ଦର୍ଶକେ ଦେଖିବାକୁ ପାଇଛନ୍ତି । ଏଥିରେ ବଲିଉଡ୍‌ର ପ୍ରଖ୍ୟାତ ଅଭିନେତା ପୁନିତ ଇଶାରଙ୍କୁ ଦେଖିବାକୁ ମିଳିଛି ।

ସେହିପରି 'ଚାରିଧାମ' ସିନେମା ପାଇଁ ହଲ୍‌ରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି । ଏଥିରେ ଅନୁଭବଙ୍କ ସମେତ ଅନୁରାଧା ପାଣିଗ୍ରାହୀଙ୍କୁ ଦେଖିବାକୁ ମିଳିଛି । ଏଥିରେ ଅନୁରାଧାଙ୍କୁ ସାଉଥ୍ ଲୁକ୍‌ରେ ଦେଖିବାକୁ ମିଳିଛି । ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟା ଦାସ । ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ସୋମେଶ ଶତପଥି ଏବଂ ବୈଦ୍ୟନାଥ ଦାସ । ଏହାର ଆଇଟମ୍ ଗୀତ 'କେର କେରା'ରେ ନଜର ଆସିଛନ୍ତି ଶିବନୀ । ଗୀତଟି ଚହଳ ସୃଷ୍ଟି କରିଛି । ■



# ଆଖି ଓ ଭାଷା

ଏୟାର୍‌ଫୋର୍ସ ଅଫିସର୍ ହୋଇଥାନ୍ତେ । ମାର୍ସଲଆର୍ଟ ଶିଖିଛନ୍ତି । ତାଇକଣ୍ଡୋରେ ସେ ବ୍ଲାକ୍ ବେଲ୍ଟ ଅଧିକାରିଣୀ । ସେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ । ଜାତୀୟସ୍ତରରେ ସେ ସ୍ୱର୍ଣ୍ଣ ପଦକ ଏବଂ ଆନ୍ତର୍ଜାତୀୟସ୍ତରରେ ରୌପ୍ୟପଦକ ହାସଲ ମଧ୍ୟ କରିଛନ୍ତି । ହେଲେ ଗ୍ଲାମର ଦୁନିଆରେ ସଫଳତା ହାତେଇବା ନିଶା ତାଙ୍କୁ ଲକ୍ଷ୍ୟ ବିଚ୍ୟୁତ କରିଥିଲା । ଭିଡିଓ ବନାଉ ବନାଉ ସେ ମ୍ୟୁଜିକ୍ ଭିଡିଓରେ କାମ କଲେ । ପାଖାପାଖି ୪୦ଟି ମ୍ୟୁଜିକ୍ ଭିଡିଓ ସେ କରିଛନ୍ତି । ତାଙ୍କ ଅଭିନୀତ 'ସୁନ୍ଦରୀ ଜହ୍ନ' ଏବଂ 'ଟିକିଲି' ଗୀତ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ସେ ହେଉଛନ୍ତି ଭୁବନେଶ୍ୱରର ଜୟଶ୍ରୀ ଷଡ଼ଙ୍ଗୀ । 'ଘମାଘୋଟ' ତାଙ୍କର ଡେବ୍ୟୁ ପ୍ରଥମ ଓଡ଼ିଆ ସିନେମା । ଏଥିରେ ଅଭିନୟର ଜଲୱା ଦେଖାଇଛନ୍ତି ଜୟଶ୍ରୀ । ତେବେ ଅଭିନେତ୍ରୀ ପାଇଁ ସେ କେତେ ସଂଘର୍ଷ କରିଛନ୍ତି ଜାଣିବା ତାଙ୍କ ମୁହଁରୁ ।



**"ନିୟମିତ ଅଭ୍ୟାସ ଦ୍ୱାରା ହୃଦୟସ୍ପର୍ଶୀ ହୁଏ ଅଭିନୟ"**

ଜୟଶ୍ରୀ ଷଡ଼ଙ୍ଗୀ, ଅଭିନେତ୍ରୀ

**ରଙ୍ଗୀନ ଦୁନିଆକୁ କେମିତି ଆସିଲେ?**

● ମୋର ଜନ୍ମ ନେପାଳ କାଠମାଣ୍ଡୁରେ । ବେଙ୍ଗାଲୁରୁରେ ପାଠ ପଢ଼ିଛି । ବାପାଙ୍କ ଜନ୍ମସ୍ଥାନ ଓଡ଼ିଶାରେ । ତେବେ ପିଲାଦିନରୁ ଏୟାର୍‌ଫୋର୍ସରେ ଯିବାକୁ ଭାବିଥିଲି । ତେବେ ମୋ' ମାମାଙ୍କର ଇଚ୍ଛାଥିଲା ମୁଁ ଅଭିନେତ୍ରୀ ହୁଏ । ସ୍କୁଲରେ ମୁଁ ଡ୍ରାମା ଶିଖୁଥିଲି । ଇଚ୍ଛାହେଲା ଛୋଟ ଛୋଟ ଭିଡିଓ କରିଲି । ଫଳରେ ତରଙ୍ଗ ଚ୍ୟାନେଲର 'ମୁଁଇ କୁଆଁରା ତୁଇ କୁଆଁରୀ' ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା । ବର୍ତ୍ତମାନ ସୁଦ୍ଧା ମୁଁ ୪୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କାମ କରିଛି ।

**'ଘମାଘୋଟ' ଫିଲ୍ମ ପାଇଁ କେମିତି ସୁଯୋଗ ମିଳିଥିଲା?**

● ପରିଶ୍ରମ କଲେ ସଫଳତା ଦିନେ ନା ଦିନେ ମିଳିଥାଏ । 'ଦଶମ' ଓଡ଼ିଆ ଫିଲ୍ମ ଦେଖିବା ପରେ ଏହି ଟିମ୍ ସହିତ କାମ କରିବାକୁ ଭାବି ଥିଲି । ମୋର ସେହି ଇଚ୍ଛାକୁ ପୂରଣ କରିଥିଲେ ରାଜା ଡି ଭାଇ, ଦୀପକ ସାର୍ ଓ କୌଶିକ ସାର୍ । 'ଘମାଘୋଟ' ଚଳଚ୍ଚିତ୍ରରେ ମୋତେ ସୁଯୋଗ ମିଳିଲା । ଏହି ଚଳଚ୍ଚିତ୍ରରେ ମୁଁ ମାମୁନି ଚରିତ୍ରରେ ନଜର ଆସିଥିଲି । ଏଥିରେ ମୋ' ବିପକ୍ଷରେ ଥିଲେ ଶୈଳେନ୍ଦ୍ର । ଯେହେତୁ ମୁଁ ମାର୍ସଲଆର୍ଟ ଏବଂ ତାଇକଣ୍ଡୋ ଶିଖିଥିଲି ଏହି ଫିଲ୍ମରେ ଫାଇଟ୍ ସଟ୍ ଦେବାକୁ ସହଜ ହୋଇଥିଲା । 'ଘମାଘୋଟ'ର ଟିମ୍‌ର ଗୋଟିଏ ୟୁନିଟ୍ ଥିଲା । ସମସ୍ତେ ଚମତ୍କାର ଅଭିନୟ କରିଛନ୍ତି । କଠିନ ପରିଶ୍ରମ କରିଛନ୍ତି । ସେଥିପାଇଁ ଆଜି ବି ଫିଲ୍ମର କ୍ରେଜ୍ ରହିଛି । ଏହା ସଫଳତାକୁ ଛୁଇଁପାରିଛି ।

**ଆଗକୁ କ'ଣ ଯୋଜନା ଅଛି?**

● ଏବେ 'ବରବଧୂ'ରେ କାମ କରୁଛି । ଏଥିରେ ମୋ ସହିତ ଶୈଳେନ୍ଦ୍ର, ସୂର୍ଯ୍ୟମୟୀ, ଶିବାନୀ, ହରିହର ସାର୍ ସୁଭାଶିଷ ଶର୍ମା ଅଛନ୍ତି । ବମ୍ବେ ଟିମ୍ ସହିତ ଏହି ଫିଲ୍ମଟି ସୁଟ୍ ହୋଇଛି । ଏହି ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ୍ ହେବ । ଏହା ସହ ଆଉ ଏକ ପ୍ରୋଜେକ୍ଟ ପାଇଁ ଚୁକ୍ତି କରିଛି । ଚଳିତ ବର୍ଷ ଶେଷ ଆଡ଼କୁ ସେ ସିନେମାର ସୁଟିଂ ଆରମ୍ଭ କରିବି । ତେବେ ଫିଲ୍ମର ନା ଏବେ ଲୋକ ସମ୍ମୁଖକୁ ଆଣି ପାରିବି ନାହିଁ ।

**ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ କ'ଣ କରନ୍ତି?**

● ଯେକୌଣସି କାମ ହୋଇଥାଉନା କାହିଁକି, ଅଭ୍ୟାସ ଆଉ କଠିନ ପରିଶ୍ରମ ଦ୍ୱାରା କାମ ଭଲ ହୁଏ । ସେଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ନିଜକୁ ପ୍ରସ୍ତୁତ କରୁଛି । ଦର୍ପଣ ସାମ୍ନାରେ ସ୍କ୍ରିପ୍ଟ ଦେଖି ସଂଳାପ କହିବା, ନିଜର ଭଏସ୍ ମଡ୍ୟୁଲେସନ୍ କେମିତି ହେବ, କମ୍ ଟେକ୍‌ରେ କିପରି ଭଲ ଅଭିନୟ କରିବି ଆଦିକୁ ଗୁରୁତ୍ୱ ଦିଏ ।

**ନିଜକୁ କେମିତି ଫିଟ ରଖନ୍ତି?**

● ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର । ସେଥିପାଇଁ ମୁଁ ତାଇକଣ୍ଡୋ ଅଭ୍ୟାସ କରେ । ଯୋଗ କରେ, ୱାର୍କଆଉଟ୍ କରିବା ସହ ଖାଦ୍ୟପେୟରେ ବିଶେଷ ସତର୍କତା ଅବଲମ୍ବନ କରେ ।

**ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଅଧିକରୁ ଅଧିକ ପରିଶ୍ରମ କରନ୍ତୁ । ପରିଶ୍ରମର ଫଳ ନିଶ୍ଚିତ ଭାବେ ମିଳିବ । ସର୍ଟକର୍ଟରେ ଧ୍ୟାନ ନ ଦେଇ କାମ କଲେ ଆଗକୁ ଯାଇପାରିବେ । ■

ପରଦା ପଛର କାହାଣୀ

# ଫିଲ୍ମ ପାଇଁ ଅଭିନେତାଙ୍କ ସବୁ ସମ୍ପତ୍ତି ବିକ୍ରି

ବଲିଉଡ୍‌ରେ ପ୍ରତିବର୍ଷ ଅନେକ ଫିଲ୍ମ ରିଲିଜ୍ ହୋଇଥାଏ । ସେଥିମଧ୍ୟରୁ କିଛି ହିଟ୍ ହେଉଥିବାବେଳେ, ଆଉ କିଛି ଫିଲ୍ମ ଫ୍ଲପ୍ ହୋଇଥାଏ । ତେବେ ୫୫ ବର୍ଷ ପୂର୍ବେ ଏକ ଫିଲ୍ମ ମୁକ୍ତିଲାଭ କରିଥିଲା । ଯାହାକୁ ତିଆରି କରିବାକୁ ଅଭିନେତା ନିଜର ସମସ୍ତ ସମ୍ପତ୍ତିକୁ ବିକ୍ରି କରି ଦେଇଥିଲେ । ଏହା ସତ୍ତ୍ୱେ ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା । ଫିଲ୍ମ 'ସଙ୍ଗମ'ର ସଫଳତା ପରେ ରାଜ କପୁର 'ମେରା ନାମ ଜୋକର୍' ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଥିଲେ । ଏହି ଫିଲ୍ମ କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ ହେବ ବୋଲି ସେ ଭାବିଥିଲେ । ଏଥିପାଇଁ ସେ କାହାଣୀ, ନିର୍ଦ୍ଦେଶନା, ଅଭିନୟ ଏପରିକି ଏଡିଟିଂ ମଧ୍ୟ ନିଜେ କରିଥିଲେ । ରାଜ କପୁର ଏହି ଫିଲ୍ମରେ କଠିନ ପରିଶ୍ରମ ଓ ପୁଞ୍ଜିନିବେଶ କରିଥିଲେ । ତଥାପି ଏହି ଫିଲ୍ମ ବକ୍ସ ଅଫିସ୍‌ରେ ମୁକ୍ତିଲାଭ କରିବା ପରେ ଫ୍ଲପ୍ ହୋଇଥିଲା । ଏହା ରାଜ କପୁରଙ୍କୁ ଗଭୀର ଝଟ୍‌କା ଦେଇଥିଲା । ଏଥିରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲେ । 'ମେରା ନାମ୍ ଜୋକର୍' ଫିଲ୍ମ ବାସ୍ତବରେ ଫ୍ଲପ୍ ହୋଇ ନ ଥିଲା । ଏହାକୁ ଫ୍ଲପ୍ କରିବାକୁ ଷଡ଼ଯନ୍ତ୍ର କରାଯାଇଥିଲା । ରାଜ କପୁରଙ୍କ ନାଁର ଖୁବ୍ ଦମ୍ ଥିଲା । ଏପରିକି ତାଙ୍କ ଆଖପାଖରେ କୌଣସି ଫିଲ୍ମ ରିଲିଜ୍ କରିବା ପାଇଁ ଫିଲ୍ମ ନିର୍ମାତାମାନେ ସାହସ କରୁ ନ ଥିଲେ । କିନ୍ତୁ ଏଥିରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା । ଫିଲ୍ମ ଫ୍ଲପ୍ ହେବାରୁ ତାଙ୍କୁ ଦୁଇ, ତିନି କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା । ଆଜିର ସମୟରେ ଏହାର ମୂଲ୍ୟ ପାଖାପାଖି ୧୦୦ କୋଟି ହେବ । ■



## ଭାରତ-ପାକିସ୍ତାନ ଏସିଆ କପ୍ ଫାଇନାଲ ଆଜି

# ଅଭିଷେକ-ସାହିନଙ୍କ ଉପରେ ନଜର

ଦୁବାଇ,୨୭।୯ (ଏଜେନ୍ସି):






ଭାରତ ଓ ପାକିସ୍ତାନ ମଧ୍ୟରେ ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମୁକାବିଲା ଆସନ୍ତାକାଲି ବା ରବିବାର ଖେଳାଯିବ। ଦୁଇ ପଡୋଶୀ ଦେଶ ମଧ୍ୟରେ ଖେଳାଯାଉଥିବା ସମସ୍ତ କ୍ରିକେଟ ମ୍ୟାଚ୍ ହାଇଭୋଲଟେଜ୍ ଲଢ଼େଇ ହୋଇଥାଏ। ଏଣୁ ଆସନ୍ତାକାଲିର ଫାଇନାଲ ଯେ ଆଉ ଏକ ହାଇଭୋଲଟେଜ୍ ମୁକାବିଲା ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଯେନତେନ ପ୍ରକାରେ ସମସ୍ତ ୬ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ପାକିସ୍ତାନ ୨ଟି ମ୍ୟାଚ୍ ହାରି ଫାଇନାଲରେ ପ୍ରବେଶ କରିଛି। ଏହି ୨ଟି ଯାକ ମ୍ୟାଚ୍ ଭାରତ ନିକଟରୁ ଗ୍ରୁପ୍-ଏ' ଲିଗ୍‌ରେ ଓ ସୁପର-୪'ରେ ହାରିଛି ପାକିସ୍ତାନ। ଏଠାରେ ଖେଳ ଅପେକ୍ଷା ପଡ଼ିଆ ବାହାରର ଘଟଣାବଳୀକୁ ନେଇ ଚର୍ଚ୍ଚା ବେଶି ହୋଇଛି। ଉଭୟ ଦଳ ଅଧିନାୟକ ଟସ୍ ବେଳକୁ କିମ୍ବା ମ୍ୟାଚ୍ ପରେ ପରସ୍ପର ସହ ହାତ ନ ମିଳାଇବା ଘଟଣା ଘଟିଯାଇଛି। ଅଶୋଭନୀୟ ତଥା ଅଣଖେଳୁଆଡ଼ ମନୋଭାବ ପୋଷଣ କରି ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିବା ଅଭିଯୋଗରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନୀ ଫାଷ୍ଟ ବୋଲର ହାରିସ୍ ରୌଫ୍ ଦଣ୍ଡିତ ହୋଇଛନ୍ତି। ପାକିସ୍ତାନୀ ଓପନର ସାହିବଜାଦା ଫରହାନଙ୍କୁ ଚେତାବନୀ ଦିଆଯାଇଛି। ଏଭଳି ସମସ୍ୟା ମଧ୍ୟରେ ଆସନ୍ତାକାଲିର ଫାଇନାଲ କି ପ୍ରକାର ଘଟଣାକୁ ଲୁଚାଇ ରଖିଛି ତାହା ଖେଳ ଶେଷରେ ଜଣାପଡ଼ିବ।

ଫାଇନାଲ ମୁକାବିଲା ପୂର୍ବରୁ ଦୁଇ ପ୍ରତିଦ୍ୱନ୍ଦୀ ଭାରତ ଓ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରେ ପରସ୍ପର ସହ ୨ଥର ଭେଟାଭେଟି ହୋଇଛନ୍ତି। ଉଭୟ ମୁକାବିଲାରେ ଜିତିଛି ଭାରତ। ଉଭୟ ଦଳ ପରସ୍ପର ଖେଳ ଓ ରଣନୀତି ସମ୍ପର୍କରେ ବେଶ ଅବଗତ। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ପକ୍ଷରୁ ଦୁଇ ଖେଳାଳି ଯଥା ଭାରତର ୨୫ ବର୍ଷୀୟ ଓପନର ଅଭିଷେକ ଶର୍ମା ଓ ପାକିସ୍ତାନର ୨୫ ବର୍ଷୀୟ ଫାଷ୍ଟବୋଲର ସାହିନ ଆଫ୍ରିଦୀଙ୍କ ଉପରେ ଏହି ମ୍ୟାଚ୍ ଅନେକାଂଶରେ ନିର୍ଭର କରୁଛି। ଅଭିଷେକ ଶର୍ମା ୬ଟି ମ୍ୟାଚ୍ ଖେଳି ୫୧.୫୦ ହାରରେ ୩୦୯ ରନ୍ ସଂଗ୍ରହ କରିଛନ୍ତି। ସୁପର-୪'ର ୩ଟି ମ୍ୟାଚ୍‌ରେ ସେ ୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତାଙ୍କ ଷ୍ଟ୍ରାଇକ୍‌ରେଟ୍। ସେ ୨୦୪.୬୩ ଷ୍ଟ୍ରାଇକ୍ ରେଟ୍‌ରେ ଏହି ରନ୍ ସଂଗ୍ରହ କରିଛନ୍ତି। ପାକିସ୍ତାନ ବିପକ୍ଷ ୨ଟି ମୁକାବିଲା ମଧ୍ୟରୁ ଲିଗ୍ ପର୍ଯ୍ୟାୟରେ ୧୩ ବଲ୍‌ରୁ ୩୧ ଓ ସୁପର-୪ରେ ୩୯ ବଲ୍‌ରୁ ୭୪ ରନ୍ କରି ଏକାକୀ ଭାରତକୁ ଜିତାଇବାରେ ସମର୍ଥ ହୋଇଛନ୍ତି। ତାଙ୍କ ବିସ୍ଫୋରକ ବ୍ୟାଟିଂ ଉପରେ ଭାରତ ପୂରା ନିର୍ଭର କରୁଛି। ଅନ୍ୟ ପକ୍ଷରେ ଆଫ୍ରିଦୀ ୨ ବର୍ଷ ତଳେ ଯେମିତି ଘାତକ ବୋଲର ଥିଲେ ତାହା ଏବେ ନାହାନ୍ତି। କିନ୍ତୁ ଭାରତଠାରୁ ହାରିବା ପରେ ଶ୍ରୀଲଙ୍କା ଓ ବାଂଲାଦେଶ ବିପକ୍ଷରେ ତାଙ୍କ ବୋଲିଂ ଯୋଗୁଁ ପାକିସ୍ତାନ ବିଜୟୀ ହୋଇଛି। ଉଭୟ ମୁକାବିଲାର ପ୍ରଥମ ଓଭରରେ ଗୋଟିଏ ଓ ପାୱାର ପ୍ଲେ ମଧ୍ୟରେ ୨ଟି ୱିକେଟ ନେଇ ପାକିସ୍ତାନକୁ ବିଜୟୀ କରାଇଛନ୍ତି। ପ୍ରତ୍ୟେକ ମ୍ୟାଚ୍‌ରେ ସେ ୩ଟି ଲେଖାଏଁ ୱିକେଟ ନେଇଛନ୍ତି। ଏହି ପ୍ରଦର୍ଶନରୁ ସେ ପୂର୍ବର ସାହିନ ବୋଲି ଜଣାପଡ଼ିଛି। ଭାରତ ବିପକ୍ଷରେ ପାକିସ୍ତାନକୁ ବିଜୟୀ ହେବାକୁ ହେଲେ ସାହିନ ଆଫ୍ରିଦୀଙ୍କ ବୋଲିଂ ସଫଳତା ପାଇବା ଆବଶ୍ୟକ।


### ଫିଲ୍ଡିଂ ଓ ବ୍ୟାଟିଂ ଉଭୟ ଦଳର ବଡ଼ ସମସ୍ୟା



ଅଭିଷେକ ଶର୍ମାଙ୍କୁ ଛାଡ଼ିଦେଲେ ଭାରତର ବ୍ୟାଟିଂ କ୍ଲିକ୍ କରିନାହିଁ। ଅଧିନାୟକ ସୂର୍ଯ୍ୟକୁମାର ଫର୍ମରେ ନ ଥିଲାବେଳେ ଉପଅଧିନାୟକ ଶୁବମନ ଗିଲଙ୍କ ବ୍ୟାଟରୁ ବଡ଼ ସ୍କୋର ବାହାରୁ ନାହିଁ। ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା କିମ୍ବା ଅକ୍ଷର ପଟେଲ ଆବଶ୍ୟକତା ପୂରଣ କରିପାରୁ ନାହାନ୍ତି। ଗିଲ୍‌ଙ୍କ ଅନୁପସ୍ଥିତିରେ ବ୍ୟାଟିଂ ଓପନର କରି ସଫଳତା ପାଇଥିବା ସଞ୍ଜୁ ସାମସନଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟର ଭରସା ନାହିଁ। ପାକିସ୍ତାନର ଅବସ୍ଥା ମଧ୍ୟ ତଦ୍ରୂପ। କିନ୍ତୁ କେହି ଜଣେ ହେଲେ ମ୍ୟାଚ୍ ବିଜୟୀ କରାଇପାରୁଛନ୍ତି। ଭାରତ ବିପକ୍ଷରେ ସେମାନେ ଭଲ କରିବେ ବୋଲି ଆଶା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ସବୁଠାରୁ ବଡ଼ ସମସ୍ୟା ହେଉଛି ଫିଲ୍ଡିଂ। ଫିଲ୍ଡିଂ ଖରାପ ହେବା ବା କ୍ୟାଚ୍ ଡ୍ରପ୍ ହେବା ଫଳରେ ପ୍ରତିଦ୍ୱନ୍ଦୀ ଦଳକୁ ଫାଇଦା ମିଳୁଛି। ଭାରତ ଏଯାଏ ଖେଳିଥିବା ୬ଟି ମ୍ୟାଚ୍‌ରେ ୧୨ଟି କ୍ୟାଚ୍ ହାତଛଡ଼ା କରିଛି। ଏହା ମଧ୍ୟରୁ ଗତ ଦୁଇଟି ସୁପର-୪ ମ୍ୟାଚ୍‌ରେ ୮ଟି ଓ କେବଳ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂରେ ୪ଟି କ୍ୟାଚ୍ ଡ୍ରପ୍ ହୋଇଛି। ପାକିସ୍ତାନ ବିପକ୍ଷରେ ଫିଲ୍ଡରମାନେ ଯଦି ଏପରି ଦୋହରାଇବେ ତେବେ ଦଳକୁ ଫାଇନାଲ ଜିତିବା କଷ୍ଟକର ହୋଇପଡ଼ିବ।

| | |
|---|---|
| DP WORLD ASIA CUP | ଭାରତ-ପାକିସ୍ତାନ |
| ଫାଇନାଲ୍ ମୁକାବିଲା | ଭେନ୍ୟୁ : ଦୁବାଇ |
| | ଖେଳ ଆରମ୍ଭ : ରାତି ୮ଟା |
| | ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

## ଚାମ୍ପିଅନ ଟ୍ରଫି ଦେବେ ପାକିସ୍ତାନର ମୋହସିନ



ଦୁବାଇ,୨୭।୯ (ଏଜେନ୍ସି): ଏସିଆ କପ୍ ଫାଇନାଲ ଖେଳ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ତଥା ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋହସିନ ନକ୍‌ଭୀ ଟ୍ରଫି ପ୍ରଦାନ କରିବେ। ନକ୍‌ଭୀ ଏବେ ଏସୀୟ କ୍ରିକେଟ କାଉନ୍ସିଲ (ଏସିସି)ର ସଭାପତି ମଧ୍ୟ ଅଛନ୍ତି। ଏଣୁ ଏସିସି ସଭାପତି ଭାବେ ତାଙ୍କ ଟ୍ରଫି ପ୍ରଦାନ କରିବାର ଅଧିକାର ରହିଛି। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ସେ ଭାରତ ବିରୋଧୀ ମନ୍ତବ୍ୟ ଦେବା, ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ବିଦା କରିବାକୁ ଦାବି କରିବା ଓ ପାଇକ୍ରଫ୍ଟ ବିଦା ନ ହେଲେ ପାକିସ୍ତାନ ଏସିଆ କପ୍‌ରୁ ଓହରିଯିବାକୁ ଧମକ ଦେଇଥିଲେ। ଭାରତ ବିରୋଧରେ ଏତେ ମନ୍ତବ୍ୟ ଦେବା ପରେ ଭାରତୀୟ କ୍ରିକେଟ ବୋର୍ଡ ତାହାର ଖେଳାଳିମାନଙ୍କୁ ନକ୍‌ଭୀଙ୍କ ସହ ହାତ ମିଳାଇବାକୁ ଦେବ ବୋଲି ଆଶା କରାଯାଉନାହିଁ। ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଚାଲିଛି। ଏଣୁ ମ୍ୟାଚ୍ ପରେ ନକ୍‌ଭୀଙ୍କ ଉପସ୍ଥିତି କି ପ୍ରକାର ପରିସ୍ଥିତି ସୃଷ୍ଟି କରିବ ତାହାକୁ ନେଇ ସମସ୍ତ ଭାରତୀୟ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହ ଭାରତ ୨ଟି ମ୍ୟାଚ୍ ଖେଳିସାରିଛି। କିନ୍ତୁ ଟସ୍ ପରେ କିମ୍ବା ମ୍ୟାଚ୍ ଶେଷରେ ଭାରତୀୟ ଖେଳାଳିମାନେ ସେମାନଙ୍କ ପାକିସ୍ତାନୀ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ହାତମିଳାଇ ନାହାନ୍ତି। ଫାଇନାଲରେ ମଧ୍ୟ ଏଭଳି ଅବସ୍ଥା ତିଷ୍ଠି ରହିବ ବୋଲି ଆଶା କରାଯାଉଛି। ଖେଳାଳିଙ୍କ ମଧ୍ୟରେ ଉତ୍ତେଜନାମୂଳକ ସ୍ଥିତି ଉପୁଜିବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି। 'ସ୍ଥିତିକୁ ସମ୍ଭାଳିବା ଲାଗି କାରଣ ଦର୍ଶାଇବାକୁ ଆଉ କେତେ ସମୟ ନେବ' ବୋଲି ସୋସିଆଲ ମିଡିଆରେ ନକ୍‌ଭୀଙ୍କ ପୋଷ୍ଟକୁ ନେଇ ବିରୋଧର ସ୍ୱର ଉଠିଲାଣି। କିନ୍ତୁ ସେ ପରୋକ୍ଷରେ ଭାରତକୁ ଟାର୍ଗେଟ କରିଥିବାରୁ ବିସିସିଆଇ କିମ୍ବା ଅନ୍ୟ କେହି ଏଯାଏ ମୁହଁ ଖୋଲି ନାହାନ୍ତି। ପାକିସ୍ତାନ କୋଚ୍ ମଧ୍ୟ ଭାରତର ବ୍ୟବହାରକୁ ସମାଲୋଚନା କରିଛନ୍ତି।

### ମହିଳା ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍

## ଭାରତଠାରୁ ହାରିଲା ନ୍ୟୁଜିଲାଣ୍ଡ

ବେଙ୍ଗାଲୁରୁ,୨୭।୯ (ଏଜେନ୍ସି): ହର୍ଲିନ ଦେଓଲ ଓ ଅଧିନାୟିକା ହରମପ୍ରୀତ୍ କୌରଙ୍କ ଅର୍ଦ୍ଧଶତକ ବଳରେ ମହିଳା ବିଶ୍ୱକପ୍ ପୂର୍ବରୁ ଏଠାରେ ଶନିବାର ଅନୁଷ୍ଠିତ ୱାର୍ମ ଅପ୍ ମ୍ୟାଚ୍‌ରେ ଭାରତ ୪ ୱିକେଟରେ ନ୍ୟୁଜିଲାଣ୍ଡକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୪୨ ଓଭରରେ ୮ ୱିକେଟରେ ୨୩୨ ରନ୍ କରିଥିଲା। ଜବାବରେ ଭାରତ ୪୦.୨ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଦେଓଲ ୭୯ ବଲ୍‌ରେ ୧୦ ଚୌକା ସହ ୭୪ ଓ ହରମନପ୍ରୀତ୍ ୮୬ ବଲ୍‌ରେ ୮ ଚୌକା ସହ ୬୯ ରନ୍ କରିଥିଲେ। ପୂର୍ବରୁ ବୋଲିଂରେ ଶ୍ରୀ ଚରଣି ୩ଟି, କ୍ରାନ୍ତି ଗୌଡ଼ ଓ ଅରୁନ୍ଧତି ରେଡ୍ଡୀ ୨ଟି ଲେଖାଏଁ ୱିକେଟ ପାଇଥିଲେ।

### ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ

## ଯୁଗଳ ଭାରତୀୟ ଦଳର ମ୍ୟାନେଜର୍

ଭୁବନେଶ୍ୱର, ୨୭।୯ (ସମିସ): ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳ ଚଳିତ ମାସ ଶେଷ ଆଡ଼କୁ ଭାରତ ଗସ୍ତରେ ଆସିବ। ଅକ୍ଟୋବର ୨ରୁ ଅହମ୍ମଦାବାଦରେ ଘରୋଇ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଏହାପରେ ଅନ୍ତିମ ତଥା ୨ୟ ଟେଷ୍ଟ ଅକ୍ଟୋବର ୧୦ରୁ ଦିଲ୍ଲୀରେ ଖେଳାଯିବ। ଏହି ସିରିଜ ଲାଗି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଓଡ଼ିଶାର ଯୁଗଳ କିଶୋର ସାମଲଙ୍କୁ ଟିମ୍ ଇଣ୍ଡିଆର ମ୍ୟାନେଜର ନିଯୁକ୍ତ କରାଯାଇଛି। ଯୁଗଳ ଏଥିପୂର୍ବରୁ ଏକ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚରେ ପର୍ଯ୍ୟବେକ୍ଷକ ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇଥିଲେ। ସେହିଭଳି ଓଡ଼ିଶା ରଣଜୀ ଟ୍ରଫି ଦଳର ଏକାଧିକଥର ମ୍ୟାନେଜର ଭାବେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ଏହି ଅବସରରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୁଗଳଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



## ସପ୍ତମଥର ଲାଗି ସାଫ୍ ଚାମ୍ପିଅନସିପ୍ ଜିତିଲା ଭାରତ

କଲୋମ୍ବୋ, ୨୭।୯ (ଏଜେନ୍ସି): ୧୭ ବର୍ଷରୁ କମ୍ ସାଫ୍ (ଦକ୍ଷିଣ ଏସୀୟ ଫୁଟ୍‌ବଲ ମହାସଂଘ) ଚାମ୍ପିଅନସିପ୍‌ରେ ଭାରତ ଚାମ୍ପିଅନ ହୋଇଛି। ଶନିବାର ରାତିରେ ଏଠାରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଯୁବ ଭାରତୀୟ ବାଳକ ଫୁଟ୍‌ବଲ ଦଳ ପେନାଲ୍ଟି କିକ୍‌ରେ ୪-୧ ଗୋଲ୍‌ରେ ବାଂଲାଦେଶକୁ ପରାସ୍ତ କରିଥିଲା। ଫଳରେ ଭାରତ ୭ମଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ଏହି ମ୍ୟାଚ୍‌ରେ ଏକଦା ନିର୍ଦ୍ଧାରିତ ୯୦ ମିନିଟ୍ ସୁଦ୍ଧା ଭାରତ ୨-୧ରେ ଅଗ୍ରଣୀ ରହିଥିଲା। କିନ୍ତୁ ଇଞ୍ଜୁରୀ ଟାଇମ୍ (୯୦+୭)ରେ ବାଂଲାଦେଶର ଏହଶାନ ହବିବ୍ ଗୋଲ୍ ଦେଇ ମ୍ୟାଚ୍‌କୁ ଡ୍ର କରିଥିଲେ। ଫଳରେ ପେନାଲ୍ଟି କିକ୍‌ର ସହାୟତା ନିଆଯାଇଥିଲା। ଏଥିରେ ଭାରତ ୪-୧ ଗୋଲ୍‌ରେ ବାଜିମାତ୍ କରି ଚାମ୍ପିଅନ ହୋଇଥିଲା।

## ଭାରତ-ପାକିସ୍ତାନ ମଧ୍ୟରେ ୫ ସ୍ମରଣୀୟ ଫାଇନାଲ

ନୂଆଦିଲ୍ଲୀ,୨୭।୯ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ଖେଳର ସମସ୍ତ ଫର୍ମାଟରେ ୨୧୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜିତ ହୋଇଯାଇଛି। କିନ୍ତୁ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ଉଭୟ ଦଳ କ୍ୱଚିତ ପରସ୍ପର ସହ ମୁକାବିଲା କରିଛନ୍ତି। ଗତ ୪୦ ବର୍ଷ ମଧ୍ୟରେ ୫ଟି କିମ୍ବା ତା'ଠାରୁ ଅଧିକ ଦଳ ଭାଗ ନେଇଥିବା ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଉଭୟ ଦଳ ୫ଥର ପରସ୍ପର ସହ ଭେଟାଭେଟି ହୋଇଛନ୍ତି। ଏହି ୫ଟି ମଧ୍ୟରୁ ଭାରତ ୨ଟିରେ ଓ ପାକିସ୍ତାନ ୩ଟିରେ ବିଜୟୀ ହୋଇଛି। କିନ୍ତୁ ଉଭୟଙ୍କ ମଧ୍ୟରେ ୩ଟି କିମ୍ବା ତା'ଠାରୁ ଅଧିକ ଟିମ୍‌କୁ ନେଇ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ୧୨ଥର ପରସ୍ପର ସହ ଭେଟାଭେଟି ହୋଇଛନ୍ତି। ଏହା ମଧ୍ୟରୁ ଭାରତ ମାତ୍ର ୪ଥର ଓ ପାକିସ୍ତାନ ୮ଥର ବିଜୟୀ ହୋଇଛି। ୫ଟି ବଡ଼ ଟୁର୍ଣ୍ଣାମେଣ୍ଟରେ ଖେଳାଯାଇଥିବା ଫାଇନାଲ ସମ୍ପର୍କରେ ସଂକ୍ଷିପ୍ତ ସୂଚନା।




ଉଭୟ ଦଳ ମଧ୍ୟରେ ୧୯୮୫ରେ ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ କ୍ରିକେଟ ଫାଇନାଲ ଖେଳାଯାଇଥିଲା। ଏଥିରେ ଭାରତ ୮ ୱିକେଟରେ ଜିତି ଚାମ୍ପିଅନ ହୋଇଥିଲା।

୧୯୮୬ ଶାରଜାରେ ଅଷ୍ଟ୍ରେଲିଆ କପ୍ ଫାଇନାଲ ଖେଳାଯାଇଥିଲା। ଏଥିରେ ଜାଭେଦ ମିଆଁଦାଦ ଶେଷ ବଲରେ ଛକା ମାରି ପାକିସ୍ତାନକୁ ୧ ୱିକେଟରେ ଚାମ୍ପିଅନ କରାଇଥିଲେ।

୧୯୯୪ ଶାରଜାରେ ଅଷ୍ଟ୍ରେଲେସିଆ କପ୍ ଫାଇନାଲରେ ପୁଣିଥରେ ଭେଟାଭେଟି ହୋଇଥିଲେ। ଏଥିରେ ପାକିସ୍ତାନ ୩୯ ରନ୍‌ରେ ବିଜୟୀ ହୋଇଥିଲା।

୨୦୦୭ରେ ଅନୁଷ୍ଠିତ ପ୍ରଥମ ଟି-୨୦ ବିଶ୍ୱକପ୍ ଫାଇନାଲରେ ପାକିସ୍ତାନକୁ ମାତ୍ର ୫ ରନ୍‌ରେ ହରାଇ ଭାରତ ଚାମ୍ପିଅନ ହୋଇଥିଲା।

୨୦୧୭ ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ଉଭୟ ଦଳ ପରସ୍ପର ସହ ଶେଷଥର ଭେଟାଭେଟି ହୋଇଥିଲେ। ଏଥିରେ ମଧ୍ୟ ପାକିସ୍ତାନ ୧୮୦ ରନ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା।

## କିଟ୍‌ରେ ସିବିଏସ୍‌ଇ ଜାତୀୟ ସନ୍ତରଣ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୯ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ ଚାଲିଥିବା ୪ ଦିବସୀୟ ସିବିଏସ୍‌ଇ ଜାତୀୟ ବାଳିକା ସନ୍ତରଣ ଚାମ୍ପିଅନସିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୩୭ ସିବିଏସ୍‌ଇ ସ୍କୁଲର ୬୦୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ସେହିଭଳି ପରିଚାଳନାରେ ୨୫୦ ଅଫିସିଆଲ୍ ଓ ୫୦ ଜଣ ବୈଷୟିକ ଅଧିକାରୀ ସହଯୋଗ କରିଥିଲେ। ୧୧ ବର୍ଷରୁ କମ୍ ବିଭାଗରେ ଗୁରୁଗ୍ରାମର ଆରୋହି ରୟ, ୧୪ ବର୍ଷରୁ କମ୍‌ରେ ବେଙ୍ଗାଲୁରୁର ଭେଙ୍ଗିଲ୍ଲା ସୁମେଧା, ୧୭ ବର୍ଷରୁ କମ୍‌ରେ ଆଦିତି ବିନାୟକ ଓ ୧୯ ବର୍ଷରୁ କମ୍ ବିଭାଗରେ ଦଖଜା ଦେ ଉପ୍ରେତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କିଟ୍ ସ୍କୁଲର ଅଧ୍ୟକ୍ଷ ସଞ୍ଜୟ ସୁଆର, ଯୁଗ୍ମ ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳି ଓ ଦଳକୁ ପୁରସ୍କୃତ କରିଥିଲେ।

## ଓପିଟିଏଲ୍‌ରେ ବିପ୍ଳବ ଶ୍ରେଷ୍ଠ ଖେଳାଳି

କଟକ,୨୭।୯ (ସମିସ): ଓସିଏ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ସମ୍ବଲପୁର ୱାରିୟର୍ସକୁ ୫ ରନ୍‌ରେ ପରାସ୍ତ କରି କଟକ ପାନ୍ଥର୍ସ ଚାମ୍ପିଅନ ହୋଇଛି। ଶୁକ୍ରବାର ରାତିରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଫାଇନାଲ୍ ମ୍ୟାଚ୍‌ରେ ଡିଏଲ୍ ପଦ୍ଧତିରେ ସମ୍ବଲପୁର ସାମ୍ନାରେ ୫ ଓଭରରେ ୬୨ ରନ୍‌ର ଟାର୍ଗେଟ୍ ଦିଆଯାଇଥିଲା। ଏହାକୁ ପିଛା କରି ସମ୍ବଲପୁର ୫ ୱିକେଟ୍‌ରେ ୫୬ ରନ୍ ସମର୍ଥ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ବିଜୟୀ ଦଳର ବିପ୍ଳବ ସାମନ୍ତରାୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ବିପ୍ଳବ ଫାଇନାଲ୍‌ରେ ୮ ବଲ୍‌ରୁ ୨୩ ରନ୍‌ର ଦ୍ରୁତ ପାଳି ଖେଳିଥିଲେ। କଟକର ରାଜା ଯାଦବ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ବିଜୟୀ ଦଳକୁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଟ୍ରଫି ପ୍ରଦାନ କରିଛନ୍ତି। ଏହି ଅବସରରେ ଭାରତର ପୂର୍ବତନ ଖେଳାଳି ମନିନ୍ଦର ସିଂହ, ଚେତନ ଶର୍ମା ଓ ନରେନ୍ଦ୍ର ହିରୱାନୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବଲପୁରର ଆଦିତ୍ୟ ରାଉତ ଏମର୍ଜିଂ ଖେଳାଳି, କେନ୍ଦୁଝରର ପପୁ ରାୟ ଶ୍ରେଷ୍ଠ ବୋଲର, ଭୁବନେଶ୍ୱରର ଗୌରବ ଚୌଧୁରୀ ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଛନ୍ତି। ଚାମ୍ପିଅନ କଟକ ଦଳକୁ ୫୦ଲକ୍ଷ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ସମ୍ବଲପୁର ଦଳକୁ ଟ୍ରଫି ଓ ୨୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି।




ଚାମ୍ପିଅନ କଟକ ପାନ୍ଥର୍ସ ଦଳର ଅଧିନାୟକ ସ୍ୱସ୍ତିକ ସାମଲ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି

### ବିଶ୍ୱ ପାରା ତୀରନ୍ଦାଜୀ

## ଶୀତଲ ଦେବୀ, ତୋମନଙ୍କୁ ସ୍ୱର୍ଣ୍ଣ

ଗ୍ୱାଙ୍ଗଝୁ, ୨୭।୯ (ଏଜେନ୍ସି): ଦକ୍ଷିଣ କୋରିଆରେ ଚାଲିଥିବା ବିଶ୍ୱ ପାରା ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତର ଶୀତଲ ଦେବୀ ଓ ତୋମନ କୁମାର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। କମ୍ପାଉଣ୍ଡ ଇଭେଣ୍ଟରେ ଉଭୟ ଏହି ସଫଳତା ପାଇଛନ୍ତି। ମହିଳା କମ୍ପାଉଣ୍ଡ ଫାଇନାଲରେ ଶୀତଲ ୧୪୬-୧୪୩ ସ୍କୋରରେ ତୁର୍କୀର ଓଜନୁର୍ କ୍ୟୁରେଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଚଳିତ ଚାମ୍ପିଅନସିପ୍‌ରେ ୧୮ ବର୍ଷୀୟା ଶୀତଲଙ୍କ ଏହା ୩ୟ ପଦକ। ଏଥିପୂର୍ବରୁ ସେ ମିକ୍ସଡ ଟିମ୍‌ରେ କାଂସ୍ୟ ଓ ମହିଳା କମ୍ପାଉଣ୍ଡ ଓପନ୍ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ଅପରପକ୍ଷରେ ପୁରୁଷ କମ୍ପାଉଣ୍ଡ ଫାଇନାଲ ଦୁଇ ଭାରତୀୟ ଖେଳାଳି ତୋମନ ଓ ରାକେଶ କୁମାରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ନାଟକୀୟ ଭାବେ ପ୍ରଥମ ସେଟ୍ ଚାଲିଥିବାବେଳେ ରାକେଶ ଉପକରଣ ଖରାପ ହୋଇଯିବାରୁ ତାଙ୍କୁ ଓହରିଯିବାକୁ ପଡ଼ିଥିଲା। ଫଳରେ ତୋମନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

### ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

## ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଶୈଳେଶ

ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି):



ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱାଦଶ ସଂସ୍କରଣ ବିଧିବଦ୍ଧ ଭାବେ ଶନିବାରଠାରୁ ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛି। ଶୈଳେଶ କୁମାର ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ହାଇଜମ୍ପର ଟି-୪୨/୬୩ ବର୍ଗରେ ଶୈଳେଶ ଏହି ସଫଳତା ପାଇଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ବରୁଣ ସିଂହ ଭାଟି ମଧ୍ୟ କାଂସ୍ୟ ପଦକ ହାସଲ କରିଛନ୍ତି।

ପୁରୁଷ ହାଇଜମ୍ପରେ ଡିଫେଣ୍ଡିଂ ପାରା ଅଲିମ୍ପିକ ଚାମ୍ପିଅନ ଆମେରିକାର ଏଜରା ଫ୍ରେଚ୍‌ଙ୍କୁ ପଛରେ ପକାଇ ଶୈଳେଶ ବାଜିମାତ୍ କରିନେଇଥିଲେ। ଶୈଳେଶ ୧.୯୧ ମିଟର ଉଚ୍ଚକୁ ଡେଇଁ ଟି-୪୨ ବର୍ଗରେ ନୂଆ ଚାମ୍ପିଅନସିପ୍ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ହାତେଇଥିଲେ। ସେହିଭଳି ଫ୍ରେଚ୍ ୨ୟ ଓ ଭାରତର ବରୁଣ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ।

### ଦୀପ୍ତିଙ୍କୁ ରୌପ୍ୟ



ଭାରତର ଦୀପ୍ତି ଜୀବନଜୀ ମହିଳା ୪୦୦ ମିଟର ଟି୨୦ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଫାଇନାଲରେ ଦୀପ୍ତି ୫୫.୧୬ ସେକେଣ୍ଡରେ ରେସ୍ ଫିନିଶ କରି ୨ୟ ସ୍ଥାନରେ ରହିଥିଲେ। ତୁର୍କୀର ଆଇସେଲ ଓଣ୍ଡର (୫୪.୫୧ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ।

### ଜିଆୟାନ ଜିତିଲେ ପ୍ରଥମ ସ୍ୱର୍ଣ୍ଣ



ଚଳିତ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ପ୍ରଥମ ସ୍ୱର୍ଣ୍ଣ ପଦକ ଚାଇନାର ଜିଆୟାନ ୱେନଙ୍କ ନାମରେ ଲିପିବଦ୍ଧ ହୋଇଛି। ମହିଳା ଲଙ୍ଗ ଜମ୍ପର ଟି୩୭ ବର୍ଗରେ ଜିଆୟାନ ୫.୩୨ ମିଟର ଲମ୍ଫ ପ୍ରଦାନ କରି ପ୍ରଥମ ସ୍ଥାନରେ ରହିବା ସହ ପ୍ରତିଯୋଗିତା ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS